

୧୮ ବର୍ଷ ପରେ ଏକାଠି
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-127 ♦MONDAY ♦3 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୨୭ ♦ସୋମବାର ♦୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ବିଶ୍ୱବିଜୟିନୀ

## ଦ.ଆଫ୍ରିକାକୁ ହରାଇ ଭାରତର ପ୍ରଥମ ଟାଇଟଲ୍ ହାସଲ

■ **ନଭି ମୁମ୍ବଇ, ୨।୧୧ (ଏଜେନ୍ସି):** ଦୀର୍ଘ ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ଜିତିବା ସ୍ୱପ୍ନ ସାକାର ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ତ୍ରୟୋଦଶ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଘରୋଇ ଭାରତ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱ ମୁକୁଟ ପିନ୍ଧିଛି। ୨୯୯ ରନର ଟାର୍ଗେଟ୍‌କୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪୬ତମ ଓଭର ବୋଲିଂ କରିଥିବା ଦୀପ୍ତି ଶର୍ମାଙ୍କ ୩ୟ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ଦକ୍ଷିଣ ଆଫ୍ରିକାର ଶେଷ ବ୍ୟାଟର୍ ନାଦିନେ ଡି କ୍ଲର୍କ କଭର୍ ଅଞ୍ଚଳରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ୧୯୭୩ରୁ ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ଭାରତ ପ୍ରଥମଥର ଚାମ୍ପିଅନ ହେବାର ସ୍ୱାଦ ଚାଖିଛି।




ନୂଆପଡ଼ା ଉପନିର୍ବାଚନ

## ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ

■ **ଭୁବନେଶ୍ୱର, ୨।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତାକାଲି ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଧନମଣ୍ଡି ପଡ଼ିଆଠାରେ ଏକ ବିଶାଳ ନିର୍ବାଚନୀ ସଭାକୁ ନବୀନ ସମ୍ବୋଧନ କରିବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ରାଜନୈତିକ ତଥା ଭୌଗୋଳିକ ସମୀକରଣ ଦୃଷ୍ଟିରୁ ତରବୋଡ଼ ସମାବେଶ ବେଶ୍ ଗୁରୁତ୍ୱ ବହନ କରୁଛି। ନବୀନଙ୍କ ସଭାକୁ ନେଇ ବିଜେଡି କର୍ମୀଙ୍କ ଉତ୍ସାହ ଶୀର୍ଷରେ ପହଞ୍ଚିଥିବା ବେଳେ ବିଜେପି ଓ କଂଗ୍ରେସ ଏହାକୁ ବେଶ୍ ସତର୍କ ଦୃଷ୍ଟିରେ ଦେଖୁଛନ୍ତି। ନବୀନଙ୍କ ପ୍ରଚାର ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବଡ଼ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ ବିଜେପି ଓ କଂଗ୍ରେସ ଶିବିର ଏହାକୁ ନେଇ ଅଙ୍କ କଷିବାରେ ଲାଗିଛନ୍ତି। ପୂର୍ବରୁ ନବୀନଙ୍କ ସଭାକୁ ସଫଳ କରାଇ ନ ଦେବାକୁ ବିଜେପି ଉଦ୍ୟମ କରୁଥିବା ନେଇ ବିଜେଡି ଅଭିଯୋଗ କରିସାରିଛି। ଏପରିସ୍ଥଳେ ଆସନ୍ତାକାଲିର ସଭା ଉପନିର୍ବାଚନ ଫଳାଫଳକୁ ବେଶ୍ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆକଳନ ପ୍ରକାଶ ପାଉଛି।



**ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ**

**ଅଙ୍କ କଷୁଛନ୍ତି ବିଜେପି ଓ କଂଗ୍ରେସ**

ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ତରବୋଡ଼ରେ ସମାବେଶ ନିଷ୍ପତ୍ତି ପଛରେ ୨ଟି କାରଣ ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ତରବୋଡ଼ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା କୋମନା ବ୍ଲକ ଅଞ୍ଚଳରେ ଆସୁଥିଲେ ହେଁ ନୂଆପଡ଼ା ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ସମାବେଶ ଦୁଇଟି ବ୍ଲକ ଉପରେ ବ୍ୟାପକ ପ୍ରଭାବ ପକାଇବ। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀରେ କୋମନା ବ୍ଲକରେ ସର୍ବାଧିକ ଭୋଟର ଅଛନ୍ତି। ଏପରିକି କୋମନା ବ୍ଲକରେ ଅଧିକ ସଂଖ୍ୟାରେ ଭୋଟ ପାଉଥିବା ଦଳ ନୂଆପଡ଼ାରେ ବାଜିମାତ କରୁଥିବାର ଅତୀତର ଟ୍ରାକ ରେକର୍ଡ ରହିଛି। ତେଣୁ ବିଜେଡି ନେତୃତ୍ୱ ଏଠାରେ ସଭା କରି ଦୁଇବ୍ଲକର ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା କୁହାଯାଉଛି।

ଅପରପକ୍ଷେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ନୂଆପଡ଼ାରେ ପ୍ରଚାରରେ ବିଜେଡି ଆଗୁଆ ରହିଛି। ସ୍ଥାନୀୟ ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

## ଶଙ୍କର ଓ ମୁନ୍ନାକୁ ମୁହାଁମୁହିଁ ଜେରା

■ **ଭୁବନେଶ୍ୱର/କଟକ ୨।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ କ୍ରାଇମ୍ବ୍ରାଞ୍ଚ ଉତ୍ତରାଖଣ୍ଡ ରାଜ୍ୟର ନେପାଳ ସୀମାବର୍ତ୍ତି ଅଞ୍ଚଳରୁ ଗିରଫ କରିବା ପରେ ବିମାନ ଯୋଗେ ଓଡ଼ିଶା ଆଣିଛି। ଭୁବନେଶ୍ୱରରେ ପହଞ୍ଚିବା ପରେ କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶଙ୍କରକୁ ପ୍ରାୟ ୮ ଘଣ୍ଟା ଜେରା କରାଯାଇଛି। ଏସ୍‌ଆଇ ଚାକିରି ବିକ୍ରିକୁ ପ୍ରସଙ୍ଗରେ ଜେରା ବେଳେ ଶଙ୍କର ଆଦୌ ବ୍ୟସ୍ତ ବିବ୍ରତ ନ ଥିବା ଓ ପୁରା ଦମ୍ଭର ସହ କ୍ରାଇମବ୍ରାଞ୍ଚ ଟିମ୍କୁ ଉତ୍ତର ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଚାକିରି ବିକ୍ରି ମାମଲା ପର୍ଦ୍ଦାଫାସ ହେବା ପରେ ପ୍ରାୟ ୪ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଶଙ୍କର କ୍ରାଇମବ୍ରାଞ୍ଚ ଧରାଛୁଆଁ ବାହାରେ ଥିଲା। ତେଣୁ ଏହି ସମୟ ମଧ୍ୟରେ ସେ ସବୁପ୍ରକାର ପ୍ରମାଣ ନଷ୍ଟ କରିଥିବା ଅନୁମାନ କରାଯାଉଛି। ବିମାନବନ୍ଦରରୁ ତାକୁ କ୍ରାଇମ୍ବ୍ରାଞ୍ଚ ଟିମ୍ ଆଣୁଥିଲା ବେଳେ ସେ ସ୍ପଷ୍ଟ ଭାବେ ଆତ୍ମଗୋପନ କରି ନ ଥିବା ଓ ବିଭିନ୍ନ କୋର୍ଟରେ ଜାମିନ୍ ପାଇଁ ଆବେଦନ କରିଥିବା ଉଲ୍ଲେଖ କରି ଗିରଫ ଅଭିଯୁକ୍ତମାନଙ୍କ ସହ ତାର ସମ୍ପର୍କ ନ ଥିବା କହିଥିଲା। ଏଣୁ ବିମାନବନ୍ଦରରେ ସେ ଯେଉଁଭଳି ଦମ୍ଭ ଦେଖାଇଥିଲା, କ୍ରାଇମ୍ବ୍ରାଞ୍ଚ କାର୍ଯ୍ୟାଳୟରେ ମଧ୍ୟ ସେ ସେଭଳି କନ୍‌ଫିଡେଣ୍ଟ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଶଙ୍କର ଆତ୍ମଗୋପନ କରି ନ ଥିବା କହୁଥିବାବେଳେ ତାକୁ ପୁଲିସ ଓ କ୍ରାଇମବ୍ରାଞ୍ଚ ଧରିପାରି ନ ଥିଲା ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।



**ପ୍ରମାଣ ନଷ୍ଟ ପାଇଁ ୩୨ ଦିନ**

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜେରା ବେଳେ ଶଙ୍କରକୁ ୨୦ରୁ ଊର୍ଦ୍ଧ୍ୱର୍ ପ୍ରଶ୍ନ ପଚରାଯାଇଥିଲା। ଏସ୍‌ଆଇ ପରୀକ୍ଷା ପରିଚାଳନାରେ ପଞ୍ଚସପ୍ଟରର ଭୂମିକା କଣ ରହିଥିଲା? ସେ ସିଲିକନ୍ ଠାରୁ କେଉଁ ଆଧରରେ କାମ ନେଇଥିଲେ? ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାକୁ କଣ ପାଇଁ ପଠାଯାଇଥିଲା? ଏଥିରେ ତାଙ୍କର ଭୂମିକା କଣ ଥିଲା? ଏହି ମହା ଘୋଟାଲରେ ଆଉ କିଏ କିଏ ସାମିଲ ଅଛନ୍ତି? କେଉଁ ଅନ୍ତରାଜ୍ୟ ଗ୍ୟାଙ୍ଗ ସହ ତାଙ୍କର ସମ୍ପର୍କ ରହିଛି? ପ୍ରତ୍ୟେକ ଆଶାୟୀଙ୍କ ଠାରୁ କେତେ ଟଙ୍କା ନିଆଯାଇଥିଲା? ଏହି ଟଙ୍କା କାହା କାହା ମଧ୍ୟରେ ବଣ୍ଟା ଯାଇଛି? କେଉଁ ସରକାରୀ କର୍ମଚାରୀ ତାଙ୍କ ଲିଙ୍କ୍ରେ ରହି ଏଥିରେ ସହଯୋଗ କରୁଥିଲେ? ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ମୁନ୍ନା ମହାନ୍ତିଙ୍କୁ ସେ କିପରି ଆଉ କେବେ ଠାରୁ ଜାଣିଛନ୍ତି? ▶ପୃଷ୍ଠା-୭

### ୧୦୦୦ କୋଟିର ଡିଲ୍: ଶଙ୍କର

ଏସ୍‌ଆଇ ସ୍କାମ୍ରେ ହୋଇଛି ୧୦୦୦କୋଟିର ଡିଲ୍ ହୋଇଥିବା ଗଣମାଧ୍ୟମକୁ କହିଛନ୍ତି ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି। ଏୟାରପୋର୍ଟରୁ ତାଙ୍କୁ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ନିଆଯିବା ବେଳେ ଗଣମାଧ୍ୟମ ପ୍ରଶ୍ନରେ ଶଙ୍କର କହିଛନ୍ତି ଯେ ଏସ୍‌ଆଇ ଚାକିରି ପ୍ରସଙ୍ଗରେ ୧୦୦୦ କୋଟି ଡ଼ିଲ୍ ହୋଇଛି। ତେବେ ଏହି ଡିଲ୍ କାହା ସହ ହୋଇଥିଲାଓ ଡିଲ୍ର ମାଷ୍ଟରମାଇଣ୍ଡ କିଏ ସେ ନେଇ କିଛି କହି ନାହାନ୍ତି। ତାଙ୍କ କଥାରୁ ସ୍ପଷ୍ଟ ଅନୁମାନ କରାଯାଇ ପାରେ ଯେ ଶଙ୍କର ଏହି ଡିଲ୍ ବିଷୟରେ ସବୁକିଛି ଜାଣିଛନ୍ତି।

## ପରଲୋକରେ ମସଲା ସମ୍ରାଟ ଶରତ ସାହୁ

■ **କଟକ, ୨।୧୧ (ସମିସ):** ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ଆଜି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ବୟସାଧିକ୍ୟ କାରଣରୁ ଡ. ସାହୁ ଗତ ଅକ୍ଟୋବର ୩୦ ତାରିଖରେ ଲୀଳାବତୀରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଡ. ସାହୁଙ୍କ ପରଲୋକ ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ ଜଗତ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରୁଚି ମସଲାକୁ ଘରେ ଘରେ ପରିଚିତ କରାଇଥିବା ଡ. ସାହୁଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଗଭୀର ଶୋକପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ସାହୁଙ୍କ ପତ୍ନୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମୀ ସାହୁ, ପୁତ୍ରବଧୂ ସଲିନା ସାହୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

୧୯୫୦ ମସିହା ଜୁଲାଇ ୨୨ ତାରିଖରେ କଟକର ରାଣୀହାଟ ତେଲିସାହିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ନିଜ ପିତା ବନମାଳୀ ସାହୁଙ୍କ ସହିତ ମିଶି ୧୯୭୬ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳଠାରେ ଓମ୍ ଅୟେଲ୍ ଏଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। ଚଳିତବର୍ଷ ରାଜ୍ୟର ଏହି ସଫଳ ଅନୁଷ୍ଠାନ ରଥଯାତ୍ରା ଦିନ ତା'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରିଥିଲା। ଶରତ ବାବୁ ଛାତ୍ର ଜୀବନରେ ଜଣେ ଭଲିବଲ୍ ଓ କବାଡ଼ି ଖେଳାଳୀ ଭାବେ ସୁନାମ ଅର୍ଜନ କରିଥିଲେ ଏବଂ ରାଜ୍ୟ କବାଡ଼ି ଦଳର କ୍ୟାପଟେନ୍ ମଧ୍ୟ ଥିଲେ। ଓଡ଼ିଶା ରାଜ୍ୟ କବାଡ଼ି ଆସୋସିଏସନ୍‌ର ସଭାପତି ଭାବେ ଏହି କ୍ରୀଡ଼ାର ବିକାଶ ପାଇଁ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଓଡ଼ିଶାର ମସଲା ଶିଳ୍ପର ଜନକ ଭାବରେ ପରିଚିତ ଡ. ସାହୁ ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ଏବଂ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ କରୁଥିଲେ। ରାଜ୍ୟ ସରକାରଙ୍କ ▶ପୃଷ୍ଠା-୭



**'ରୁଚି' ପ୍ରତିଷ୍ଠାତାଙ୍କ ବିୟୋଗରେ ମୋହନ ଓ ନବୀନଙ୍କ ଶୋକ**

**ସୋମବାର ହେବ ଶେଷକୃତ୍ୟ**

କେନ୍ଦ୍ରର ଦ୍ୱୈତ ନୀତିକୁ ନେଇ ଦ୍ୱନ୍ଦ୍ୱରେ ପହରିଆ ଜାତି

## ଛତିଶଗଡ଼ରେ ଆଦିବାସୀ; ଓଡ଼ିଶାରେ ପଛୁଆବର୍ଗ

■ **ସିନାପାଲି,୨।୧୧ (ଶୁଭ୍ରାଂଶୁ ନାଏକ ):** ଘଞ୍ଚ ସବୁଜ ବନାନୀ ଜଙ୍ଗଲର ପ୍ରକୃତି କୋଳରେ କେଉଁ ଆଦିମ ଯୁଗରୁ ରହି ଆସୁଛନ୍ତି ପହରିଆ ଜନଜାତି। ଏହି ଜନଜାତିକୁ କେନ୍ଦ୍ର ସରକାର ଆଦିବାସୀର ମାନ୍ୟତା ଦେଇ ନ ଥିବାରୁ ସେମାନେ ଅନେକ ଜନକଲ୍ୟାଣ ଯୋଜନାରୁ ଏମାନେ ବଞ୍ଚିତ ହେଉଛନ୍ତି ଓ ସୁବିଧା ସୁଯୋଗରୁ ବଞ୍ଚିତ ହେବାରୁ ସେମାନେ ଏବେ ଓଡ଼ିଶା ଛାଡ଼ି ଛତିଶଗଡ଼ମୁହାଁ ହୋଇଛନ୍ତି। ପହରିଆ ବର୍ଗର ଲୋକମାନଙ୍କ ଚାଲିଚଳଣି, ଭାଷା, ବେଶ ଭୂଷା, ଯାନିଯାତ୍ରା, ପର୍ବପର୍ବାଣୀ ସମେତ ଅନ୍ୟାନ୍ୟ ପାରମ୍ପରିକ ନୀତି ଭିନ୍ନ ଓ ଆଦିବାସୀ ମାନ୍ୟତା ପାଇବା ପାଇଁ ସବୁ ସର୍ତ୍ତକୁ ଏହି ବର୍ଗ ପୂରଣ କରିଛି। ମାତ୍ର ଓଡ଼ିଶାରେ ପହରିଆ ସମ୍ପ୍ରଦାୟର ଲୋକମାନେ ପଛୁଆ ବର୍ଗରେ ଥିବାବେଳେ ପଡ଼ୋଶୀ ଛତିଶଗନରେ ପହରିଆଙ୍କୁ ଅନୁସୂଚୀତ ଜନଜାତି ମାନ୍ୟତା ମିଳିଛି। ଓଡ଼ିଶା ସୀମା ଆରପଟେ ଛତିଶଗଡ଼ରେ ପହରିଆମାନେ ଆଦିବାସୀମାନଙ୍କୁ ଦିଆଯାଇଥିବା ସୁବିଧା ସୁଯୋଗ ପାଉଛନ୍ତି; ମାତ୍ର ସୀମା ଏପଟେ ଥିବା ଓଡ଼ିଶାର ପହରିଆମାନେ ଏହି ସୁବିଧାସୁଯୋଗରୁ ବଞ୍ଚିତ ହୋଇଛନ୍ତି।

**ଜନଜାତି ମାନ୍ୟତା ଦେବାକୁ ପୂର୍ବ ସରକାର ଲେଖିଥିଲା ଚିଠି**

**ବାରମ୍ବାର ଦାବି ସତ୍ତ୍ୱେ ବିଚାର କରୁନାହାନ୍ତି କେନ୍ଦ୍ର ସରକାର**

ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଏହି ଜନଜାତିର ଲୋକେ ବସବାସ କରିଛନ୍ତି। ସିନାପାଲି ବ୍ଲକର ନଙ୍ଗଲବୋର୍ଡ, ଖଇରପଦର ଘାଟମାଳ, ଝାରବନ୍ଧ, ନୂଆମାଳପଡ଼ା, ମଖାପଦର ସମେତ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣ ଜଙ୍ଗଲ ଘେରା ଜଙ୍ଗଲ ଅଞ୍ଚଳରେ ବିଶେଷ ଭାବରେ ବସତି ସ୍ଥାପନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି କିଛି ଲୋକ ଜଙ୍ଗଲ ଜମିକୁ ଦଖଲ କରି ସେମାନେ ଚାଷ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଏହାର ପଟ୍ଟା ମିଳୁନାହିଁ। ଫଳରେ ସେମାନେ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି ଓ ଆବାସ ପରି ଯୋଜନାରୁ ବାଦ୍ ପଡ଼ିଛନ୍ତି। ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି ଓ ସେଥିରୁ ଲବ୍ଧ ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ଅଧୁନିକ ଯୁଗରେ ଏହି ଉପକରଣର ସେତେଟା ଚାହିଦା ନ ଥିବା ବେଳେ ପରିବାର ଚଳାଇବା କଷ୍ଟକର ହେବା ସହ କୌଳିକ ବୃତ୍ତି ବୁଡ଼ିବାକୁ ଯାଉଛି ବୋଲି ଏହି ଜନଜାତି ର ଲୋକେ ପ୍ରକାଶ କରିଛନ୍ତି।

ଏହି ସମ୍ପ୍ରଦାୟର ଲୋକମାନେ ଆଦିବାସୀ ମାନ୍ୟତା ପାଇଁ ବହୁବାର କେନ୍ଦ୍ର ସରକାର ଙ୍କ ନିକଟରେ ଦାବି ଜଣାଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଏହି ବର୍ଗକୁ ଆଦିବାସୀ ମାନ୍ୟତା ଦେବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ▶ପୃଷ୍ଠା-୭

## ଅମିନ, ଏଆରଆଇଙ୍କ ପଦୋନ୍ନତି ରଦ୍ଦ

■ **କେନ୍ଦୁଝର, ୨।୧୧ (ସମିସ):** କେନ୍ଦୁଝର ଜିଲ୍ଲାରେ ୨୦୧୯ରେ ହୋଇଥିବା ଅମିନ, ଏଆରଆଇ ଓ ଆରଆଇଙ୍କ ପଦୋନ୍ନତିରେ ଅନିୟମିତତା ହୋଇଥିବାରୁ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ଏହାକୁ ରଦ୍ଦ କରିଛନ୍ତି। ରିଟ୍ ପିଟିସିନ ନମ୍ବର ୩୬୩/୨୦୧୯ ରେ ସଞ୍ଜୟ କୁମାର ପେରେଇ, ରୋହିତ କୁମାର ନାୟକ, ସୁଧାଂଶୁ ଶେଖର ପାତ୍ର ଏବଂ ଅନ୍ୟମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର କେନ୍ଦୁଝର ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦକରି ଅକ୍ଟୋବର ୩୧ ତାରିଖ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଆଦେଶ ଅନୁଯାୟୀ ଯେଉଁମାନେ ବିଭାଗୀୟ ପଦୋନ୍ନତି ପାଇଛନ୍ତି ସେମାନେ ପୂର୍ବ କ୍ୟାଡରକୁ ଫେରିବେ ଏବଂ ସେମାନେ କାମ କରି ଥିବା ସମୟର ଦରମା ଓ ଅନ୍ୟ ସୁବିଧା ବାବଦକୁ ଅର୍ଥ ରିକୋଭରି ହେବ ନାହିଁ। ବରିଷ୍ଠତା ଏବଂ ମେରିଟ୍‌କୁ ଭିତ୍ତି କରି ଯୋଗ୍ୟମାନଙ୍କୁ ପଦୋନ୍ନତି ଦେବାକୁ ଆଦେଶ ହୋଇଛି। ଉକ୍ତ ପଦୋନ୍ନତିକୁ ରଦ୍ଦ କରିବା ପଦୋନ୍ନତି ପାଇଥିବା ଅମିନ, ଏଆରଆଇ ଓ ଆରଆଇ ▶ପୃଷ୍ଠା-୭



**ସାନି ଡିପିସି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**


**ବିଶ୍ୱସ୍ତରୀୟ ବରମୁଣ୍ଡା ବସ୍ ଟର୍ମିନାଲ୍**

## ୧୫ ମାସରେ ନାରଖାର

■ **ଭୁବନେଶ୍ୱର, ୨।୧୧ (ସମିସ):** ଭୁବନେଶ୍ୱର ବରମୁଣ୍ଡାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ୨୦୨୪ ମସିହାରେ କୋଟିକୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଇ ଏହାକୁ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିଲା। ଯାହା ବିଶ୍ୱସ୍ତରୀୟ ବସ୍ ଟର୍ମିନାଲର ମାନ୍ୟତା ହାସଲ କରିଥିଲା। କିନ୍ତୁ ସରକାର ବଦଳିବା ପରେ ବସ୍ ଟର୍ମିନାଲ ପରଚାଳନା ଏବଂ ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଇପାରୁ ନାହିଁ। ଟର୍ମିନାଲ୍ ଭିତରେ ଏସି କାମ କରୁ ନ ଥିବା ବେଳେ ପାଣି ଟ୍ୟାପ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ସେହିଭଳି ଭିତରେ ପଡ଼ିଥିବା ବିଶ୍ରାମ ଚେୟାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଗଲାଣି।

ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲରୁ ପ୍ରତିଦିନ ଦୈନିକ ୩ ହଜାର ବସ୍‌ରେ ୨୦ ହଜାରରୁ ଅଧିକ ଯାତ୍ରୀ ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। ଟର୍ମିନାଲ ଭିତରେ ଏସି ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡୁଛି। ଖରାଦିନ ତ ଖରାଦିନ ରାତି ଏବଂ ବର୍ଷା ଦିନେ ମଧ୍ୟ ଭିତରେ ଗୁଲୁଗୁଲି ଅନୁଭୂତ ହେଉଛି। ବିଡିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ଏହି କମ୍ପାନୀ ଅନ୍ୟ ଏକ ଡ଼ାଇକିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। କିନ୍ତୁ ବାହାଘର ପରେ ବେଦି ମୁହଁ ପୋଡ଼ା ଭଳି ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ଠିକ୍ ଭାବେ ପରିଚାଳନା କରା ନ ଯିବାରୁ ବାରମ୍ବାର ଏସି ସମସ୍ୟା ଦେଖାଦେଉଛି। ସେହିଭଳି ଟର୍ମିନାଲ ଭିତରେ ପିଲାଙ୍କ ପାଇଁ ଗେମ୍ ଜୋନ୍ ରହିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଭାଙ୍ଗିରୁଜି ଗଲାଣି। ▶ପୃଷ୍ଠା-୭





## ପତ୍ନୀ-ଝିଅ, ଶାଳୀଙ୍କୁ ହତ୍ୟାକରି ଆତ୍ମହତ୍ୟା

ହାଇଦରାବାଦ୍,୨।୧୧ (ଏଜେନ୍ସି): ତେଲଙ୍ଗାନାର ବିକାରାବାଦ ଜିଲ୍ଲାରେ ପାରିବାରିକ ବିବାଦ କାରଣରୁ ଜଣେ ବ୍ୟକ୍ତି ବିଭତ୍ସ କାଣ୍ଡ ଘଟାଇଛନ୍ତି। ଶନିବାର ରାତିରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ପତ୍ନୀ, ୧୦ ବର୍ଷର ଝିଅ ଓ ଶାଳୀଙ୍କୁ ହତ୍ୟା କରି ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା କୁଲକାଚେରଲେ ମଣ୍ଡଳରେ ରାତି ୨ରୁ ୩ଟା ମଧ୍ୟରେ ଘଟିଥିଲା ଓ ପୁଲିସ ଏ ନେଇ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପତି ଓ ପତ୍ନୀଙ୍କ ମଧ୍ୟରେ ଲାଗାତର ପାରିବାରିକ ବିବାଦ ଚାଲୁଥିଲା ଓ ଏଥିପାଇଁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ଅଭିଯୁକ୍ତ ବଡ଼ ଝିଅ ଉପରେ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ ସେ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ରାତିରେ ବାପା ଓ ମାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ବଡ଼ ଝିଅ କହିଛି। ଏହାପରେ ମା ଘର ଛାଡି ଚାଲିଯାଇଥିଲେ। କିନ୍ତୁ ମାଉସୀ ସହିତ ମା ଘରକୁ ଫେରିଥିଲେ। ରାତିରେ ସବୁ ଶୋଇଥିବା ବେଳେ ବାପା ଏହି କାଣ୍ଡ ଘଟାଇଥିଲେ। କୌଣସି ମତେ ବାହାରକୁ ଆସି ଜୀବନ ବଞ୍ଚାଇଥିଲି ବୋଲି ସେ କହିଛି। ପୁଲିସ ଆକ୍ରମଣରେ ବ୍ୟବହୃତ ହୋଇଥିବା ଅସ୍ତ୍ର ଜବତ କରିଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଆଗକୁ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି।

## ଲାଇଟ୍ ବନ୍ଦ କରିବାକୁ ନେଇ ହତ୍ୟା


ବେଙ୍ଗାଲୁରୁ,୨।୧୧(ଏଜେନ୍ସି): ବେଙ୍ଗାଲୁରୁର ଗୋବିନ୍ଦରାଜ ନଗରରେ ଏକ କାର୍ଯ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ଜଣେ ସାଧାରଣ କର୍ମଚାରୀ ଡମ୍ବେଲରେ ନିଜ ମ୍ୟାନେଜରଙ୍କୁ ପିଟି ପିଟି ହତ୍ୟା କରିଛି। ଏମ୍‌ସି ଲେଆଉଟ ନିକଟରେ ଥିବା ଏକ ଡିଜିଟାଲ ଭଲ୍ଟ ଓ ଫଟୋ ଏଡିଟିଂ ଫାର୍ମରେ ଏହି ଘଟଣା ଘଟିଛି। ୨୪ ବର୍ଷୀୟ କର୍ମଚାରୀ ସୋମଲା ଭାମ୍‌ସୀ ଲାଇଟ୍ ବନ୍ଦ କରିବା ନେଇ ଏକ ମାମୁଲି କାରଣ ପାଇଁ ନିଜ ମ୍ୟାନେଜର ୪୧ ବର୍ଷୀୟ ଭିମେଶ ବାବୁଙ୍କୁ ପିଟି ପିଟି ହତ୍ୟା କରିଛି। ଅଭିଯୁକ୍ତ ସୋମଲା ଜଣେ ଟେକ୍ନିକାଲ ଏକଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିଲା। ପୁଲିସ ଏହି ଘଟଣା ହତ୍ୟା ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପୁଲିସ ସୋମଲାକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଭିମେଶଙ୍କୁ ଅତ୍ୟଧିକ ଆଲୋକ ନେଇ ସମସ୍ୟା ଥିଲା। ଅତି ଆବଶ୍ୟକ ନହେଲେ ସେ ନିଜ କର୍ମଚାରୀଙ୍କୁ ଲାଇଟ୍ ନ ଜଳାଇ ବନ୍ଦ କରିବାକୁ କହିଥାନ୍ତି। କିନ୍ତୁ ଶୁକ୍ରବାର ରାତି ୧ଟାରେ ସେ ଭିମେଶ ସୋମଲାଙ୍କୁ ଲାଇଟ୍ ବନ୍ଦ କରିବାକୁ କହିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରିଥିବାରୁ ସୋମଲାଙ୍କ ସହ ତାଙ୍କ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୋମଲା ଡମ୍ବେଲରେ ଭିମେଶଙ୍କ ଛାତି, ମୁହଁ, ମୁଣ୍ଡ ଉପରେ ଏକାଧିକ ବାର ଆକ୍ରମଣ କରିଥିଲା। ଫଳରେ ଭିମେଶ ବେହୋଶ ହୋଇ ତଳେ ପଡିଯାଇଥିଲେ। ଏହାପରେ ସେମଲା ଡରିଯାଇ ବ୍ୟସ୍ତ ହୋଇଥିଲା। ନିଜ ବନ୍ଧୁମାନଙ୍କୁ ଡାକି ସେ ଆମ୍ବୁଲାନ୍ସ ଡକାଇଥିଲା। କିନ୍ତୁ ଆମ୍ବୁଲାନ୍ସ କର୍ମଚାରୀ ଭିମେସଙ୍କୁ ମୃତ ବୋଲି ଘୋଷିତ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା ଆମ୍ବୁଲାନ୍ସ: ଦମ୍ପତି ମୃତ

ବେଙ୍ଗାଲୁରୁ,୨।୧୧(ଏଜେନ୍ସି): ଦ୍ରୁତଗତିରେ ଯାଉଥିବା ଏକ ଆମ୍ବୁଲାନ୍ସ ନାଲି ବତୀ ପାରକରି ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ବେଙ୍ଗାଲୁରୁର ସଡ଼କ ରକ୍ତରଞ୍ଜିତ ହୋଇଛି। ସାଧାରଣ ଲୋକଙ୍କ ଜୀବନ ବଞ୍ଚାଉଥିବା ଆମ୍ବୁଲାନ୍ସ ହିଁ ଏହି ଘଟଣା ଘଟାଇଛି। ଟ୍ରାଫିକ୍ ନିୟମ ମାନି ଏକ ଦମ୍ପତି ସ୍କୁଟିରେ ରେଡ୍ ଲାଇଟ୍‌ରେ ରହିଥିଲେ। କିନ୍ତୁ ପଛପଟୁ ଆମ୍ବୁଲାନ୍ସ ଦ୍ରୁତଗତିରେ ଆସି ନିୟନ୍ତ୍ରଣ ହରାଇ ଅନ୍ୟ ଗାଡିଗୁଡିକୁ ଧକ୍କା ଦେବା ସହ ସ୍କୁଟି ଉପରେ ଚଢ଼ିଯାଇଥିଲା। ଫଳରେ ସ୍କୁଟିରେ ବସିଥିବା ଦମ୍ପତି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଆଉ ଦୁଇଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଙ୍ଗାଲୁରୁ ରିଚମଣ୍ଡ ସର୍କଲରେ ଶନିବାର ରାତି ୧୧ଟାରେ ଏହି ଘଟଣା ଘଟିଛି। ଧକ୍କା ଦେଇ ଆମ୍ବୁଲାନ୍ସ କିଛି ବାଟ ଯିବା ପରେ ଏକ ପୁଲିସ ପୋଷ୍ଟରେ ଧକ୍କା ଦେଇ ରହିଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ୱିଲସନ ଗାର୍ଡେନ ଟ୍ରାଫିକ ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣା ନେଇ ତଦନ୍ତ ଆରମ୍ଭ ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଅଶୋକଙ୍କୁ ପୁଲିସ ଗିରଫ କରିବା ସହ ମାମଲା ରୁଜୁ କରିଛି।

## ନୈନିତାଲରେ କାର୍ ଓଲଟି ୨ ମୃତ

ନୈନିତାଲ,୨।୧୧(ଏଜେନ୍ସି): ଉତ୍ତରାଖଣ୍ଡର ନୈନିତାଲରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର ୫୦ ମିଟର ଘାଇକୁ ଖସିବା ଫଳରେ ଦୁର୍ଘଟଣା ଶିକାର ହୋଇଛି। ଏଥିରେ ୨ଜଣ ମୃତ୍ୟୁବରଣ କରିଥିବା ବେଳେ ୧୬ ଜଣ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡ୍ରାଇଭରଙ୍କ ସମେତ ୧୮ ଜଣ ପର୍ଯ୍ୟଟକଙ୍କ ଏକ ଦଳ ବାବା ନିବ କରୋରୀ କାଞ୍ଚି ଧାମ୍‌ରୁ ଦର୍ଶନ ସାରି ଫେରୁଥିଲେ। ଏହି ଗାଡ଼ିରେ ଗୋଟିଏ ପରିବାରର ଲୋକ ହିଁ ଯାତ୍ରା କରୁଥିଲେ। ଶନିବାର ରାତି ୧୨ଟାରେ ଗାଡ଼ି ଯେତେବେଳେ ଜ୍ୟୋଲିକୋଟର ମିତିଆଲି ବ୍ୟାଣ୍ଡ ପାଖରେ ପହଞ୍ଚିଲା, ସେତେବେଳେ ଡ୍ରାଇଭର ଗାଡି ଉପରେ ନିଜର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡି ୫୦ ମିଟର ଘାଇକୁ ଖସି ପଡିଥିଲା। ଡ୍ରାଇଭର ନିଶାରେ ଥିଲା ଓ ତାଙ୍କୁ ଗାଡ଼ି ରୋକିବାକୁ କୁହାଯାଇଥିଲ। କିନ୍ତୁ ସେ ଗାଡ଼ି ଅଟକାଇ ନଥିଲା ବୋଲି ଆହତ ଯାତ୍ରୀମାନେ କହିଛନ୍ତି। ସୂଚନା ପାଇବା ମାତ୍ରେ ପୁଲିସ, ଏସ୍‌ଡିଆରଏଫ୍ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ସୁଶୀଳା ତିୱାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲୁ ରହିଛି।



# ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ ଖୋଲିଲା

କାଏରୋ,୨।୧୧(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଇଜିପ୍ଟର ଗିଜାର ପିରାମିଡ୍ ନିକଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ୍ 'ଗ୍ରାଣ୍ଡ ଇଜିପ୍ସିଆନ୍ ମ୍ୟୁଜିୟମ' (ଜିଇଏମ୍) ଖୋଲାଯାଇଛି। ଶନିବାର ସର୍ବସାଧାରଣଙ୍କ ପାଇଁ ମ୍ୟୁଜୟମକୁ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ମ୍ୟୁଜିୟମର ଉଦ୍‌ଘାଟନୀ ଉତ୍ସବକୁ ଭବ୍ୟ କରାଯିବା ପାଇଁ ସବୁ ପ୍ରକାର ପ୍ରୟାସ କରାଯାଇଥିଲା। ଏଥିରେ ଇଜିପ୍ଟ ରାଷ୍ଟ୍ରପତି ଅବଡେଲ ଫତା

### ପ୍ରତିବର୍ଷ ଆସିବେ ୮୦ ଲକ୍ଷ ଲୋକ

ଏଲ-ସିସିଙ୍କ ସମେତ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଯୋଗ ଦେଇଥିଲେ। ଏକ ବିଲିଅନ ଆମେରିକୀୟ ଡଲାର ଅର୍ଥାତ ୮୮, ୭୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ମ୍ୟୁଜିୟମ ନିର୍ମାଣ କରାଯାଇଛି। ଏହି ମ୍ୟୁଜିୟମର ସ୍ୱତନ୍ତ୍ରତା ହେଉଛି ଯେ, ଏଠାରେ ବାଳକ ରାଜା ଟୁଟାନଖାମୁନଙ୍କ ସମାଧି ରହିଛି। ବ୍ରିଟିସ୍ ପ୍ରତ୍ନତତ୍ତ୍ୱବିତ୍ ହାୱାର୍ଡ କାର୍ଟର ୧୯୨୨ରେ ଏହି ସମାଧିକୁ ଆବିଷ୍କାର କରିଥିଲେ। ଟୁଟାନଖାମୁନ ମାତ୍ର ୯ ବର୍ଷରେ ଇଜିପ୍ଟର ସିଂହାସନ ଆରୋହଣ କରିଥିଲେ ଓ ୧୮-୧୯ ବର୍ଷରେ ମୃତ୍ୟୁବରଣ କରିଥିଲେ। ଖ୍ରୀଷ୍ଟପୂର୍ବ ୧୩୩୨ରୁ -୧୩୨୩ ପର୍ଯ୍ୟନ୍ତ ସେ ଶାସନ କରିଥିଲେ। ତାଙ୍କର ଏହି କବର ୩,୦୦୦ ପର୍ଯ୍ୟନ୍ତ ଦବି ରହିଥିଲା। ପଥର ଓ ଅବର୍ଜନା କାରଣରୁ ଏହି ସମାଧି ଲୁଚି ରହିଥିଲା। ଏବେ ଏହି ମ୍ୟୁଜିୟମରେ ୫୦ ହଜାରରୁ ଉର୍ଦ୍ଧ୍ୱ ଐତିହାସିକ ବସ୍ତୁ ପ୍ରଦର୍ଶିତ ହୋଇଛି। ଏଠାରେ ୪୫୦୦ ବର୍ଷ ପୁରୁଣା ଖୁଫୁଙ୍କ ନୌକା, ୩୨୦୦ ବର୍ଷ ପୁରୁଣା ରାମେସେସ-୨ଙ୍କ ମୂର୍ତ୍ତି ଦେଖିବାକୁ ମିଳିବ। ଏଥିରେ ୫୫୦୦ରୁ ଅଧିକ କଳାକୃତି ମିଳିଥିଲା। ଏବେ ପ୍ରଥମଥର ପାଇଁ ଏସବୁ ସାଧାରଣ ଦର୍ଶକଙ୍କ ପାଇଁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ ହେଉଛି। ଏଠାରେ ଏକ ଲକ୍ଷ ପ୍ରାଚୀନ କଳାକୃତି ରହିଛି। ଏହା ଇଜିପ୍ଟର ୭,୦୦୦ ବର୍ଷ ପୁରୁଣା ଇତିହାସକୁ ପ୍ରଦର୍ଶିତ କରୁଛି। ଏହାକୁ ଆଧୁନିକ ଯୁଗର ସର୍ବବୃହତ ସାଂସ୍କୃତିକ ଓ ଗବେଷଣା କେନ୍ଦ୍ର ଭାବେ ବିବେଚନା କରାଯାଉଛି।

# ଭାରତୀୟଙ୍କ ପାଇଁ କାଳ ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସ



ୱାସିଂଟନ,୨।୧୧(ଏଜେନ୍ସି):

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକାର ରହୁଥିବା ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ଅର୍ଥାତ ଘୃଣାର ଅପରାଧ ୯୧ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଦକ୍ଷିଣ ଏସୀୟ ଲୋକଙ୍କ ବିରୋଧରେ ଅନଲାଇନ୍ ଘୃଣା ସୀମିତ ଥିଲା। ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ୪୬,୦୦୦ ଟ୍ରୋଲିଂ ଓ ୮୮୪ଟି ଧମକ ମିଳିଥିଲା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ହିଁ ସ୍ଥିତି ଆହୁରି ବିଗିଡି ଯାଇଛି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ଟ୍ରୋଲିଂ ୮୮,୦୦୦ରେ ପହଞ୍ଚିଛି। ଅର୍ଥାତ ଏଥିରେ ୯୧ ପ୍ରତିଶତ ବୃଦ୍ଧି ହୋଇଛି। ଡିସେମ୍ବରରେ ଟ୍ରମ୍ପ-ମସ୍କ- ରାମାସ୍ୱାମୀ ଯୁକ୍ତିତର୍କ ପରେ ୭୬ ପ୍ରତିଶତ ଧମକ ଚାକିରି ଛାଡିବା ନେଇ ଦିଆଯାଇଛି। ଟ୍ରମ୍ପ ଏଚ୍-୧ବି ଭିସାର ପାଉଣା ବଢ଼ାଇବା ଓ ୧୦୪ ଭାରତୀୟଙ୍କୁ ଆମେରିକାକୁ ବିଦା କରିବା ପରେ ସ୍ଥିତି ଆହୁରି ସଂଗୀନ ହୋଇଥିଲା। ଏହାପରେ ଟେକ୍ସାସ, ଭିର୍ଜିନିଆ ଓ କାଲିଫର୍ଣ୍ଣିଆରେ ମନ୍ଦିର ଉପରେ ଆକ୍ରମଣ ଓ ଗୁଳିମାଡ଼ ଘଟଣା ବୃଦ୍ଧି ପାଇଥିଲା। ୨୦୨୪ ନଭେମ୍ବର ଓ ୨୦୨୫ ଅକ୍ଟୋବର ମଧ୍ୟରେ ଆମେରିକାର ବିଭିନ୍ନ ସହରରେ ଭାରତୀୟଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆମେରିକାରୁ ଭାରତୀୟଙ୍କୁ ବାହାର କରିବା ନେଇ ସ୍ଲୋଗାନରେ ଯଥେଷ୍ଟ ବୃଦ୍ଧି ଘଟିଛି। ଟ୍ରମ୍ପଙ୍କ କେତୋଟି ବିବାଦୀୟ ନୀତି କାରଣରୁ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ବୃଦ୍ଧି ପାଇଛି। ଏହିକ୍ରମରେ ସୋସିଆଲ ମିଡିଆରେ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ପୋଷ୍ଟ, ଅନ୍‌ଲାଇନ୍ ଟ୍ରୋଲିଂ ଯଥେଷ୍ଟ ବୃଦ୍ଧିପାଇଛି। କେବଳ ଭାରତୀୟ ନୁହେଁ ପୂରା ଦକ୍ଷିଣ ଏସିଆର ନାଗରିକଙ୍କୁ ମଧ୍ୟ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଟାର୍ଗେଟ କରାଯାଉଛି।

### ଭାରତୀୟଙ୍କ ପ୍ରତି ହେଟ୍ କ୍ରାଇମ୍ ୯୧ ପ୍ରତିଶତ ବୃଦ୍ଧିପାଇଛି

### ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି

### ଏଚ୍-୧ବି ଭିସା ନେଇ ଧମକ ମିଳୁଛି

ଏହି ସମସ୍ୟା ପାଇଁ ମୁଖ୍ୟତଃ ୪ଟି କାରଣ ରହିଛି। ଆମେରିକା ସମେତ ୟୁରୋପ ଓ ଅଷ୍ଟ୍ରେଲିଆରେ ପ୍ରବାସୀଙ୍କ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି। ଏହି ଭାବନା ସାରା ବିଶ୍ୱରେ ଦେଖାଯାଇଛି ଓ ଏହା ଦକ୍ଷିଣ ପନ୍ଥୀ ରାଜନୀତିର ମୁଖ୍ୟ ଅସ୍ତ୍ର ମଧ୍ୟ ପାଲଟିଛି। ପ୍ରଥମଟି ହେଲା ଏଚ୍-୧ବି ଭିସା ଉପରେ ଅସନ୍ତୋଷ ଓ ରାଗ ଦେଖିବାକୁ ମିଳିଛି। ଏହି ଭିସା ନେଇ ଭାରତୀୟମାନେ ଅପେକ୍ଷାକୃତ କମ୍ ଯୋଗ୍ୟ ହୋଇଥିଲେ ମଧ୍ୟ ଆମେରିକୀୟଙ୍କ ଚାକିରି ନେଉଛନ୍ତି। ପୁଣି ଗୋରା ଲୋକମାନେ ନିଜର ପତିଆରା ବୃଦ୍ଧି କରିବାକୁ ଚାହୁଁଛନ୍ତି ଓ ଏହା ଏବେ ଚରମ ସୀମାରେ ପହଞ୍ଚିଛି। ସେହିପରି ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟ ଭାରତୀୟଙ୍କୁ ସମସ୍ୟାରେ ପକାଇଛି। ଏହି ବାଣିଜ୍ୟ ଚୁକ୍ତି ଭାରତୀୟଙ୍କ ବିରୋଧରେ ଘୃଣାକୁ ଦ୍ୱିଗୁଣିତ କରୁଛି। ଫ୍ଲୋରିଡାରେ ଜଣେ ଭାରତୀୟ ଶିଖ ଡ୍ରାଇଭର ଟ୍ରକ୍ ଚଢ଼ାଇଦେବା ଫଳରେ ୩ ଆମେରିକୀୟଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବଢ଼ାଇ ଚଢ଼ାଇ ଉପସ୍ଥାପନ କରାଯିବା ଫଳରେ ଆମେରିକାରେ ଭାରତୀୟଙ୍କ ପ୍ରତି ଘୃଣାଭାବ ବୃଦ୍ଧି ପାଇଛି।

## ନାଇଜେରିଆ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ଧମକ

ୱାସିଂଟନ,୨।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆ ଉପରେ ଆମେରିକା ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ଦେଶରେ ଯଦି ଖ୍ରୀଷ୍ଟିଆନ ନାଗରିକଙ୍କ ହତ୍ୟା ତଥା ନରସଂହାର ରୋକା ନଯାଏ ତେବେ ଆମେରିକା ଆକ୍ରମଣ କରିବ ବୋଲି ସେ ଚେତାଇ ଦେଇଛନ୍ତି। ପୁଣି ଆମେରିକା ନାଇଜେରିଆକୁ ଆର୍ଥିକ ତଥା ସୈନ୍ୟ ସହାୟତା ରୋକିବ। ଯଦି ଆବଶ୍ୟକ ପଡେ ଆମେରିକା ବନ୍ଧୁକ ସହ ନାଇଜେରିଆ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀଙ୍କୁ ଆମେରିକା ନିପାତ କରିବ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ନାଇଜେରିଆରେ ଗତ ଜାନୁଆରୀରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଧାର୍ମିକ ହିଂସା କାରଣରୁ ୭,୦୦୦ରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟିଆନ ନାଗରିକଙ୍କୁ ହତ୍ୟା କରାଯାଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ନରସଂହାର ପଛରେ ବୋକୋ ହାରାମ ଓ ଫୁଲାନୀ ଉଗ୍ରବାଦୀ ଭଳି ଆତଙ୍କବାଦୀ ଗୋଷ୍ଠୀକୁ ଦାୟୀ କରାଯାଉଛି। ଯଦି ଆମେରିକା ଆକ୍ରମଣ କରେ ତେବେ ଏହା ଭୟାନକ ଓ କ୍ଷିପ୍ର ହେବ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି। ତେବେ ନାଇଜେରିଆରେ ଧାର୍ମିକ ଅସହିଷ୍ଣୁତା ବୃଦ୍ଧି ପାଉଛି ବୋଲି କହିବା ଭୁଲ ହେବ ବୋଲି ନାଇଜେରିଆ ରାଷ୍ଟ୍ରପତି ଅହମ୍ମଦ ଟୁନିବୁ କହିଛନ୍ତି।

# ଭାଇକୁ ମାରି ଭାଉଜଙ୍କୁ ଦୁଷ୍କର୍ମ ପରେ ହତ୍ୟା

ରାଜକୋଟ, ୨।୧୧ (ଏଜେନ୍ସି): ଗୁଜରାଟର ଜୁନାଗଡ଼ ସହରରୁ ପାଖାପାଖି ୫୦ କିମି ଦୂରରେ ଶୋଭାଭଦଲା ଗାଁର ଖୋଡିଆର ଆଶ୍ରମରେ ଜଣେ ୧୫ ବର୍ଷୀୟ ନାବାଳକ ଅଜବ କାଣ୍ଡ ଘଟାଇଛନ୍ତି। ଏହି ନାବାଳକ ନିଜ ବଡ଼ଭାଇଙ୍କୁ ମାରିବା ପରେ ନିଜ ଗର୍ଭବତୀ ଭାଉଜକୁ ଦୁଷ୍କର୍ମ କରିବା ପରେ ହତ୍ୟା କରିବା ଭଳି ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହଁ, ନାବାଳକ ଜଣଙ୍କ ଭାଉଜଙ୍କ ପେଟକୁ ଏତେଜୋରରେ ଗୋଇଠା ମାରିଥିଲେ ଯେ, ୬ ମାସର ଶିଶୁ ତାଙ୍କ ଗର୍ଭରୁ ବାହରକୁ ବାହାରି ଆସିଥିଲା। ଅକ୍ଟୋବର ୧୬ରେ ଏହି ଘଟଣା ଘଟିଥିଲା। ତେବେ ୩୧ ତାରିଖ ଶୁକ୍ରବାର ଏହା ସାମ୍ନାକୁ ଆସିଥିଲା। ଭାଇ ଓ ଭାଉଜଙ୍କ ମୃତଦେହକୁ ନଗ୍ନ କରି ନାବାଳକ ଜଣକ ଘରେ ଭିତରେ ହିଁ ପୋତିଦେଇଥିଲା। ଏହାପରେ ଦୁଇଜଣ ପୋଷାକରେ ନିଆଁ ଲଗାଇ ପୋଡି ଦେଇଥିଲା ଓ ରକ୍ତର ଛିଟାକୁ ପୋଛିଥିଲା।



ତା'ର ମା ବଡ଼ ପୁଅ ଓ ବୋହୂର ମୃତଦେହକୁ ପୋତିବାରେ ନାବାଳକଙ୍କୁ ସାହଯ୍ୟ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ମୃତକ ହେଉଛନ୍ତି ୨୨ ବର୍ଷୀୟ ଶିବମଗିରି ଓ ତାଙ୍କ ପତ୍ନୀ ହେଉଛନ୍ତି ୧୯ ବର୍ଷୀୟା କାଞ୍ଚନ କୁମାରୀ। ଶିବମଗିରି ଜଣେ ଇଲେକଟ୍ରିସିଆନ ଭାବେ କାର୍ଯ୍ୟ କରନ୍ତି। ନାବାଳକ ଜଣକ ଆଶ୍ରମର ଦେଖାଶୁଣା କରିବା ସହ ଗାଇଗୋରୁଙ୍କ ପାଳନ କରନ୍ତି। ଭାଇ ଶୋଇଥିବା ବେଳେ ସେ ଲୁହା ରଡ୍‌ରେ ପିଟି ତାଙ୍କୁ ହତ୍ୟା କରିଥିଲା। ଏହାପରେ ସେ ଭାଉଜଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିଲା। ଅଭିଯୁକ୍ତ ନାବାଳକ ପୁଲିସ ଆଗରେ ନିଜ ଅପରାଧ ସ୍ୱୀକାର କରିଛି। ସେ ନିୟମିତ ମଦ୍ୟପାନ କରୁଥିଲା। ମଦ ଛାଡିବାକୁ ବଡ଼ ଭାଇ ବାରମ୍ବାର କହୁଥିଲେ। ଫଳରେ ସେ ଭାଇକୁ ଘୃଣା କରୁଥିଲା ଓ ଏହି କାରଣରୁ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ବିହାରରୁ ଆସି ଏହି ପରିବାର ଗତ ୨୮ ବର୍ଷ ହେବ ଆଶ୍ରମରେ ରହୁଥିଲେ।

## ମେକ୍ସିକୋରେ ବିସ୍ଫୋରଣ; ୨୩ ମୃତ

ମେକ୍ସିକୋ ସିଟି,୨।୧୧(ଏଜେନ୍ସି): ଉତ୍ତର ଆମେରିକୀୟ ଦେଶ ମେକ୍ସିକୋର ସୋନାରା ରାଜ୍ୟରେ ହେର୍ମୋସିଲୋଠାରେ ଥିବା ଏକ ସୁପରମାର୍କେଟ୍‌ରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଏଥିରେ କେତେଜଣ ଛୋଟପିଲାଙ୍କ ସମେତ ୨୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା କରାଯାଉଛି। ଶନିବାର ଅପହରାହ୍ଣ ୨ଟାରେ ଏହି ବିସ୍ଫୋରଣ ହୋଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଆଖାପାଖ ଦୋକାନରେ ନିଆଁ ଲାଗିବାର ଆଶଙ୍କା ଥିଲା। ଫଳରେ ଦୋକାନଗୁଡିକୁ ବନ୍ଦ କରିଦିଆଯାଇଥିଲା। ଏହି ବିସ୍ଫୋରଣ ନେଇ ଯାଞ୍ଚ ଆରମ୍ଭ କରାଯାଇଛି ବୋଲି ସୋନାରା ଗଭର୍ନର ଅଲଫୋସୋ ଦୁରାଜ କହିଛନ୍ତି। ତେବେ ଏହାକୁ ଆତଙ୍କବାଦୀ ଘଟଣା କିମ୍ବା ହିଂସକ ଘଟଣା ବୋଲି କହିବାକୁ ସୁରକ୍ଷା ଏଜେନ୍ସିମାନେ ମନା କରିଛନ୍ତି। ମେକ୍ସିକୋରେ 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନିଜର ପୂର୍ବ ପୁରୁଷଙ୍କ ମନେ ପକାଇବା ପାଇଁ ଓ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଉତ୍ସବ ପାଳନ କରାଯାଇଥାଏ।

**ଦଳାଚକଟା ନେଇ ପୂଜାରୀଙ୍କ ଅଜବ ଯୁକ୍ତି**

# ମୋ ଜମି, ମୋ ମନ୍ଦିର, ପୁଲିସ୍‌କୁ କାହିଁକି ଜଣାଇବି?

ହାଇଦରାବାଦ୍,୨।୧୧(ଏଜେନ୍ସି): ୪ ମାସ ତଳେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲାର କାସବୁଗା ଗାଁରେ ଯେତେବେଳେ ୯୪ ବର୍ଷୀୟ ଭଗବାନ ଭେଙ୍କଟେଶ୍ୱରଙ୍କ ଭକ୍ତ ହରି ମୁକୁନ୍ଦ ପଣ୍ଡା ନିଜ ଜୀବନର ସ୍ୱପ୍ନ ପୂରଣ କରିଥିଲେ, ସେତେବେଳେ କେହି ଭାବି ନଥିଲେ ଯେ ଏଭଳି ମୃତ୍ୟୁର ବିଭୀଷିକା ଘଟିବ। ସେ ଭଗବାନ ଭେଙ୍କଟେଶ୍ୱରଙ୍କ ନାମରେ ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ଏହାକୁ 'ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର'ର ମାନ୍ୟତା ପାଇଥିଲା। ଏହାକୁ ଲୋକ ଶ୍ରଦ୍ଧାରେ 'ଚିନ୍ନା ତିରୁପତୀ' ବା 'ମିନି ତିରୁପତୀ' କହୁଥିଲେ। ତିରୁପତୀଙ୍କ ବୈଭବରେ ପ୍ରେରିତ ହୋଇ ସ୍ଥାନୀୟ ଲୋକ ଏହି ମନ୍ଦିରକୁ ନୂଆ ଅସ୍ଥାର କେନ୍ଦ୍ର ରୂପେ ବିବେଚନା କରିଥିଲେ। ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି। କିନ୍ତୁ ଶନିବାର ଏକାଦଶି ଦିନ ଦଳଚକଟା ଘଟଣା ଘଟିଥିଲା ଓ ଏଥିରେ ୧୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱଲୋକ ଆହତ ହୋଇଥିଲେ।



କିନ୍ତୁ ଏହି ଦୁର୍ଘଟଣା ନେଇ ମନ୍ଦିର ପ୍ରତିଷ୍ଠାତା ହରି ମୁକୁନ୍ଦ ପଣ୍ଡା ଅଜବ ଯୁକ୍ତି ଦେଇଛନ୍ତି। ଏହି ଘଟଣା ପରେ ତାଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା ଯେ, ସେ କାହିଁକି ପ୍ରଶାସନକୁ ସୂଚନା ଦେଇ ନଥିଲେ। ସେ କହିଛନ୍ତି ଯେ, ମୁଁ ମନ୍ଦିର ନିଜ ଜମିରେ ନିର୍ମାଣ କରିଛି। ତେଣୁ ପୁଲିସକୁ କାହିଁକି ସୂଚନା ଦେବି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଏହା ମୋର ଅଧିକାର ବୋଲି ସେ ସ୍ପଷ୍ଟ କରିଛନ୍ତି। ମନ୍ଦିର ସାଧାରଣ ଶାନ୍ତ ରହିଥାଏ। କିନ୍ତୁ ଏକାଦଶୀ ଦିନ ଏତେ ଭିଡ଼ ହେବ ବୋଲି ଆଶା କରି ନଥିଲି। ହଠାତ ଭିଡ ବୃଦ୍ଧି ପାଇଥିଲା। ପ୍ରସାଦ ମଧ୍ୟ ଶେଷ ହୋଇଥିଲା। ଦ୍ୱିତୀୟଥର ପାଇଁ ପ୍ରସାଦ ତିଆରି କରିବାକୁ ଭାବୁଥିଲି, କିନ୍ତୁ ସେତେବେଳକୁ ଏହି ଘଟଣା ଘଟି ସାରିଥିଲା ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାର ନିନ୍ଦା କରିଛନ୍ତି। ଯଦି ପୁଲିସ୍‌କୁ ପୂର୍ବରୁ ସୂଚନା ଦିଆଯାଇଥାନ୍ତା, ତେବେ ଉଚିତ ବ୍ୟବସ୍ଥା ଗ୍ରହଣ କରାଯାଇଥାନ୍ତା ଓ ଏହି ଘଟଣା ଘଟି ନଥାନ୍ତା। ମୃତକଙ୍କୁ ବଞ୍ଚାଇ ଯାଇ ପାରିଥାନ୍ତା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଦେବାକୁ ସେ ଘୋଷଣା କରିଛନ୍ତି। ସେ ମଧ୍ୟ ମନ୍ଦିର ପରିଚାଳନା କମିଟିର ବେପରୁଆ ମନୋଭାବକୁ ନିନ୍ଦା କରିଛନ୍ତି।

## ବିହାର ବାହୁବଳୀ ଅନନ୍ତ ସିଂହ ଗିରଫ

# ଧଳା ପୋଷାକ ପଛରେ କଳା ସାମ୍ରାଜ୍ୟ

ପାଟନା, ୨।୧୧ (ଏଜେନ୍ସି):

ଅପରାଧୀଙ୍କୁ ରାଜନୀତି ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରୁଛି। ଏହାର ଛତ୍ରଛାୟାରେ ରହି ଅପରାଧୀ ଆପରାଧିକ ସାମ୍ରାଜ୍ୟକୁ ଚଲାଉଛନ୍ତି। ଏମାନଙ୍କ ପାଇଁ ଆଇନ ତା ବାଟରେ ଯାଉଛି। ବିଧାନସଭା ନିର୍ବାଚନକୁ ନେଇ ଚର୍ଚ୍ଚାରେ ଥିବା ବିହାରରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍‌ନାକୁ ଆସିଛି। ସବୁବେଳେ ଧଳା ପୋଷାକ ପିନ୍ଧୁଥିବା ବ୍ୟକ୍ତିର କଳା ସାମ୍ରାଜ୍ୟ ପୁଣିଥରେ ସର୍ବସମ୍ମୁଖକୁ ଆସିଯାଇଛି। ଧଳା ପୋଷାକ ତଳେ ଅପରାଧର କଳା ସାମ୍ରାଜ୍ୟ ଚଳାଉଥିବା ଏହି ବ୍ୟକ୍ତି ହେଉଛନ୍ତି ଅନନ୍ତ କୁମାର ସିଂହ ଓରଫ ଛୋଟେ ସରକାର। ସେ କ୍ଷମତାସୀନ ଜେଡିୟୁ ଦଳର ଜଣେ ସୁପ୍ରସିଦ୍ଧ ବାହୁବଳୀ। ସରକାରୀ ଦଳର ଛତ୍ରଛାୟାରେ ରହି ଅପରାଧ କରୁଥିବା ଏହି ବାହୁବଳୀ ବେଶୀ ଦିନ ପର୍ଯ୍ୟନ୍ତ ମଧ୍ୟ ଜେଲ୍‌ରେ ରୁହନ୍ତି ନାହିଁ। ତିନି ମାସ ତଳେ ଅନ୍ୟ ଏକ ମାମଲାରେ ବେଉର ଜେଲ୍‌ରୁ ମୁକୁଳିଥିବା ଏହି ଅନନ୍ତ ସିଂହ ଏବେ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଗିରଫ ହୋଇ ରବିବାର ପୁଣି ହାଜତକୁ ଯାଇଛନ୍ତି। କୋର୍ଟ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ଅନନ୍ତ ସିଂହ ଆଜି ପାଟନା ସିଭିଲ କୋର୍ଟକୁ ବ୍ଲାକ ସ୍କର୍ପିଓରେ ଯାଇଥିଲେ। ଏହି ସମୟରେ ସେ ଧଳା ରଙ୍ଗର ପ୍ୟାଣ୍ଟସାର୍ଟ ଏବଂ କଳା ଚଷମା ପିନ୍ଧିବାକୁ ବି ଭୁଲି ନ ଥିଲେ।

ସୂଚନା ଅନୁଯାୟୀ ପାଟନା ଏସଏସପି କାର୍ତ୍ତିକେୟ ଶର୍ମା ୧୫୦ ଜଣ ପୁଲିସ କର୍ମୀଙ୍କୁ ନେଇ ଶନିବାର ବିଳମ୍ବିତ ରାତିରେ ବେଢ଼ନାର କାର୍‌ଗିଲ ଛକ ସ୍ଥିତ ଘରୁ ଅନନ୍ତଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ ପାଟନା ନେଇ ଆସିଥିଲେ। ରାତି ୨ଟାରେ ପାଟନା ଜିଲ୍ଲାପାଳ ଏବଂ ଏସ୍‌ଏସ୍‌ପି ସାମ୍ବାଦିକ ସମ୍ମିଳନୀ କରି ସମ୍ପୂର୍ଣ୍ଣ ମାମଲାର ସୂଚନା ଦେଇଥିଲେ।



ଧଳା ପୋଷାକ ସାଙ୍ଗକୁ କଳା ଚଷମା ପିନ୍ଧୁଥିବା ଅନନ୍ତଙ୍କୁ ଯିଏ ଦେଖିବ ସେ ସ୍ୱଚ୍ଛ ଭାବମୂର୍ତ୍ତିର ଭାବିନେବ। କିନ୍ତୁ ବାସ୍ତବରେ ସେ ସେପରି ନୁହଁନ୍ତି। ପାଟନାରେ ଥିବା ମୋକାମା ତାଙ୍କ ଗଡ଼ ଭାବେ ପରିଚିତ। ଗତ ଦୁଇ ଦଶନ୍ଧି ହେଲା ଅନନ୍ତ ସିଂହ ମୋକାମାରୁ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି। ସେ କୌଣସି ନିର୍ବାଚନୀ ସଙ୍କେତ ଚାହାନ୍ତି ନାହିଁ। ସେ ହିଁ ସଙ୍କେତ ପାଲଟି ଯାଆନ୍ତି। ଜେଡିୟୁ ହେଉ କି ଆରଜେଡି କିମ୍ବା ସ୍ୱାଧୀନ ସେ ଜିତିବା ସୁନିଶ୍ଚିତ ହୋଇଥାଏ। କେବଳ ଏହି ବାହୁବଳୀଙ୍କ ସ୍ଲୋଗାନ ବଦଳି ଯାଇଥାଏ। ଅନନ୍ତ ସିଂହଙ୍କ କଳା ସାମ୍ରାଜ୍ୟ ଏବଂ ଅପରାଧର ତାଲିକା ଯିଏ ଶୁଣେ ସେ ଭୟରେ ଥରି ଉଠାଇଥାଏ। ଦୁଲାରଚାନ୍ଦଙ୍କ ହତ୍ୟା ଏହାର ଏକ ଉଦାହରଣ ମାତ୍ର।

ଅନନ୍ତ ସତ୍ୟପାଠରେ କହିଛନ୍ତି ଯେ ତାଙ୍କ ଉପରେ ରେ ୨୮ଟି ମାମଲା ରହିଛି। ଏଗୁଡିକ ମଧ୍ୟରେ ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ନିର୍ଯାତନା, ଅପହରଣ ଏବଂ ଆକ୍ରମଣ ଆଦି ସାମିଲ ରହିଛି। ସେହିପରି ଅନନ୍ତଙ୍କ ପାଖରେ ୧୩ କୋଟିର ସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ମିଶାଇ ତାଙ୍କ ପାଖରେ ମୋଟ ୩୭.୮୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ଅନନ୍ତଙ୍କ ବିଧାୟିକା ସ୍ତ୍ରୀ ନିଳୀମା ଦେବୀଙ୍କ ପାଖରେ ୬୨.୭୨ କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ରହିଛି।

ମୋକାମାର ସରକାର ହେଉଛନ୍ତି ଛୋଟେ ସରକାର। ଏହି ଭୂମିହାର ନେତା ୨୦୦୫ରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୧୦ରେ ପୁନର୍ବାର ଜିତିବା ସତ୍ତ୍ୱେ ୨୦୧୫ରେ ନୀତୀଶ କୁମାରଙ୍କ ଜେଡିୟୁ ଛାଡ଼ି ସେ ଆରଜେଡିରେ ସାମିଲ ହୋଇଥିଲେ। ଏହି ନିର୍ବାଚନରେ ସେ ସ୍ୱାଧୀନ ଭାବେ ଲଢ଼ି ଜେଡିୟୁ ନେତାଙ୍କୁ ହରାଇ ଥିଲେ। ପୁଣି ୨୦୨୦ ନିର୍ବାଚନ ପୂର୍ବରୁ ସେ ଜେଡିୟୁକୁ ଫେରି ବିଜୟୀ ହୋଇଥିଲେ। ତେବେ ୨୦୨୨ରେ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ଅନନ୍ତଙ୍କ ବିଧାୟକ ପଦ ଚାଲି ଯାଇଥିଲା। ତେଣୁ ଉପ-ନିର୍ବାଚନରେ ସେ ପତ୍ନୀ ନିଳୀମାଙ୍କୁ ଆରଜେଡି ଟିକଟରେ ଛିଡ଼ା କରାଇ ମୋକାମାକୁ ନିଜ ହାତରେ ରଖିଥିଲେ।

# ପଞ୍ଚୁକ ଆରମ୍ଭରୁ ଶ୍ରଦ୍ଧାଳୁ କଳବଳ





ପୁରୀ, ୨।୧୧(ସମିସ): ପଞ୍ଚୁକ ଆରମ୍ଭରୁ କଳବଳ ଭକ୍ତ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଆଜି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। କିନ୍ତୁ, ଦର୍ଶନ ଜନିତ ଅବ୍ୟବସ୍ଥା ଯୋଗୁଁ ବହୁ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ବଡ଼ ଆଖଡ଼ା ମଠ ସମ୍ମୁଖ ବ୍ୟାରିକେଡ୍ ଭିତରେ ଠେଲାପେଲା ଯୋଗୁଁ ଏକାଧିକ ଭକ୍ତ ଆହତ ହୋଇଥିବା ବେଳେ କିଛି ଧୈର୍ଯ୍ୟହରା ଭକ୍ତ ବ୍ୟାରିକେଡ୍ ଠେଲି ଭାଙ୍ଗିଦେବା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ଉଦ୍‌ବେଗର ବିଷୟ ହେଲା, ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଛିଡ଼ା ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଖାଲି ସେତିକି ନୁହେଁ, ସେମାନେ ଆଉ ଦର୍ଶନ କରିବାକୁ ଭିତରକୁ ନ ଯାଇ ଘରକୁ ଫେରିଛନ୍ତି। କେବଳ ସିଂହଦ୍ୱାରରେ ପ୍ରବେଶ ନିୟମ ଯୋଗୁଁ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରି ପ୍ରଶାସନ ଓ ପୁଲିସ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ଶ୍ରଦ୍ଧାଳୁ। ସ୍ଥିତି ଏମିତି ଅଣାୟତ୍ତ ହୋଇଥିଲା ଯେ ପୁଲିସ ନିରୁପାୟ ହୋଇ ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଭକ୍ତଙ୍କୁ ଛାଡ଼ିବାକୁ ବାଧ ହୋଇଥିଲା। ସେହିପରି ଶେଡ୍ ଭିତରେ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ମିଳି ନ ଥିବା ବେଳେ ଏକାଧିକ ଜାଗାରେ ଫ୍ୟାନ ମଧ ଚାଲୁନଥିଲା। ଏମିତି ନାନାପ୍ରକାର ଅବ୍ୟବସ୍ଥା ଫଳରେ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି ଶହଶହ ଶ୍ରଦ୍ଧାଳୁ।

- ଠେଲାପେଲାରେ ଏକାଧିକ ଭକ୍ତ ଆହତ
- ଘଣ୍ଟାଘଣ୍ଟା ଛିଡ଼ା ହୋଇ ଫେରିଗଲେ ଅନେକ
- ଧୈର୍ଯ୍ୟ ହରାଇ ବ୍ୟାରିକେଡ୍ ଭାଙ୍ଗିଲେ
- ଆନନ୍ଦ ବଜାରରେ ବି ଚରମ ବିଶୃଙ୍ଖଳା

ପଞ୍ଚୁକ ପୂର୍ବରୁ କୁହାଯାଇଥିଲା ଯେ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସମନ୍ୱୟ ରଖି ସମସ୍ତ ପଦକ୍ଷେପ ନେଇଛନ୍ତି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କେବଳ ଗୋଟିଏ ଦ୍ୱାର(ସିଂହଦ୍ୱାର)ରେ ପ୍ରବେଶ ହେବ ଏବଂ ବାକି ତିନିଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିବେ ବୋଲି କୁହାଯାଇଥିଲା। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଛି। କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ଧାଡ଼ି ମାର୍କେଟ୍ ଛକ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ସ୍ଥିତିକୁ ଦେଖି ଅପରାହ୍ଣରେ ବ୍ୟାରିକେଡ୍‌କୁ ଆହୁରି ବଢ଼ାଇଥିଲା ପ୍ରଶାସନ। ଫଳରେ ଅସ୍ଥାୟୀ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଧରି ଚିପିଚାପି ହୋଇ ଠିଆ ହୋଇଥିଲେ ବୃଦ୍ଧବୃଦ୍ଧା, ମହିଳା, ଶିଶୁ।

ଆନନ୍ଦବଜାରରେ ବି ଚରମ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଅବଢ଼ା ଏବଂ ଶୁଖିଲିଭୋଗ ବିକ୍ରେତାମାନେ ଅବ୍ୟବସ୍ଥିତ ଢଙ୍ଗରେ ବସିଥିଲେ। ଫଳରେ ବୋଝିଆମାନେ ମହାପ୍ରସାଦ ନେଇ ଯିବା ବେଳେ ରଖିବା ପାଇଁ ନାକେଦମ୍ ହୋଇପଡୁଥିଲେ।

ଏହି ଅବ୍ୟବସ୍ଥାକୁ ନେଇ ଜଣେ ବରିଷ୍ଠ ନାଗରିକ ଗଣମାଧ୍ୟମ ସମ୍ମୁଖରେ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। କହିଥିଲେ, ଛି... ଏ ସରକାର ଛି...। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ପ୍ରକାର ସୁବିଧା ହୋଇନି। ଧାଡ଼ିରେ ୫ଘଣ୍ଟା ଛିଡ଼ା ହେବା ପରେ ଆମେ ଦର୍ଶନ ନ କରି ଫେରିଯାଉଛୁ। ସରକାରଙ୍କ କ'ଣ ଏଇଥିପାଇଁ ଜିତାଇଥିଲୁ, ଆମ ଜୀବନ ଧିକ୍ କହି ଘରକୁ ପଳାଇଥିଲେ।

**ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାବାହୁ**

## ଆଜି ରତ୍ନସିଂହାସନରେ ତ୍ରିବିକ୍ରମ ବେଶ

ପୁରୀ, ୨।୧୧ (ସମିସ): ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ପ୍ରଥମ ଦିନ (ରବିବାର) ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ବେଶ ଦର୍ଶନ ଲାଗି ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ସୋମବାର କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କ ଡାଳିକିଆ ବା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ। ଏହି ଦିନ ଗରୁଡ଼ ଉତ୍‌ଥାପନ ନୀତି ମଧ ରହିଛି। ସେହିପରି, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷଦିନ ଅର୍ଥାତ୍ ୫ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ଶନିବାର ରାତିରେ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ରାତ୍ର ୧ଟା ୪୦ରେ ପହୁଡ଼ ହୋଇଥିବା ବେଳେ ରବିବାର ଭୋର୍ ୪ଟା ୧୦ରେ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରଯାଇଥିଲା। ପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନି ଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ବିଭିନ୍ନପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା। କୀରିଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ, ବାଳଧୂପ ସରିବା ପରେ ତିନିବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଆରମ୍ଭ ହେଲା ଶୁଭକାଳ

ପୁରୀ,୨।୧୧(ସମିସ): ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରିମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ରବିବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା

**ନିଦରୁ ଉଠିଲେ ମହାପ୍ରଭୁ**

ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଶୁଭ କାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡ଼ସିଂହାର ଭୋଗ ସରିବା ପରେ ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ତିନିଜଣ ଖଟଶେଯ ଘର ଉପରକୁ ଯାଇ ତଡ଼ାଉ ଶୟନ ପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡ଼ି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୂପା ଥାଳିରେ ତିନିଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନିଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ କରିଥିଲେ। ପରେ ତିନିଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

## କାର୍ତ୍ତିକ ପରେ ଶ୍ରୀମନ୍ଦିରରେ ଗଣତିମଣତି: ମନ୍ତ୍ରୀ

ଭୁବନେଶ୍ୱର, ୨।୧୧(ସମିସ): ଆସନ୍ତା ୫ତାରିଖରେ କାର୍ତ୍ତିକ ମାସ କରିବ। ପରେ ରତ୍ନଭଣ୍ଡାରରେ ଗଣତିମଣତି ଏବଂ ଧାଡ଼ିଦର୍ଶନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଆଇନମନ୍ତ୍ରୀ କହିଛନ୍ତି ଯେ ଗଣତିମଣତି ରତ୍ନଭଣ୍ଡାର ମଧ୍ୟରେ ହେବ। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଗଣତିମଣତି ପାଇଁ ଏସଓପିର ବର୍ତ୍ତମାନ ଡ୍ରାଫ୍ଟିଂ ଚାଲିଛି। ଖୁବ୍‌ଶୀଘ୍ର ଏସଓପି ଡ୍ରାଫ୍ଟିଂ ପ୍ରକ୍ରିୟା ସରିବ। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭିଡ଼କୁ ଦୃଷ୍ଟିରେ ରଖି ଉଭୟ ଗଣତିମଣତି ଏବଂ ଧାଡ଼ି ଦର୍ଶନକୁ ବନ୍ଦ ରଖାଯାଇଥିଲା ବୋଲି ସେ କହିଛନ୍ତି। ସେହିପରି ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ସଂରକ୍ଷଣ ତଥା ମରାମତି ପରେ ନୂଆରୂପ ପାଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ସ୍ଥାୟୀ ଭାବରେ ନିଆଯାଇଥିଲା। ତେବେ ରତ୍ନଭଣ୍ଡାରରେ ମୂଲ୍ୟବାନ ରତ୍ନ ଓ ଅଳଙ୍କାରର ଗଣତିମଣତି ହେଉ ନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା।

## ୭ରେ ନୂଆପଡ଼ା ଆସିବେ ରେବନ୍ତ ରେଡ୍ଡୀ

ଭୁବନେଶ୍ୱର,୨।୧୧(ସମିସ): ଆସନ୍ତା ୭ ତାରିଖରେ ନୂଆପଡ଼ା ଆସିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ରେବନ୍ତ ଭୋଟ୍ ମାଗିବେ। ପୂର୍ବରୁ ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ରେବନ୍ତଙ୍କ ନାମ ରହିଥିବା ବେଳେ ଆସନ୍ତା ୭ ତାରିଖରେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗସ୍ତରରେ ନୂଆପଡ଼ା ସାଲେଭଟାଠାରେ କଂଗ୍ରେସ ପକ୍ଷରୁ ବିରାଟର ସମାବେଶ ଆୟୋଜନ କରାଯିବାକୁ ଯୋଜନା ହୋଇଛି। ଏହି ଜନସଭାକୁ ଶ୍ରୀ ରେଡ୍ଡୀ ସମ୍ବୋଧିତ କରିବେ। ଏହା ପୂର୍ବରୁ ରବିବାର ସାଲେଭଟାଠାରେ ଆୟୋଜିତ ହେବାକୁ ଥିବା ସମାବେଶସ୍ଥଳ ପରିଦର୍ଶନ କରି ପିସିସି ସଭାପତି ଭକ୍ତ ଚରଣ ଦାସ ସମସ୍ତ ବିଷୟର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ବିଧାୟକ ଅଶୋକ ଦାସ, ପୂର୍ବତନ ଆଇଏଏସ ତଥା କଂଗ୍ରେସର ଜାତୀୟ ମୁଖପାତ୍ର ଅମିତ ହୁସେନ ଏବଂ ଆଲୋକ ବାବୁ ପ୍ରମୁଖ ଉପସ୍ଥିତ ରହି ସଭା ହେବାକୁ ଥିବା ସ୍ଥାନର ଯାଞ୍ଚ କରିଛନ୍ତି। ନୂଆପଡ଼ା ଉପନିର୍ବାଚନ ପାଇଁ ଏବେ ୩ ଦଳର ପ୍ରଚାର ସରଗରମ ହୋଇଛି। ୭ ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର ମଧ ଏକ ବିରାଟ୍ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ମଧ ଏହି ଆସନରେ କିପରି ନିଜର ସମର୍ଥକ ଓ ନୂଆପଡ଼ାବାସୀଙ୍କ ମନ ଜିଣିବ ସେନେଇ ଜୋରଦାର ଉଦ୍ୟମ କରୁଛି।

## ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର,୨।୧୧(ସମିସ): ରାସନ୍ କାର୍ଡ ଇ-କେୱାଇସି ଅପଡେଟ୍ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅକ୍ଟୋବର ୩୧ ତାରିଖକୁ ଇ-କେୱାଇସି ଅପଡେଟ୍‌ର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ସମୟସୀମା ମଧ୍ୟରେ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରି ପାରି ନଥିବାରୁ ରାଜ୍ୟ ସରକାର ଏହି ଅବଧିକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଇ-କେୱାଇସି କରି ନାହାନ୍ତି, ସେମାନେ ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ଇ-କେୱାଇସି ଅପଡେଟ୍ କରିପାରିବେ।

ଏଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କ ଆଧାର ଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଜାରି ରହିଛି। ଏହାସହ ଅଦ୍ୟାବଧି ଇ-କେୱାଇସି କରାଇ ପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଯଦି ଏ ପର୍ଯ୍ୟନ୍ତ କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିନାହାନ୍ତି, ତାହାଲେ ସେମାନେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଇ-କେୱାଇସି କରାଇପାରିବେ ବୋଲି ବିଭାଗ କହିଛି।

ସୂଚନାଥାଉ କି, ଗତ ୧୪ ତାରିଖ ସୁଦ୍ଧା ରାଜ୍ୟରେ ୧୬ଲକ୍ଷ ୩୦ ହଜାର ୩୭୧ ଜଣ ହିତାଧିକାରୀ ଇ-କେୱାଇସି କରିନଥିଲେ। ତେଣୁ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତ୍ୱରାନ୍ୱିତତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଗତ ୧୫ଦିନ ଭିତରେ ମାତ୍ର ୭୩ ହଜାର ୧୦୬ ଜଣ ଇ-କେୱାସି କରାଇଛନ୍ତି। ଏହାପରେ ମଧ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରାଇନାହାନ୍ତି।

## ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨।୧୧(ସମିସ): ରାଜ୍ୟର ଏକାଧିକ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ପରୀକ୍ଷା ପରିଚାଳନାରେ ବିଳମ୍ବ ହେବା ସହ ବହୁ ସମୟ ପରେ ଯାଇ ପରୀକ୍ଷା ଫଳ ପ୍ରକାଶ ପାଉଛି। ପିଲାଙ୍କ ଶିକ୍ଷାରେ ଏହା ସିଧାସଳଖ ପ୍ରଭାବ ପକାଉଛି। ଏପରିକି, ବିଳମ୍ବିତ ପରୀକ୍ଷା ଫଳ ପାଇଁ ନାମ ଲେଖାଇନପାରି ଗୋଟିଏ ଶିକ୍ଷାବର୍ଷ ଧୋଇ ଯାଉଛି। ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ଯୋଜନା କରିଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେଇଛି। ଆସନ୍ତା ସପ୍ତାହରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ୧୩ଟି ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବ ବୋଲି ଜଣାପଡ଼ିଛି।

ରାଜ୍ୟର ପ୍ରଥମ ଓ ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଥିବା କାରଣରୁ ପରୀକ୍ଷା ପରିଚାଳନା ବିଳମ୍ବ ହେଉଛି। ୨୦୨୪-୨୫ ଶିକ୍ଷାବର୍ଷରେ ପିଜି ଦ୍ୱିତୀୟ

**୩ବର୍ଷ ଲେଖାଏଁ ରହିବ କାର୍ଯ୍ୟକାଳ**

ସେମିଷ୍ଟାର ପରୀକ୍ଷାଫଳ ବିଳମ୍ବ ହେବା କାରଣରୁ ବ୍ୟାକ୍ ପେପର୍ ପରୀକ୍ଷା ଦେଇଥିବା ଅନେକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇପାରି ନ ଥିଲେ। ଫଳରେ ଉଚ୍ଚଶିକ୍ଷା ପାଇଁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡ଼ିଥିଲା। ଅନୁରୂପ ଭାବେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଶେଷଜ୍ଞଙ୍କୁ ମଧ ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ମିଳୁ ନଥିବା ଅଭିଯୋଗ ରହିଛି। ଫଳରେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ସେମାନେ ଆଗ୍ରହ ପ୍ରକାଶ କରୁନଥିବାରୁ ପରୀକ୍ଷା ବିଳମ୍ବିତ ହେଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରି ସମସ୍ତ ବିଶ୍ୱବିଦ୍ୟାଳୟରେ ସମଦଶା ଲାଗି ରହିଛି। ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱର ସହ ନେଇ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବାକୁ ଅଣ୍ଟା ଭିଡ଼ିଛି। ସମସ୍ତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ପାଇଁ ୧୩ଜଣ ବରିଷ୍ଠ ଅଧ୍ୟାପକଙ୍କ ନାମ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସବୁଜ ସଙ୍କେତ ମିଳିଥିବା ଜଣାପଡ଼ିଛି। ସମସ୍ତଙ୍କ କାର୍ଯ୍ୟକାଳ ତିନି ବର୍ଷ ଲେଖାଏଁ ରହିବ। ଆସନ୍ତା ସପ୍ତାହରେ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି ଜଣାପଡ଼ିଛି।

## ଆଖିବୁଜିଲା ଅସୁସ୍ଥ ମାଈହାତୀ



ଜଳେଶ୍ୱର, ୨।୧୧ (ସମିସ): ପାଖାପାଖି ୨୦ଦିନ ଧରି ରାଇବଣିଆରେ ଉପଦ୍ରବ ଚଳାଇଥିବା ୩୦ ଟିକିଆ ଶିମିଳିପାଳ ହାତୀପଲ ମଧ୍ୟରୁ ଆଜି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଛି। ୨ଦିନ ତଳେ ହାତୀଟି ସୁକଯୋଡ଼ି ଜଙ୍ଗଲରେ ବିଚରଣ କରୁଥିବା ବେଳେ ଅସୁସ୍ଥ ଥିବା ଜଣାପଡ଼ିଥିଲା। ବେଶୀ ଚଳପ୍ରଚଳ କରୁନଥିବା ବେଳେ ଖାଦ୍ୟ ମଧ ଖାଉ ନଥିଲା। ବନବିଭାଗ ଶନିବାର ତାକୁ ଠାବ କରି ଚିକିତ୍ସା ଲାଗି ପ୍ରୟାସ ଆରମ୍ଭ କରିଥିଲା। ପ୍ରାଣୀ ଚିକିତ୍ସକ ଗତକାଲି ହାତୀର ଫଟୋ ଉଠାଇ ଚାଲି ଯାଇଥିଲେ। ଆଜି ସକାଳେ ତା'ର ଚିକିତ୍ସା କରାଯାଇଥିଲା। ମାତ୍ର ଆଜି ଅପରାହ୍ଣ ୫ଟାରେ ଶ୍ୟାମନଗର ପଞ୍ଚାୟତର ଧାନଘେରା ନିକଟ ପଞ୍ଚାୟତ ଅଫିସ୍ ନିକଟ ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ଦେଖାଯାଇଥିଲା।

ଖବର ପାଇ ଜଳେଶ୍ୱର ରେଞ୍ଜର୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର୍ ପ୍ରହ୍ଲାଦ ନାୟକ, ବନ କର୍ମଚାରୀ, ରାଇବଣିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତାକାଲି କୁଳଡିହାରୁ ଟିମ୍ ଆସିବା ପରେ ହାତୀଟିର ବ୍ୟବଚ୍ଛେଦ ହେବ ବୋଲି ଏସିଏଫ୍‌ଓ ଜୟଶ୍ରୀ ମୁର୍ମୁ କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳର ଏହି ହାତୀପଲ ୩ରୁ ୪ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲରେ ଘୂରି ବୁଲୁଥିଲେ। ଦିନ ବେଳେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଆଡ଼କୁ ମାଡ଼ି ଆସୁଥିଲେ। ଚାଷଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଥିଲେ। ବନବିଭାଗ ପକ୍ଷରୁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ହାତୀପଲଙ୍କଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ ମଧ କରାଯାଇଥିଲା।

■ ଚର୍ଚ୍ଚାରେ ବ୍ରହ୍ମପୁର ମଣ୍ଡଳ କାରାଗାର...

## କାରାଗାରର ପ୍ରଥମ କଏଦୀ ଭାବେ ଏମଜେଏମସି ପାସ୍ କଲେ ବିମଳ

ବ୍ରହ୍ମପୁର,୨।୧୧(ସମିସ): ଶିକ୍ଷା ଲାଭ କ୍ଷେତ୍ରରେ ମନୁଷ୍ୟର ପରିସ୍ଥିତି ଏବଂ ବିଭିନ୍ନ ସମସ୍ୟା ବାଧା ସୃଷ୍ଟି କରୁନଥିବା ବହୁ ସମୟରେ ନଜିର ରହିଛି। ଶିକ୍ଷା ଲାଭ କରିଥିବା ବ୍ୟକ୍ତିର ସଂକଳ୍ପ ଓ ଇଚ୍ଛାଶକ୍ତି ସମ୍ମୁଖରେ ବହୁ ବାଧାବିଘ୍ନ ହାର ମାନିଛି। ସମାଜରେ ଏଭଳି ଅନେକ ଉଦାହରଣ ରହିଥିବା ବେଳେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ସମାନ ଘଟଣା ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ବିମଳ କୁମାର ମିଶ୍ର ସାମ୍ବାଦିକତା ଓ ଗଣଯୋଗାଯୋଗ (ଏମଜେଏମସି)ର ସ୍ନାତକୋତ୍ତର ଡିଗ୍ରୀ ପାଠ୍ୟକ୍ରମରେ ପାସ୍ କରିଛନ୍ତି। ସେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏହି ପାଠ୍ୟକ୍ରମରେ ୭.୪୯ ସିଜିପିଏ ସହ ପ୍ରଥମ ସ୍ଥାନରେ ପାସ କରିଛନ୍ତି। ବ୍ରହ୍ମପୁର କାରାଗାରର ପୂର୍ବରୁ କୌଣସି କଏଦୀ ଏମଜେଏମସି ପାଠ୍ୟକ୍ରମ ପାସ୍ କରିନଥିବା ବେଳେ ପ୍ରଥମଥର ନିମନ୍ତେ ୫୧ବର୍ଷୀୟ ବିମଳ ଉକ୍ତ ସ୍ନାତକୋତ୍ତର ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଛନ୍ତି। ମଣ୍ଡଳ କାରାଗାରରେ ରହୁଥିବା ଅନ୍ତେବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ମୁକ୍ତ ବିଶ୍ୱବିଦ୍ୟାଳୟରେ ମାଗଣା ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ସହ ସମସ୍ତ ପ୍ରକାର ପାଠ୍ୟପୁସ୍ତକ ସହାୟତା ପ୍ରଦାନ କରାଯାଉଛି। ଯାହାର ଫଳସ୍ୱରୂପ ବିମଳ ଏହି କୃତିତ୍ୱ ହାସଲ କରିବାବା ସହ ଡିଗ୍ରୀ ହାସଲ ସକ୍ଷମ ହୋଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ମଣ୍ଡଳ କାରାଗାରରେ ଦୀର୍ଘ ୯ବର୍ଷ ହେବ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କୋଦଳା ଥାନା ଅଞ୍ଚଳର ବିମଳ କୁମାର ମିଶ୍ର (୫୧) ଆଜୀବନ ସଜା କାଟୁଛନ୍ତି। ବର୍ତ୍ତମାନ୍ ସେ ମଣ୍ଡଳ କାରାଗାରରେ ପାରାଲିଗାଲ ଭାଲ୍ୟୁଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ନିୟମିତ ଶିକ୍ଷକ କାରଗାରରେ ରହିଥିବା ଶ୍ରେଣୀଗୃହକୁ ପରିଭ୍ରମଣ କରି ଅନ୍ୟାନ୍ୟ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହିକ୍ରମରେ ନିକଟରେ ପ୍ରକାଶିତ ପରୀକ୍ଷାଫଳରେ ବିମଳ ପ୍ରଥମ ସ୍ଥାନରେ ପାସ କରିଥିବା ବ୍ରହ୍ମପୁର ମଣ୍ଡଳ କାରାଗାର ବରିଷ୍ଠ ଅଧୀକ୍ଷକ ଧିରେନ୍ଦ୍ରେ ନାଥ ବାରିକ କହିଛନ୍ତି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ଲାଭ କରିବା ସହ ଉଚ୍ଚଶିକ୍ଷିତ ଲକ୍ଷ୍ୟରେ ଅନ୍ତେବାସୀଙ୍କୁ ନିୟମିତ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ କରାଯାଉଥିବା ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶାଖାର ସଂଯୋଜିକା ଶୀତଲ ପୂର୍ଣ୍ଣିମା କହିଛନ୍ତି। ଗତ ୨୦୨୨ ମସିହାରେ ଏହି ପାଠ୍ୟକ୍ରମରେ ୧୧ଜଣ ଅନ୍ତେବାସୀ ନାମ ଲେଖାଇଥିଲେ। ତନ୍ମଧ୍ୟରୁ ପ୍ରଥମ ବିଦ୍ୟାର୍ଥୀ ରୂପେ ବିମଳ ଶିକ୍ଷା ଶେଷ କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଅନେକ ଅନ୍ତେବାସୀ ଏଠାରେ ଶିକ୍ଷାବର୍ଷ ଶେଷ କରିଥିଲେ ମଧ ପିଜି ପାଠ୍ୟକ୍ରମ ଶେଷ କରିବାରେ ବିମଳ ପ୍ରଥମ ବୋଲି ସେ କହିଛନ୍ତି।

## ଗୁଣିଗାରେଡ଼ି ସନ୍ଦେହ ନେଲାଣି ୧୨୨୧ ଜୀବନ

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟରେ ପ୍ରତିଦିନ ଗୁଣିଗାରେଡ଼ି ପାଇଁ ଏକାଧିକ ଜୀବନ ଯାଉଛି। ଲୋକ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକଙ୍କୁ ହତ୍ୟା କରୁଛନ୍ତି। ଏହାକୁ ରୋକିବାକୁ ପୁଲିସ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥିଲେ ମଧ ସଫଳ ହୋଇପାରୁନି। ଯେଉଁଥି ପାଇଁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆରସି) ଅନ୍ୟ ରାଜ୍ୟ ଭଳି ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି।

ଗୁଣିଗାରେଡ଼ି ଯୋଗୁଁ ୨୦୦୧ରୁ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ହଜାର ୨୨୧ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହି ତାଲିକାରେ ଗଞ୍ଜାମ,ମୟୂରଭଞ୍ଜ, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି ଆଗରେ ଥିବା ଜଣାପଡିଛି। ଏହି ଅଞ୍ଚଳରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଯୋଗୁଁ ସର୍ବାଧିକ ହତ୍ୟାକାଣ୍ଡ ଘଟୁଛି। ଗୁଣିଗରାରେଡ଼ି, ଖଟବୁଲା, କୁଳାବୁଲା, ନଖଦର୍ପଣ ଆଦି କଳାଯାଦୁକୁ ଧର୍ତ୍ତବ୍ୟ ଅପରାଧ ଦର୍ଶାଇ ୨୦୧୩ ମସିହାରେ ଗୁଣି ଗାରେଡ଼ି ବିଲୋପ ପାଇଁ ସରକାର ତିଆରି କରିଥିଲେ 'ଓଡ଼ିଶା ପ୍ରିଭେନ୍ସନ୍ ଅଫ୍ ଉଇଚ୍ ହଣ୍ଟିଂ' ଆଇନ୍। ମାତ୍ର ତାହା ଏବେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହୋଇପାରୁନି। ଏହି ଆଇନ୍ ଅନୁସାରେ ଡାହାଣୀ କହି କାହାରିକୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ।

ନିକଟରେ ୨୦୧୫ ମାସରେ ଗଜପତି ଜିଲ୍ଲାରେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ବ୍ୟକ୍ତିକୁ ୧୪ଜଣ ମିଶି ହତ୍ୟା କରିଥିଲେ। ଏପରିକି ଶରୀରର ବିଭିନ୍ନ ଅଂଶକୁ

- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସର୍ବାଧିକ ପ୍ରଭାବିତ
- ଗୁଣିଗାରେଡ଼ି ରୋକିବାକୁ ଆଇନ ଆହୁରି କଠୋର ହେଉ

କାଟି ହରଭାଙ୍ଗି ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ। ୨୦୨୪ ଅଗଷ୍ଟ ମାସରେ ଯାଜପୁର ଜିଲ୍ଲାରେ ସଲୁକୁ ହାଁସଦା ନାମକ ଜଣେ ୬୫ ବର୍ଷିୟ ବ୍ୟକ୍ତିଙ୍କୁ ୬ଜଣ ମିଶି ହତ୍ୟା କରିଥିଲେ। ଗୁଣି ପାଇଁ ଗାଁରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ସନ୍ଦେହ କରିଥିଲେ ଅଭିଯୁକ୍ତମାନେ। ସେହିଭଳି ୨୦୨୪ରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଇଚ ଗାଁରେ ଜଣେ ଯୁବତୀଙ୍କ ପରିବାର ଲୋକ ଗୁଣିଆ ପାଖକୁ ନେଇଥିଲେ। ସେ ତାଙ୍କୁ ଭଲ କରିବା ଆଳରେ ତାଙ୍କ ମୁଣ୍ଡରେ ୭୩ଟି ଛୁଞ୍ଚି ଭୁସିଥିଲେ। ୨୦୨୪ ଜୁଲାଇରେ ଗତ ୪ତାରିଖରେ ବାଲେଶ୍ୱର ଔପଦ ଥାନା ଅଧୀନ ବରପଦା ଗ୍ରାମରେ ଗୁଣି ଗାରେଡ଼ି ପାଇଁ ୩ଜଣଙ୍କୁ ହତ୍ୟା କରାଯାଇଥିଲା।

ଅନ୍ୟପଟରେ ମହାରାଷ୍ଟ୍ର ଭଳି ରାଜ୍ୟରେ ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବା ପାଇଁ ଦାବି ହେଉଛି। ୨୦୧୩ ମସିହାରେ ମହାରାଷ୍ଟ୍ର ବିଧାନସଭାରେ ଏହି ଆଇନ୍ ପାରିତ ହେବା ପରେ ଆଇନ୍ କାର୍ଯ୍ୟକାରୀ ହେଉଛି। ବ୍ଲାକ୍ ମ୍ୟାଜିକ୍ କଲେ ୭ ବର୍ଷ ଜେଲ ଦଣ୍ଡ ସହ ୫ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ନିୟମ ରହିଛି। ତେଣୁ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟ ପରି ଓଡ଼ିଶାରୁ ଏହି ଆଇନ୍ ଲାଗୁ କରାଯିବାକୁ ଅନେକ ମାନବାଧିକାର ଆୟୋଗ ଏବଂ ସାମାଜିକ ଅନୁଷ୍ଠାନ ଦାବି କରୁଛନ୍ତି। ଏଭଳି ଆଇନ୍ ଆଣିବା ପାଇଁ ଏନେଇ ମାନାବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଆୟୋଗଙ୍କ ନିକଟରେ ପିଟିସନ୍ କରିଛନ୍ତି। ଆୟୋଗ ଏହି ପିଟିସନର ଆଗାମି ଦିନରେ ଶୁଣାଣି କରିବେ ବୋଲି ଜଣାପଡ଼ିଛି।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# 'ବିଜେପି ହେଉଛି ମିଛୁଆ ଓ ଗରିବ ବିରୋଧୀ ସରକାର'

ଉଦଳା/କପ୍ତିପଦା, ୨।୧୧(ସମିସ)



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରବିବାର କପ୍ତିପଦା ବ୍ଲକରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ଏବଂ କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଗୋଳେଇ ନିକଟରେ ହଜାର ହଜାର କର୍ମୀ ଏବଂ ନେତୃମଣ୍ଡଳୀ ଏକତ୍ରିତ ହୋଇ ପଦଯାତ୍ରା ଆରମ୍ଭ କରିଥିଲେ। କପ୍ତିପଦା ମୁଖ୍ୟ ବଜାରରୁ ରଥଦାଣ୍ଡ ଦେଇ ପରିକ୍ରମା କରି କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଶ୍ରୀନାଥ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଭାରତୀ ହାଂସଦା, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ହେବେନ୍ଦ୍ର ମହାନ୍ତ, ବିଜେଡି ଜିଲ୍ଲା ମହିଳା ପୂର୍ବତନ ସଭାପତି ଦୀପ୍ତିଲତା ମିଶ୍ର, ପ୍ରତାପ ବନ୍ଧ ସାହୁ, ଅନୁପ କୁମାର ରାଉତ, ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ୍, ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ଦେହୁରୀ, ଅଭିମନ୍ୟୁ ମଣ୍ଡଳ କୁନୁମୁର୍ମୁ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ବରିଷ୍ଠ ନେତା ବନମାଳୀ ବେହେରା, ଯୁବ ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ନୀଳମାଧବ ପାତ୍ର, ଅମିୟ ବଳ, ନିରଞ୍ଜନ ପରିଡ଼ା ଏବଂ ବହୁ ନେତୃମଣ୍ଡଳୀ ମଞ୍ଚାସୀନ ହୋଇ ବିଗତ ଦିନର ନବୀନ ବାବୁଙ୍କ ନେତୃତ୍ୱରେ ଯେଉଁ ଉନ୍ନତି ସାଧିତ ହୋଇଥିଲା, ତାହା ୧ ନମ୍ବର। ମାତ୍ର ୧୭ ମାସର ଭାରତୀୟ ଜନତା ପାର୍ଟି ସରକାର ଧୂଳିସାତ୍ କରିଦେଇଛନ୍ତି। ଲୋକଙ୍କ ହାତରେ କାମ ନାହିଁ ଓ ମନରେଗା ଯୋଜନାରେ ୧୦୦ ଦିନର କାର୍ଯ୍ୟ ଗ୍ୟାରେଣ୍ଟି ଆଜି ପ୍ରହସନରେ ପରିଣତ ହୋଇଯାଇଛି। କାମ ନ ମିଳିବାରୁ ଗରିବ ଆଦିବାସୀ ଲୋକମାନେ ଖାଦ୍ୟ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି। ଦେଢ଼ ବର୍ଷ ହେଲା ବିକାଶ ଯୋଜନା ଠପ୍। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ବନ୍ଦ ହବାକୁ ବସିଲାଣି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ସମୟରେ ବିଜୁ ଏକ୍ସପ୍ରେସ୍ ବଡ଼ବଡ଼ ରାସ୍ତା ନିର୍ମାଣ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଓଡ଼ିଶାରେ ଅନେକ ରାସ୍ତାଘାଟ ସମସ୍ୟା ସମାଧାନ ହୋଇପାରୁଥିଲା ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଗଲାଣି।

ସେହିପରି ସାରା ଓଡ଼ିଶାରେ ଆଜି ହଜାର ହଜାର ମହିଳା ନିର୍ଯାତନାର ଶିକାର ହେଉଛନ୍ତି। ଚୋରି ଡକାୟତି, ରାହାଜାନୀ ବହୁ ମାତ୍ରାରେ ବୃଦ୍ଧି ପାଇଛି। ସାଧାରଣ ଲୋକଙ୍କ ଜୀବନ ବିପନ୍ନ, ଏହାକୁ ମୁକାବିଲା କରିବା ପାଇଁ ସମସ୍ତ କର୍ମୀ ଦୃଢ଼ ସଂକଳ୍ପ କରିଥିଲେ। ମିଥ୍ୟାବାଦୀ, ଅଯୋଗ୍ୟ, ଅସହାୟ ବିଜେପି ସରକାର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଗାଦି ହାତେଇଛନ୍ତି। ତାହା ଆଜି ଜନମାନସରେ ଧରାପଡ଼ିଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ, ମହାନଗର ନିଗମଗୁଡ଼ିକରେ ଯେଉଁ ନିର୍ବାଚନ ହେବ ବିଜେପିକୁ ଜିଲ୍ଲାରୁ ସମ୍ପୂର୍ଣ୍ଣ ମୂଳପୋଛ କରାଯିବା ନିମନ୍ତେ ଦୃଢ଼ ସଂକଳ୍ପ ନେଇଥିଲେ। ଜନସମ୍ପର୍କ ପଦଯାତ୍ରାକୁ ସାରସ ସୁନ୍ଦର କରିବା ପାଇଁ ବୁବୁଲି ମହାନ୍ତିଙ୍କ ନେତୃତ୍ୱରେ ରମେଶ ହାଂସଦା, ଅନୁ ଦାସ, ଆଲୋକ ରାଉତ, ଶଶଧର, ସୁନୀଲ୍ ପ୍ରଧାନ, ପରେଶ ବେହେରା, ସଂଯୁକ୍ତା ସୋରେନ୍, ଛାତ୍ର ନେତା ଶୈଳେଶ ବିଶ୍ୱାଳ, ଯୁବ ନେତା ଆଶିଷ ଦାସ, ବିଣାକର ମହାପାତ୍ର, ବିଜୟ ଭିତିରିଆ, ସମୀର ଦାସ, ଜୀବନ ପଟ୍ଟନାୟକ, ନବୀନ ମୁର୍ମୁ, ଦୀପକ ପାଢ଼ୀ, ଭିକାରୀ ଚରଣ ବିଶ୍ୱାଳ ଏବଂ ବହୁ ଯୁବ ଛାତ୍ର କର୍ମୀ ସାମିଲ ହୋଇଥିଲେ।

## ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ମୟୂରଭଞ୍ଜ ଶାଖାର ସପ୍ତମ ବୈଠକ



**ବାରିପଦା, ୨।୧୧(ସମିସ):** ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ମୟୂରଭଞ୍ଜ ଶାଖାର ସପ୍ତମ ବୈଠକ ତକତପୁରସ୍ଥ ରୁଚି ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପ୍ରଫେସର ଡା ଅଦ୍ୱୈତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉଦ୍ୟାନ ଉପନିର୍ଦ୍ଦେଶକ ଟଙ୍କଧର କାଲୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟରେ ପ୍ରଥମ ଛତୁ ଉତ୍ପନ୍ନ ଜିଲ୍ଲାରେ ପରିଣତ କରାଯାଇ ଉତ୍ତର ଭାରତରେ ପାଳ ଛତୁର ବ୍ୟାପକ ବିକ୍ରୟ ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏତଦ୍‌ବ୍ୟତୀତ ବିକ୍ରୟର ସୁଲଭ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନକୁ ଦାବି କରାଗଲା। ଜିଲ୍ଲାର ୨୬ଟି ବ୍ଲକରୁ ୧୫ଟି ବ୍ଲକର ଛତୁ ଉତ୍ପାଦନକାରୀ, ଛତୁ ମଞ୍ଜି ୟୁନିଟ୍ ଓ ବିକ୍ରେତାଙ୍କ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ରାଜ୍ୟ ଛତୁ ଉତ୍ପାଦନକାରୀ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ଦାସ, ଯାଜପୁର ଶାଖାର କୋଷାଧ୍ୟକ୍ଷ ଅନୀତା ରାଣୀ ନନ୍ଦି, ମୟୂରଭଞ୍ଜ ଜିଲ୍ଲା ଶାଖାର ସଭାପତି ଗୀତାଞ୍ଜଳି ମହାନ୍ତି, ସମ୍ପାଦକ ରାଧାକୃଷ୍ଣ ଦାସ, ସୁନୀଲ କୁମାର୍ ପଟ୍ଟନାୟକ, ପ୍ରକାଶ ମହାନ୍ତ, ରାମପ୍ରସାଦ ନାୟକ, ଦୀପାଞ୍ଜଳି ପ୍ରଧାନ ଓ ମୀନକେତନ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ୨୬ଟି ବ୍ଲକରେ ଛତୁ ଉତ୍ପାଦନ ପ୍ରସାରଣ ପାଇଁ ବ୍ଲକ କମିଟି ଗଠନ କରାଯାଇ ଦାୟିତ୍ୱ ଦିଆଯାଇଛି। ଛତୁ ଚାଷରେ ଜାତୀୟ ସମ୍ମାନ ଲାଭ କରିଥିବା ଛତୁ ଚାଷୀ ଗୀତାଞ୍ଜଳି ମହାନ୍ତିଙ୍କ ଛତୁ ଚାଷ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

## ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ସିଜିନ-୧୧ ପାଇଁ ପଞ୍ଜୀକରଣ ଆରମ୍ଭ



**ବାରିପଦା, ୨।୧୧(ସମିସ):** ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ସିଜିନ-୧୧ ପାଇଁ ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସରେ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ମୟୂରୀର କାର୍ଯ୍ୟକାରୀ ସଭାପତି ଡ. ବନଜା ମହାନ୍ତି ଉଦଘାଟନ କରିଥିଲେ। ଏ ଅବସରରେ ମୟୂରୀର ଉପଦେଷ୍ଟା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ, ସହସମ୍ପାଦିକା ରେଣୁବାଳା ରଥ, ବରିଷ୍ଠ ସଦସ୍ୟ ପୂର୍ଣ୍ଣିମା ପଣ୍ଡା, ପ୍ରଣତି ଦାସ, ସନ୍ଧ୍ୟାରାଣୀ ଦାସ, କାନନମୟୀ ମହାନ୍ତି, କମଳଲୋଚନ ମହାକୁଡ, ସାଇ ପ୍ରକାଶ ମହାନ୍ତି, କିଚକ୍ ବେହେରା, ସ୍ୱେଚ୍ଛାସେବୀ ହିମଦ୍ରିତନୟା ଚୌଧୁରୀ, ରଶ୍ମୀରେଖା ମହାପାତ୍ର, ପ୍ରଚିତା ମହାନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥରର ପ୍ରଥମ ପଞ୍ଜିକୃତ ପ୍ରତିଯୋଗୀ ହେଲେ ପୂର୍ବଜା ମଣ୍ଡଳ। ପୂର୍ବଜା ଗତବର୍ଷ ମଧ୍ୟ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଏହି ନିଆରା ମଞ୍ଚକୁ ଆସି ନିଜ କୃତିତ୍ୱ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ଏଥର ଭାଗ ନେବାକୁ ବହୁତ ଆଗ୍ରହର ସହିତ ସେ ଅପେକ୍ଷା କରିଥିଲେ ବୋଲି ତାଙ୍କ ବାପା କହିଛନ୍ତି। ପୂର୍ବଜାଙ୍କ ସମେତ ଚଳିତ ବର୍ଷର ସମସ୍ତ ପ୍ରତିଯୋଗୀଙ୍କୁ ମୟୂରୀ ପରିବାର ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ବାରିପଦାର ଶିଶୁ ଉଦ୍ୟାନ ପରିସରରେ ଆସନ୍ତା ୧୩ରୁ ୧୬ ତାରିଖ ଯାଏଁ ୪ଦିନ ଧରି ଏହି ନିଆରା ଶିଶୁ ମହୋତ୍ସବ ହେବାକୁ ଯାଉଥିବାବେଳେ ଏଥିରେ ସାମିଲ ହେବାକୁ ଓ ନିଜ ପିଲାଙ୍କୁ ଅଂଶଗ୍ରହଣ କରାଇବା ପାଇଁ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ରହିଥିବା ପରିଲକ୍ଷିତ ହୋଇଛି। ଯେଉଁ ପ୍ରତିଯୋଗୀ ଓ ଅଭିଭାବକ ଏହି ନିଆରା ଶିଶୁ ମହୋତ୍ସବରେ ସାମିଲ ହେବାକୁ ଆଗ୍ରହୀ ସେମାନେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ତାଙ୍କର ପଞ୍ଜିକରଣ କରାଇପାରିବେ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆସାହି ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**କପ୍ତିପଦା, ୨।୧୧(ସମିସ):** ନୂଆସାହି ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ସାମଗ୍ରିକ ବିକାଶରେ ଦୁର୍ନୀତି ଏକ ବିରାଟ ଅନ୍ତରାୟ ବୋଲି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ କରିଛନ୍ତି। ଏ ଅବସରରେ ଦୁର୍ନୀତି ନିବାରଣ ଆମ ସମସ୍ତଙ୍କର ଦାୟିତ୍ୱ ଶୀର୍ଷକ ଉପରେ ଆରମ୍ଭ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ନିହାରରଞ୍ଜନ ବାସ, ବିଭୂରଞ୍ଜନ ବିଶ୍ୱାଳ, ସଞ୍ଜୟ କୁମାର ସେନାପତି, ଅଧ୍ୟାପିକା ଶ୍ରୀମତୀ ସୁଜାତା ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ହେଉଥିବା ଲାଞ୍ଚ କାରବାରକୁ ସମୂହ ବିରୋଧ କରବା ସହିତ ବ୍ୟବସାୟ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଅବଗତ କରାଇବା ଆବଶ୍ୟକ। ଦୁର୍ନୀତିଖୋର ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଗଲେ ସମାଜରେ ଦୁର୍ନୀତି ବନ୍ଦ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଦୁର୍ନୀତି ନିବାରଣ ପାଇଁ ସମୂହ ଶପଥପାଠ କରିଥିଲେ। ଜାତୀୟ ସେବା ସଂସ୍ଥାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟବ୍ୟାପୀ ଚାଲିଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚାରିଥର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ବାରିପଦା, ୨।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କ ବିବାଦୀୟ କାର୍ଯ୍ୟାବଳୀ ଚର୍ଚ୍ଚାରେ ରହିଛି। ବିଭିନ୍ନ ସମୟରେ ତାଙ୍କ ବିରୋଧରେ ବହୁ ପଦସ୍ଥ ବ୍ୟକ୍ତି ଅଭିଯୋଗ କରିସାରିଛନ୍ତି। ସମାଜସେବୀଠାରୁ ଆରମ୍ଭ କରି ଜିଲ୍ଲା ପରିଷଦର ସପ୍ତମ ଷ୍ଟାଣ୍ଡିଂ କମିଟିର ଶିକ୍ଷା ବିଭାଗ ଅଧ୍ୟକ୍ଷ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ବିଇଓଙ୍କ ବିଭିନ୍ନ ଦୁର୍ନୀତି ବିଷୟରେ ଲିଖିତ ଭାବେ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଠାରୁ ଆରମ୍ଭ କରି ଜିଲ୍ଲାପାଳ, ଶିକ୍ଷା ସଚିବ, ଭିଜିଲାନ୍ସ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପର୍ଯ୍ୟନ୍ତ ଅଭିଯୋଗ ହୋଇଛି। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସମାଜସେବୀ ଜୟନ୍ତ କୁମାର ଧଡା ବିଇଓଙ୍କ ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତି ବିଷୟରେ ସମସ୍ତ ତଥ୍ୟ ପ୍ରମାଣ ସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୨୦୨୪ ସେପ୍ଟେମ୍ବର ୨୩ ତାରିଖ ଦିନ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆଇଡି-ସିଏମ୍‌ଓ ୨୦୨୪୮୩୮୨୮୫ରେ ତାହା ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ମୁତାବକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ।

୨୦୨୪ ନଭେମ୍ବର ୨୫ ତାରିଖରେ ଉକ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ପ୍ରକାଶ ପାଇଥିଲା। ଯେଉଁ ରିପୋର୍ଟରେ ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅସମର୍ଥ ଦର୍ଶାଯାଇଥିଲା। ତଥ୍ୟ ପ୍ରାମାଣ ସହିତ ଦୁର୍ନୀତିର ଅଭିଯୋଗ ହୋଇଥିଲେ ମଧ୍ୟ ଦୁର୍ନୀତି ଦିଗକୁ ରିପୋର୍ଟରେ ଅଣଦେଖା କରାଗଲା। ତଥାପି ରିପୋର୍ଟରେ ଅସମର୍ଥ ଘୋଷଣା ହୋଇଥିବାରୁ କିଛିହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଭିଯୋଗକାରୀ ଆଶା ରଖିଥିଲେ। ତେବେ ଏକବର୍ଷ ହେବାକୁ ବସିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଇତିମଧ୍ୟରେ ୪ ଥର ଅଭିଯୋଗ କରିସାରିଲେଣି। ଅଭିଯୋଗ କରି କରି ଅଭିଯୋଗକାରୀ ନିରାଶ ହେଲେଣି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଆଉ କୌଣସି ରିପୋର୍ଟ ପ୍ରକାଶ ପାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିର ଅଭିଯୋଗ ଗତ ମେ ମାସଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଡ଼ି ରହିଥିବା ଜନଶୁଣାଣି ପୋର୍ଟାଲରୁ ଜାଣିବାକୁ ମିଳିଛି। ତେବେ ମେ ମାସରୁ କେଉଁ ମନ୍ଦ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ରିପୋର୍ଟକୁ ଚାପି ରଖିଛନ୍ତି, ତାହା ସନ୍ଦେହଜନକ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୪ ଥର ଅଭିଯୋଗ ପରେ ମଧ୍ୟ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପକ୍ଷରେ ରାଜ୍ୟବ୍ୟାପି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଚାଲିଥିଲାବେଳେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ଦୁର୍ନୀତି ବିରୋଧରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୪ ଥର ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଦୁର୍ନୀତି ନିବାରଣ ସପ୍ତାହ ପାଳନ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଆଲୋଚନା ହେଉଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**କୁଳିଅଣା, ୨।୧୧(ସମିସ):** ଗୋପବନ୍ଧୁ ସେବା ସଦନ କ୍ଲବ୍ ପକ୍ଷରୁ ଚାଲିଥିବା ୩୨ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାନ୍ଦୁଆସ୍ଥ ବିର୍ସା ମୁଣ୍ଡା ମଇଦାନରେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୮ଟି ଦଳ ଓ ଦ୍ୱିତୀୟ ଦିବସରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଦୁନିଆ ୱେଲକମ ଟିମ ସହ ମିଥୁନ ଏଫସି ଟିମ ମଧ୍ୟରେ ହୋଇଥିଲା। ଏଥିରେ ପେନାଲଟି ମାଧ୍ୟମରେ ବିଜେତ ଘୋଷଣା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସକାଳ ଖବରକାଗଜ ପ୍ରତିନିଧି ମନୋରଞ୍ଜନ ପରିଡ଼ା, ପୂର୍ବତନ ସର୍ଗଛିଡା ସରପଞ୍ଚ ମକରଧ୍ୱଜ ମୁର୍ମୁ, ଚାନ୍ଦୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ସିଂ, ସମାଜସେବୀ ସୁଶାନ୍ତ ଦେଓ, ଆନନ୍ଦ ବେହେରା, ଲକ୍ଷ୍ମଣ ସିଂ, ଦୀନବନ୍ଧୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ବାପୁନ ସିଂ, ଉପସଭାପତି ଅବିନାଶ ବିନ୍ଧାଣି, ସମ୍ପାଦକ ଜଗନ୍ନାଥ ଟୁଡୁ, ସମ୍ପାଦକ ଶୁଭ୍ରାଂଶୁ ଶେଖର ସିଂ, କୋଷାଧ୍ୟକ୍ଷ ଅମରଜିତ ସିଂ, ମଧୁ ସିଂ, ଗୌତମ ଚପେୟାର, ଆଲଦ ବିନ୍ଧାଣୀ, ଜିତରାୟ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା

**ବାରିପଦା, ୨।୧୧(ସମିସ):** ସ୍ଥାନୀୟ ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଅନୁପାଳନ କରାଯାଇଛି। ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଦୁର୍ନୀତି ବିରୋଧରେ ଶପଥ ପାଠ କରିଥିଲେ। ସମ୍ମିଳନୀ କକ୍ଷରେ ଆୟୋଜିତ ଦୁର୍ନୀତି ସଚେତନତା ସଭାରେ ବାରିପଦା ଭିଜିଲାନ୍ସ ୟୁନିଟ୍‌ର ଇନ୍ସପେକ୍ଟର ବିକାଶ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଯୁବଶକ୍ତିର ସକ୍ରିୟ ଭୂମିକା ନିର୍ବାହ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ ସଭାକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ଆଶୁତୋଷ ବ୍ରହ୍ମାଙ୍କ ପରଲୋକ



**ବାରିପଦା, ୨।୧୧(ସମିସ):** ଆଇନଜୀବୀ ଆଶୁତୋଷ ବ୍ରହ୍ମା(୭୫)ଙ୍କ ଭୁବନେଶ୍ୱରସ୍ଥ ଏମସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଥିବା ଜିଲ୍ଲା ଓକିଲ ସଂଘ ସମ୍ପାଦକ ବିପ୍ଳବ ବାରିକ ପ୍ରକାଶ କରିଛନ୍ତି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ପତ୍ନୀ ଓ ଦୁଇଜଣ ବିବାହିତା ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଓକିଲ ସଂଘର ସମସ୍ତ ଆଇନଜୀବୀ ବନ୍ଧୁ ତାଙ୍କ ବାସଭବନଠାରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମାନୁନାହାନ୍ତି ବଦଳି ନିୟମ

# ଦମ୍ପତି ଟିଜିଟି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

**ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଚେତାବନୀ**

**ବାରିପଦା, ୨।୧୧(ସମିସ):** ଚଳିତ ବର୍ଷ ମାଧ୍ୟମିକ ବିଦ୍ୟାଳୟ ଦମ୍ପତି ଶିକ୍ଷକ ବଦଳିରେ ଅହେତୁକ ବିଳମ୍ବ ପରିଲକ୍ଷିତ ହୋଇଛି। ଆଜକୁ ପ୍ରାୟ ଛଅମାସ ଧରି ଅନଲାଇନ ବଦଳି ପ୍ରକ୍ରିୟାରେ ଆବେଦନ କରିଥିବା ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ବଦଳି ପ୍ରକ୍ରିୟା ସରକାରୀ ନିୟମାବଳୀରେ ଥାଇ ମଧ୍ୟ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କ ବଦଳି ପ୍ରକ୍ରିୟାକୁ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକାରୀ କରୁନାହାନ୍ତି। ବଦଳି ନିୟମ ଅନୁଯାୟୀ ଦମ୍ପତି ଶିକ୍ଷକ ବଦଳିକୁ ବଦଳି ପ୍ରାଥମିକତାରେ ଆଗୁଆ ରଖାଯାଇଥିବାବେଳେ ପ୍ରାଥମିକତା ନିମ୍ନକ୍ରମରେ ଥିବା ବଦଳି କରାଯାଉଛି। ଯାହାକି ବଦଳି ନିୟମର ଉଲ୍ଲଙ୍ଘନ କରୁଛି। ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଗତ ବର୍ଷ ମୋହନ ସରକାର ପ୍ରଥମ କରି ଦମ୍ପତି ଶିକ୍ଷକ ବଦଳି କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଚଳିତ ବର୍ଷ ବିଭାଗୀୟ ଉଦାସୀନତା ପାଇଁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଦମ୍ପତି ଶିକ୍ଷକ ପରସ୍ପରଠାରୁ ଦୂରରେ ରହୁଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଉଛି। ଯଦି ଚଳିତ ବର୍ଷର ଟିଜିଟି ଦମ୍ପତି ବଦଳି ପ୍ରକ୍ରିୟା ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ ନ କରାଯାଏ, ତେବେ ସମସ୍ତ ଅନଲାଇନ ବଦଳି ଆବେଦନ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ପରିବାର ସହିତ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ସିୱାଇଏସ୍‌ଡି ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରକଳ୍ପ ସମ୍ମିଳନୀ

**ମହୁଲଡିହା, ୨।୧୧(ସମିସ):** ଠାକୁରମୁଣ୍ଡା ବ୍ଲକସ୍ଥ ମା' ତାରିଣୀ କନଫରେନ୍ସ ହଲରେ ସିୱାଇଏସ୍‌ଡି ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରକଳ୍ପ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକର ୧୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟସଭ୍ୟା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଯୋଗଦେଇ ଆଗାମୀ ପାଞ୍ଚ ବର୍ଷରେ ପଞ୍ଚାୟତର ସ୍ୱପ୍ନ ଓ ଯୋଜନାର ରୂପରେଖ ପ୍ରସ୍ତୁତ କରି ଆଲୋଚନା କରିଥିଲେ। ଏହି ଶିବିରରେ ତାଲିମଦାତା ଭାବେ ସିୱାଇଏସଡ଼ିର ଜୟଦେବ ଡାକୁଆ ଓ ଜିତେନ୍ଦ୍ର ସୁନ୍ଦରାୟ ଆସି ଥିବା ୧୧୨ ଜଣ ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରିଥିଲେ। ସିୱାଇଏସ୍‌ଡି ପ୍ରଗତି ପ୍ରକଳ୍ପ ପକ୍ଷରୁ ଜିଲ୍ଲା ସଂଯୋଜିକ ଆକାଶ ମହାନ୍ତ, ସଞ୍ଜୟ କୁମାର ବେହେରା, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ପଦ୍ମାବତୀ ସାହୁ, ଦେବବ୍ରତ ଦାସ, ପୀତାମ୍ବର ଡିଣେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ଅବସରରେ ସଚେତନତା ସାଇକଲ ରାଲି

ବାରିପଦା, ୨।୧୧(ସମିସ)



ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ପାଳନ ଅବସରରେ ଆଜି ମୟୂରଭଞ୍ଜ ପୁଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ସାଇକଲ ରାଲି ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଇବର ଠକଙ୍କ କବଳରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଅବଲମ୍ବନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। କାରଣ ପରିବର୍ତ୍ତିତ ସମୟ ଅନୁସାରେ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସାଙ୍ଗକୁ ଇଣ୍ଟରନେଟ୍ ଓ ସ୍ମାର୍ଟ ଫୋନ୍ ବ୍ୟବହାର ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ସମସ୍ତଙ୍କ ଜୀବନ ବ୍ୟସ୍ତବହୁଳ ହୋଇଯାଇଛି। ଏହାର ସୁଯୋଗ ନେଇ ସାଇବର ଠକ ନୂଆ ନୂଆ ଅଭିନବ ଉପାୟରେ ଠକୁଛନ୍ତି। ବିଶେଷକରି ଲୋକଙ୍କ ବ୍ୟାଙ୍କ ଖାତାରୁ ଜମା ରାଶି ହଡ଼ପ କରି ଲୋକଙ୍କୁ ଭୀଷଣ ଆର୍ଥିକ କ୍ଷତି ପହଞ୍ଚାଉଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ ଅନଲାଇନ ସପିଙ୍ଗ୍, ଅନଲାଇନ ଆର୍ଥିକ କାରବାର, ଅନଲାଇନରେ କ୍ରୟବିକ୍ରୟ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା, ପିତାମାତା ସେମାନଙ୍କ ପିଲାଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଆପ୍ ନିୟମିତ ଯାଞ୍ଚ କରିବା, ପିଲାଙ୍କୁ ଯଥାସମ୍ଭବ ଅନଲାଇନ ଗେମରୁ ନିବୃତ୍ତ କରାଇବା ନେଇ ସଚେତନ କରାଯାଉଛି।

ଏଥିସହିତ ଏଟିଏମ/ପ୍ୟାନ/ଆଧାର କାର୍ଡ ଇତ୍ୟାଦି ଅପଡେଟ ପାଇଁ ପିନ ପାସୱାର୍ଡ ସେୟାର କରିବା, ଟିଭି ଟାୱାର ବସାଇବା ନେଇ ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହେବା, ଚାକିରି ଦେବା ନାଁରେ କିଛି ଅର୍ଥ ପୈଠ ପାଇଁ ପ୍ରବର୍ତ୍ତାଇବା, ମାଟ୍ରିମନିଆଲ ସାଇଟରେ ତଥ୍ୟ ସେୟାର କରିବା, ମାଗଣାରେ କୌଣସି ଉପହାର ଦେବା, ବିଭିନ୍ନ ଆପ୍ ଜରିଆରେ ବିନା ସୁଧରେ ଋଣ ଦେବା, ସିମ ସ୍ୱାପ, ଅଜ୍ଞାତ ଫୋନ କଲ୍‌ରେ ବିଶ୍ୱାସ କରିବା, ଡିଜିଟାଲ ଆରେଷ୍ଟ ସନ୍ଦେଶ ପାଇବା, ସନ୍ଦେହଜନକ ଅଜଣା ଲିଙ୍କରେ କ୍ଲିକ, କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ତଥ୍ୟ ବା ଫଟୋ ସେୟାର କରିବା ଇତ୍ୟାଦି ଠକାମୀର ଶିକାର ନ ହେବା ପାଇଁ ସଚେତନ କରାଯାଉଛି। ଉକ୍ତ ରାଲିରେ ଜିଲ୍ଲାପାଳ ଓ ଏସ୍‌ପି ସାମିଲ ହୋଇ ଅଂଶଗ୍ରହଣକାରୀଙ୍କ ସହିତ ସାଇକଲରେ ସହର ପରିକ୍ରମା କରିଥିଲେ ଓ ରାଲି ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଇଥଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକା ସବିତା ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଗୌତମ କିଷାନ, ରିଜର୍ଭ ପୁଲିସ ନିରୀକ୍ଷକ ଆଲୋକ କାନୁନ୍‌ଗୋ, ପଞ୍ଚମ ବାଟାଲିୟନ କମାଣ୍ଡାଣ୍ଟ ପ୍ରଶାନ୍ତ ନାୟକ, ଅନ୍ୟ ପୁଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ନାଗରିକ ଅଂଶଗ୍ରହଣ କରିଥିଲେ।

## ଟ୍ରେନ୍ ଧକ୍କାରେ ଦନ୍ତାହାତୀର ମୃତ୍ୟୁ ଘଟଣା

# ରେଳ ଓ ବନ ବିଭାଗର ସମନ୍ୱୟ ଅଭାବରୁ ଜୀବନ ଗଲା



**ବାରିପଦା, ୨।୧୧(ସମିସ)**

ବାରିପଦା ବନଖଣ୍ଡ ଅଧୀନ ବେତନଟୀ ରେଞ୍ଜ ଆଗ୍ରିଆ ରେଳ ଫାଟକ ନିକଟରେ ଶନିବାର ରାତି ସାଢ଼େ ୧୧ଟା ସମୟରେ ଶାଳିମାର-ଭଞ୍ଜପୁର ଏକ୍ସପ୍ରେସ୍ ଧକ୍କାରେ ମୃତ ଦନ୍ତାହାତୀର ରବିବାର ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ରବିବାର ସକାଳୁ ବିଭାଗ ପକ୍ଷରୁ ମୃତ ଦନ୍ତାକୁ ନେଇ ବାରିପଦା ନିକଟସ୍ଥ ମଞ୍ଚାବନ୍ଧା ଜଙ୍ଗଲରେ ବ୍ୟବଚ୍ଛେଦ କରିବା ସହ ଦୁଇଟି ବିଶାଳ ଦାନ୍ତକୁ ଆଣି କାର୍ଯ୍ୟାଳୟରେ ରଖିଛି। ହାତୀଟିର ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ବନ ବିଭାଗ ଓ ରେଳବାଇ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଉଭୟ ବିଭାଗର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ବିଭାଗ ସହ ସମନ୍ୱୟ ଅଭାବ ଯୋଗୁଁ ପୃଥିବୀର ବିରାଟକାୟ ଜୀବ ଦନ୍ତାହାତୀର ମୃତ୍ୟୁକୁ ନେଇ ପଶୁପ୍ରେମୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବେତନଟୀ ବନାଞ୍ଚଳରେ ବର୍ଷତମାମ ଝାଡ଼ଖଣ୍ଡି ଓ ଶିମିଳିପାଳ ହାତୀପଲ ବିଚରଣ କରୁଛନ୍ତି। ବିଭିନ୍ନ ସମୟରେ ଜନବସତି, ରାଜପଥ, ସଡ଼କପଥ ଓ ରେଳପଥ ପାର୍ ହୋଇ ଯାତାୟାତ କରୁଥିବାବେଳେ ବନ ବିଭାଗର କର୍ମଚାରୀମାନେ ଏହାର ଗତିବିଧି ଉପରେ ନଜର ରଖିଥା'ନ୍ତି। ବେତନଟୀ ରେଞ୍ଜ ଅଞ୍ଚଳରେ ୩୩ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ହାତୀପଲଠାରୁ ଅଲଗା ହୋଇ ଦନ୍ତାହାତୀଟି ଶନିବାର ସର୍ବଣା ଓ ବିଶ୍ରାମପୁର ଅଞ୍ଚଳରେ ବୁଲୁଥିଲା। ରାତିରେ ହାତୀଟି ଚଳପ୍ରଚଳ କରି ଆଗ୍ରିଆ ଅଭିମୁଖେ ଆସୁଥିବାବେଳେ ସ୍ଥାନୀୟ ଲୋକମାନେ ହାତୀକୁ ଦେଖି ପାଟିତୁଣ୍ଡ କରିଥିଲେ। ଟର୍ଚ୍ଚ ଲାଇଟ୍ ପକାଇବା ସହ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ହାତୀଟି ରେଳ ଧାରଣା ନିକଟକୁ ଆସିଥିଲା। ରାତି ସାଢ଼େ ୧୧ଟାରେ ପଶ୍ଚିମବଙ୍ଗରୁ ଶାଳିମାର-ଭଞ୍ଜପୁର ଏକ୍ସପ୍ରେସ୍ ଟ୍ରେନ୍‌ଟି ବାରିପଦା ଅଭିମୁଖେ ଆସୁଥିବାବେଳେ ଆଗ୍ରିଆ ଫାଟକ ନିକଟରେ ହାତୀଟି ରେଳ ଫାଟକ ପାର୍ କରିବାକୁ ଯାଉଥିଲା। ମାତ୍ର ଟ୍ରେନ୍ ଆସୁଥିବାରୁ ଫାଟକ ବନ୍ଦ ଥିବାରୁ ହାତୀଟି କୁଆଡ଼େ ଯାଇ ନ ପାରି ରେଳ ଧାରଣା ଉପରେ ଛିଡ଼ା ହୋଇ ରହିଥିଲା। ତେବେ ଦ୍ରୁତଗାମୀ ଟ୍ରେନ୍‌କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଦନ୍ତାକୁ ଧକ୍କା ଦେବାରୁ ହାତୀଟି ରେଳ ଧାରଣା ପାର୍ଶ୍ୱକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହାତୀଟିର ମୃତ୍ୟୁ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବରପାଇ ବନ ବିଭାଗର ଏସିଏଫ୍ ମେହେରବାନ ଅଲ୍ଲୀ, ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ରେଞ୍ଜ ଅଞ୍ଚଳରେ ହାତୀର ଚଳପ୍ରଚଳକୁ ନେଇ କର୍ମଚାରୀ ଅଭାବ ମୁଖ୍ୟ କାରଣ ସାଜିଥିବାବେଳେ ଏଭଳି ଘଟଣାକୁ ନେଇ ଗଜସାଥି, ଗାର୍ଡ ଓ ଫରେଷ୍ଟରମାନଙ୍କ ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ହାତୀ ପଛରେ ଗଜସାଥି କିମ୍ବା ବନ କର୍ମଚାରୀମାନେ ନ ଥିବାରୁ ଏଭଳି ଘଟଣା ହୃଦୟସ୍ପର୍ଶୀ ହୋଇପଡ଼ିଛି। ହାତୀଟି ରେଳ ଧାରଣା ଉପରକୁ ଉଠିବା ପରେ ସ୍ଥାନୀୟ ଲୋକେ ରେଳ ଫାଟକ କର୍ମଚାରୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏପରିକି ଫାଟକ ଟେକିଥିଲେ ହାତୀଟି ବଞ୍ଚିଯାଇ ପାରିଥା'ନ୍ତା। ହାତୀକୁ ନେଇ ରେଳ ବିଭାଗ ଓ ବନ କର୍ମଚାରୀଙ୍କ ମଧ୍ୟରେ ସଠିକ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ହାତୀଙ୍କ ଚଳାପଥ ଏବେ ମରଣପଥ ହୋଇପଡ଼ିଛି। ଏ ସମ୍ପର୍କରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କୁହନ୍ତି, କର୍ମଚାରୀମାନେ ନିକଟସ୍ଥ ଫୁଲଝରୀ ଗ୍ରାମରେ ଥିବା ହାତୀପଲକୁ ଜଗିଥିଲେ। ପଲ ମଧ୍ୟରୁ ଦନ୍ତାହାତୀଟି ଖସି ଆସି ରେଳ ଧାରଣା ଉପରକୁ ଯାଇଥିଲା। ମୃତ ହାତୀଟି ଝାଡ଼ଖଣ୍ଡରୁ ଆସିଥିବାରୁ ଗତିବିଧି ଉପରେ ବିଭାଗୀୟ ନଜର ରହିଥିଲା। ତେବେ ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

### ବନ କର୍ମଚାରୀଙ୍କୁ ଦୋଷ ଲଦିଲେ ସ୍ଥାନୀୟ ଲୋକେ

## ବାଲି ଓ ମୋରମ୍ ବୋଝେଇ ୨ ଟ୍ରାକ୍ଟର ଜବତ

**ବାରିପଦା, ୨।୧୧(ସମିସ):** ଶ୍ୟାମାଖୁଣ୍ଟା ବ୍ଲକ ଲଘୁ ଖଣିଜ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବାବେଳେ ନିୟମିତ ଭାବେ ବାଲି ଚୋରା ଚାଲାଣ ହେଉଛି। ଏନେଇ 'ସକାଳ'ରେ ଖବର ପ୍ରସାରଣ ହେବା ପରେ ପଦକ୍ଷେପ ଗ୍ରହଣ କରାଯାଇଛି। ବାରିପଦା ସଦର ଥାନା ପୁଲିସ ଓ ଜିଲ୍ଲା ମାଇନିଂ ବିଭାଗ ମିଳିତ ଭାବେ ଚଢ଼ଉ କରି ଚୋରା ଚାଲାଣବେଳେ ଟ୍ରାକ୍ଟର ଜବତ କରିଛନ୍ତି। ଜିଲ୍ଲାର ମୁଖ୍ୟାଳୟକୁ ସଂଲଗ୍ନ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ନୁରୁଡିହି ଅଞ୍ଚଳର ପାଣ୍ଡରା ଗ୍ରାମରେ ବୁଢ଼ାବଳଙ୍ଗ ନଦୀକୂଳରେ ବିନ୍ଧାଣି ଘାଟରୁ ବେଆଇନ ବାଲି ସୈରାତ ଗଢ଼ିଉଠିଛି। ଯେଉଁଠୁ କି ନିୟମିତ ଭାବେ ଟ୍ରକ୍, ଟ୍ରାକ୍ଟରରେ ଟ୍ରିପ୍ ଟ୍ରିପ୍ ବାଲି ଉତ୍ତୋଳନ ହେଉଛି। ବାଲି ମାଫିଆମାନେ ବିନା ଡରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଯାହା ଫଳରେ ଶ୍ୟାମାଖୁଣ୍ଟା ବ୍ଲକ ମାଫିଆମାନଙ୍କ ଭୂସ୍ୱର୍ଗ ପାଲଟିଛି। ରାଜ୍ୟ ସରକାରଙ୍କ କଟକଣା ସତ୍ତ୍ୱେ ଏହାକୁ ରୋକିବାରେ ପୁଲିସ ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ବିନ୍ଧାଣି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରା ଚାଲାଣବେଳେ ଜିଲ୍ଲା ଖଣି ବିଭାଗ ଓ ପୁଲିସ ସ୍କ୍ୱାଡ୍ ଦ୍ୱାରା ଚଢ଼ଉ କରି ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏନେଇ କନିଷ୍ଠ ମାଇନିଙ୍ଗ୍ ଅଧିକାରୀ ଭବାନୀ ଶଙ୍କର ପାତ୍ରଙ୍କ ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେହିପରି ବେଆଇନ ଭାବେ ମୋରମ୍ ନେଇ ଯାଉଥିବାବେଳେ ଉକ୍ତ ଟିମ୍ ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି। ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପିଛା କରି ତକତପୁର ଇଭିଏମ୍ ଗୋଦାମ ନିକଟରୁ ଧରିବାରେ ସଫଳ ହୋଇଛନ୍ତି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

## ଏକମାତ୍ର ଝିଅ ଦେଲେ ମୁଖାଗ୍ନି



**ଶୁଳିଆପଦା, ୨।୧୧(ସମିସ):** ଶୁଳିଆପଦା ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ସାନଦେଉଳି ଗ୍ରାମର ଧର୍ମପରାୟଣ ମହିଳା ପଦ୍ମାବତୀ ବସାଙ୍କର ରବିବାର ସକାଳେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ କାରଣରୁ ସେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ଶଯ୍ୟାଶାୟୀ ଥିଲେ। ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବଙ୍କ ସହଯୋଗରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର କନ୍ୟା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କନକ ମଞ୍ଜରୀ ବସା ମୁଖାଗ୍ନି ଦେଇଥିବା ସୂଚନା ମିଳିଛି।

## ଦୁଇଟି ସ୍ଥାନରୁ ଚୋରି ଅଭିଯୋଗ

**କୁଆମରା, ୨।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ବଗବସା ଗ୍ରାମରେ ଶନିବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂର୍ଯ୍ୟକାନ୍ତ ଦାସଙ୍କ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ବାକ୍ସ ମଧ୍ୟରୁ ନଗଦ ଅର୍ଥ ଚୋରି କରି ନେଇଥିବାର ଅଭିଯୋଗରେ ଦର୍ଶାଯାଇଛି। କୁଆମରା ଫାଣ୍ଡି ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ସେହିପରି ଖୁଣ୍ଟା ବଜାରରେ ଏକ ବିଦ୍ୟୁତ୍ ସାମଗ୍ରୀ ଦୋକାନରୁ ଚୋରମାନେ ଉପର ଆଜ୍‌ବେଷ୍ଟ ଖୋଲି କିଛି ଟଙ୍କା ଓ ଦୋକାନ ଭିତରେ ଥିବା ବିଦ୍ୟୁତ୍ ସାମଗ୍ରୀ ଚୋରି କରିଥିବା ନେଇ ଦୋକାନ ମାଲିକ ପବିତ୍ର ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଚୋରଙ୍କ ଟେର୍ ପାଇବାରେ ସକ୍ଷମ ହୋଇପାରି ନାହିଁ। ଖୁଣ୍ଟା ଥାନା ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଇବା ଯୋଗୁଁ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ସୁବର୍ଣ୍ଣରେଖା କେନାଲରୁ ବାର୍‌ହା ଉଦ୍ଧାର

**ମୋରଡ଼ା, ୨।୧୧(ସମିସ):** ବେତନଟୀ ବନ ବିଭାଗ କେନାଲରୁ ଏକ ବାର୍‌ହାକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଫରେଷ୍ଟର ଦୀପକ ପାତ୍ରଙ୍କ ସୂଚନା ମୁତାବକ, ବେତନଟୀ ରେଞ୍ଜ ତଥା ମୋରଡ଼ା ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ମାକୁନ୍ଦ ଗ୍ରାମ ନିକଟରେ ଥିବା ସୁବର୍ଣ୍ଣରେଖା ମୁଖ୍ୟ କେନାଲରେ ରବିବାର ସକାଳେ ଏକ ବାର୍‌ହା ଥିବାର ଗ୍ରାମବାସୀ ଦେଖିଥିଲେ। ପ୍ରଥମେ ଗ୍ରାମବାସୀମାନେ ବାର୍‌ହାକୁ କେନାଲରୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବାର୍‌ହାଟି କେନାଲ ପାଣିରେ ଭାସି ଭାସି ଦୂରକୁ ଚାଲିଯିବାରୁ ଉଦ୍ଧାର କରିପାରି ନ ଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାର୍‌ହାକୁ ପାଣିରୁ ଉଦ୍ଧାର କରି ଛାତନା ଜଙ୍ଗଲରେ ଛାଡ଼ିଥିବାର ଜଣାପଡ଼ିଛି।

## ରାସ୍ତାକଡ଼ରୁ ଅଜଣା ମୃତଦେହ ଉଦ୍ଧାର

**ବାରିପଦା, ୨।୧୧(ସମିସ):** ଜାତୀୟ ରାଜପଥ ନମ୍ବର-୧୮ କଡ଼ରୁ ଅଜଣା ମୃତଦେହ ଉଦ୍ଧାର ହୋଇଛି। ଦ୍ରୁତଗାମୀ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ଭଞ୍ଜପୁର ଥାନା ଅନ୍ତର୍ଗତ ଜୁବଲି ପେଟ୍ରୋଲ୍ ପମ୍ପ ଛକ ନିକଟରେ ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଜଣେ ଅଜଣା ଲୋକ ପଡ଼ିଥିବାର ସ୍ଥାନୀୟ ଲୋକମାନେ ଦେଖିଥିଲେ। ସ୍ଥାନୀୟ କାଉନ୍‌ସିଲର କରୁଣାକର ହେମ୍ବ୍ରମଙ୍କୁ ଖବର ଦେବାରୁ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁବକଙ୍କ ପରିଚୟ ମିଳିପାରୁ ନ ଥିବାବେଳେ ଭଞ୍ଜପୁର ଥାନା ପୁଲିସକୁ ଖବର ଦେଇଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଏମ୍‌ପିସି ହାଇସ୍କୁଲ ଆଲୁମ୍‌ନି ଓ ପରିଚାଳନା କମିଟି ବୈଠକ

# ଲାଇବ୍ରେରୀ ନିର୍ମାଣ ସ୍ଥାନ ପରିବର୍ତ୍ତନ ନେଇ ବିଡିଓଙ୍କ ସହ ଆଲୋଚନା

**ବେତନଟୀ, ୨।୧୧(ସମିସ):** ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ହାଇସ୍କୁଲ ଆଲୁମ୍‌ନି କମିଟି, ସ୍କୁଲ ଏସ୍‌ଏମ୍‌ସି କମିଟି ଓ ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଶନିବାର ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସ୍କୁଲ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ସର୍ବ ପ୍ରଥମେ ସ୍କୁଲ ଆଲୁମ୍‌ନି କମିଟି ସଭାପତି ସ୍ୱର୍ଗତ କୈଳାସ ଚନ୍ଦ୍ର ଅଗ୍ରୱାଲ ଏବଂ ଆଲୁମ୍‌ନି କୋର୍ କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କମିଟି ପୁନର୍ଗଠନ ପାଇଁ ନୂତନ ସଭାପତି ଭାବେ ଉପସଭାପତି ପଦରେ ଥିବା ଜୟନ୍ତ ପଟ୍ଟନାୟକଙ୍କ ନାମ ଓ ଉପସଭାପତି ଭାବେ ରାମେଶ୍ୱର ମିଶ୍ରଙ୍କ ନାମକୁ ସମସ୍ତେ ପ୍ରସ୍ତାବ ଦେଇଥିବାବେଳେ ତାଙ୍କୁ ସମସ୍ତେ ସମର୍ଥନ କରିଥିଲେ। ସ୍କୁଲ ଜାଗାରେ ବହୁ ଦୋକାନୀ ଦୋକାନ କରିଥିବାବେଳେ ସ୍କୁଲ ଜାଗାକୁ ଜବରଦଖଲମୁକ୍ତ ପାଇଁ ଦାବିପତ୍ର ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଯେହେତୁ ହାଇସ୍କୁଲ ପଡ଼ିଆଟି ସ୍କୁଲ ନାମରେ ଜମିପଟ୍ଟା ରହିଛି ଏଣୁ ପଡ଼ିଆରେ ଯାହା ବି କାର୍ଯ୍ୟକ୍ରମ ହେବ ପ୍ରଧାନଶିକ୍ଷକଙ୍କ ଅନୁମତି ନେବା ସହ ତା'ର ଉତ୍ତରଦାୟିତ୍ୱ ହାଇସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ନେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍କୁଲ ପଡ଼ିଆ ମଧ୍ୟରେ ୧୦ଲକ୍ଷ ଟଙ୍କାର ଲାଇବ୍ରେରୀ ଗୃହ ନିର୍ମାଣ କାମକୁ ବିରୋଧ କରାଯାଇ କିଛିଦିନ ପୂର୍ବରୁ କାମକୁ ଆଲୁମ୍‌ନି କମିଟି ପକ୍ଷରୁ ବନ୍ଦ କରାଯାଇଥିଲା। ଏଣୁ ବୈଠକରେ ବସିଥିବା ସମସ୍ତ ସଦସ୍ୟ ପଡ଼ିଆ ଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସ୍ଥାନକୁ ନିରୀକ୍ଷଣ କରିଥିଲେ। ଯେହେତୁ ବଜାର ମଧ୍ୟରେ ଗୋଟିଏ ପଡ଼ିଆ ଅନେକ ସ୍କୁଲର ବାର୍ଷିକ କ୍ରୀଡ଼ା, ଜାତୀୟ ଦିବସ ପରେଡ୍, କ୍ରିକେଟ, ଫୁଟବଲ ଖେଳ ପାଇଁ ଜାଗା ସଂକୁଚିତ ହେଉଥିବାର ସମସ୍ତ ସଦସ୍ୟ ଅନୁଭବ କରିଥିଲେ। ଏହାପରେ ନିର୍ମାଣ ସ୍ଥାନକୁ ପରିବର୍ତ୍ତନ କରାଯିବା ନେଇ ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାରଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ସୁତାର ପରିବର୍ତ୍ତନ ସ୍ଥାନ ଯାଇ ବୁଲି ଦେଖିବେ ବୋଲି ମତ ରଖିଥିଲେ। ଏହି ବୈଠକରେ ଆଲୁମ୍‌ନି ସଭାପତି ଜୟନ୍ତ ପଟ୍ଟନାୟକ, ଉପସଭାପତି ସର୍ବେଶ୍ୱର ମିଶ୍ର, ଏସ୍‌ଏମ୍‌ସି ସଭାପତି ତପନ ପରିଡ଼ା, ଗଦାଧର ମିଶ୍ର, ମଳୟ ଦାସ, ଜନମନ ବେହେରା, ସୁଧୀର ଖଣ୍ଡେଲୱାଲ, ସୁଶାନ୍ତ ବଳ, କିଶୋର ନାୟକ, ସୁନ୍ଦର ମୋହନ ମହାନ୍ତ, ସୁନୀଲ ଖଣ୍ଡେଲୱାଲ, ଉଦିତ ପରିଡ଼ା, ଜ୍ଞାନରଞ୍ଜନ ବେହେରା, ଅନୁପ ଦଣ୍ଡପାଟ, ପ୍ରଶାନ୍ତ ନାଥ, ଲକ୍ଷ୍ମୀଧର ପାକଳ, ଶାନ୍ତନୁ ପଣ୍ଡା, ସତ୍ୟକାମ ପଣ୍ଡାଙ୍କ ସମେତ ସମସ୍ତ କୋର୍ କମିଟି ସଦସ୍ୟ ଓ ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ।

### ସ୍କୁଲ ଜାଗାରୁ ଜବରଦଖଲ ମୁକ୍ତ ଦାବି


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. | **NA** | **NA** | **NA** |
| | | | **II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form** | II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | | | |
| | | | **III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form** | III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | | | |
| | | | **IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | | | |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.



ଦୁର୍ନୀତି ଯେକୌଣସି ଦେଶର ବିକାଶରେ ସବୁଠାରୁ ବଡ଼ ବାଧକ।
-ଲାଲ ବାହାଦୂର ଶାସ୍ତ୍ରୀ

ସକାଳ THE SAKALA

# ଭାରତ ପାଖରେ ସୁଯୋଗ

ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ପରିଚିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ରକ୍ଷଣାତ୍ମକ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଚପଳମତି ଟ୍ରମ୍ପଙ୍କ ଏହି ସ୍ୱଭାବ ପରିବର୍ତ୍ତନ ପଛର କାରଣ ହଠାତ୍ ଠଉରାଇବା କଷ୍ଟକର ହୋଇଥିଲେ ମଧ୍ୟ ଦୁଇଟି କାରଣକୁ କୂଟନୀତିଜ୍ଞମାନେ ଅନୁମାନ କରୁଛନ୍ତି। ପ୍ରଥମତଃ, ଦଣ୍ଡ-ଭେଦ ସାମରିକ ନୀତିରେ ନୋବେଲ ଶାନ୍ତି ପୁରସ୍କାର ପାଇବାରେ ବିଫଳ ହେବା ପରେ ଏବେ ଟ୍ରମ୍ପ ବାଣିଜ୍ୟ ସହଯୋଗର ସାମ-ଦାମ ନୀତି ଆପଣେଇଛନ୍ତି। ଏଣୁ କଠୋର ଶୁଳ୍କ ଯୁଦ୍ଧକୁ ପରିହାର କରି ଚୀନ୍ ପାଇଁ କୋହଳ ବାଣିଜ୍ୟ ନୀତି ଘୋଷଣା କରିଛନ୍ତି। ସେହିପରି ଭାରତ ସମ୍ପର୍କରେ ଆମେରିକାର ଆଭିମୁଖ୍ୟ ହଠାତ୍ ବଦଳି ଯାଇଛି। ଟ୍ରମ୍ପ ସବୁଠାରୁ ଉଚ୍ଚା ଦରରେ ଭାରତର ଉତ୍ପାଦ ଉପରେ ଶୁଳ୍କ କଷିଥିବା ବେଳେ ଚବାହାର ବନ୍ଦର ପରିଚାଳନାରେ ଲଗାଇଥିବା କଟକଣାକୁ ଛଅମାସ ପାଇଁ କୋହଳ କରିଛନ୍ତି। ନିକଟରେ ଆମେରିକା ଭାରତ ସହିତ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛି। ଏହାଦ୍ୱାରା ସବୁରାଷ୍ଟ୍ର ସହିତ ସୁସମ୍ପର୍କ ସ୍ଥାପନ ଜରିଆରେ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଆଗ୍ରହୀ ଥିବା ଟ୍ରମ୍ପ ପ୍ରମାଣିତ କରିବାକୁ ଚାହୁଁଥିବେ। ଯଦି ଟ୍ରମ୍ପଙ୍କ ଏହି ଉଦ୍ଦେଶ୍ୟ ମହତ୍, ସ୍ଥାୟୀ ଓ ବାସ୍ତବ ହୋଇଥାଏ ତେବେ ବିଶ୍ୱ ପାଇଁ ମଙ୍ଗଳକର। ଅପରପକ୍ଷରେ ବନ୍ଧୁତ୍ୱ ଓ କୋହଳ ନୀତିର ହାତ ବଢ଼ାଇ ଚୀନ୍ ଓ ଭାରତକୁ ରୁଷ୍‌ଠାରୁ ଅଲଗା କରିବାରେ ଟ୍ରମ୍ପଙ୍କ ମସୁଧାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଟ୍ରମ୍ପଙ୍କ ସ୍ୱଭାବ ଓ ନୀତି ପରିବର୍ତ୍ତନ ପଛରେ ଯାହା ବି କାରଣ ଥାଉ ନା କାହିଁକି ଏଥିରେ କିନ୍ତୁ ଭାରତ ପାଇଁ ଏକ ବଡ଼ ସୁଯୋଗ ରହିଛି, ଯାହାକୁ କେନ୍ଦ୍ର ସରକାର ହାତଛଡ଼ା କରିବେ ନାହିଁ ବୋଲି ବିଶ୍ୱାସ। ଆଣବିକ ପରୀକ୍ଷଣ ବିରୋଧରେ ଆମେରିକା ଯେଉଁ ବୈଶ୍ୱିକ କଟକଣା ଲାଗୁ କରିଥିଲା ତାହାକୁ ପ୍ରତ୍ୟାହାର କରିବା ସହିତ ୧୯୯୨ ମସିହା ପରେ ପ୍ରଥମ ଥର ପାଇଁ ପୁଣି ଥରେ ନିଜେ ଆଣବିକ ପରୀକ୍ଷଣ କରିବ ବୋଲି ଟ୍ରମ୍ପ ପ୍ରଶାସନ ଘୋଷଣା କରିଛି। ତେଣୁ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ସମ୍ପାଦନ ଅବସରରେ ଏହି ଦିଗଟିକୁ ଅଧିକ ଗୁରୁତ୍ୱ ଦେଲେ ଭାରତ ପ୍ରତିରକ୍ଷା ଓ ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆହୁରି ସଶକ୍ତ ହୋଇପାରିବ। ବିଶେଷକରି ୧୯୯୮ ମେ ୧୧ ତାରିଖରେ ପୋଖରାନ୍ ୨ ଆଣବିକ ପରୀକ୍ଷଣ ପରେ ଭାରତ ଉପରେ ଆମେରିକା ଲଗାଇଥିବା କଟକଣାକୁ ଆଂଶିକ ପ୍ରତ୍ୟାହାର କରିଥିଲେ ମଧ୍ୟ ଅଣୁ ଅସ୍ତ୍ର ଉତ୍ପାଦନ ଉପରେ କଟକଣା ବଳବତ୍ତର ରହିଛି।

୨୦୦୭ ରେ ଭାରତ ଆମେରିକା ସହିତ ସ୍ୱାକ୍ଷର କରିଥିବା '୧୨୩ ଚୁକ୍ତିନାମା'ର ସର୍ତ୍ତ ଅନୁଯାୟୀ ଆମେରିକା ସହିତ ପୂର୍ଣ୍ଣ ସହଯୋଗ କଲେ ଯାଇ ଭାରତକୁ ଆଣବିକ ଅସ୍ତ୍ର ପରୀକ୍ଷଣର ଅନୁମତି ମିଳିବ। ତେଣୁ ଏବେ ସୁଯୋଗକୁ ହାତଛଡ଼ା ନ କରି ଅଣୁଅସ୍ତ୍ରର ଅଧିକ ପରୀକ୍ଷଣ କରିବା ଲାଗି ଭାରତ ଆମେରିକାକୁ ମନାଇବାକୁ ପଡ଼ିବ। କାରଣ ଏବେ ଉଭୟ ଚୀନ୍ ଓ ପାକିସ୍ତାନ ପଟରୁ ଯେଭଳି ଆଣବିକ ଆକ୍ରମଣ ଆଶଙ୍କା ବଢ଼ୁଛି, ତାହାକୁ ପ୍ରତିହତ କରିବା ଲାଗି ଭାରତର ଅଣୁ ଅସ୍ତ୍ର କ୍ଷମତା ପର୍ଯ୍ୟାପ୍ତ ନୁହେଁ। ଭାରତ ପ୍ରଥମେ ନିଜ ଆଡୁ ଅଣୁ ଅସ୍ତ୍ର ପ୍ରୟୋଗ କରିବ ନାହିଁ ବୋଲି ସଂକଳ୍ପ ନେଇଛି; କିନ୍ତୁ ଶକ୍ତି ପ୍ରଦର୍ଶନ ଜରିଆରେ ଶତ୍ରୁ ପକ୍ଷକୁ ଭୟଭୀତ କରିବା ପାଇଁ ଅଣୁ ଅସ୍ତ୍ରର ଅଧିକ ପରୀକ୍ଷଣ ଆଜିର ଆବଶ୍ୟକତା।

# ଆପଣା କଲା କର୍ମମାନ

ନିଜେ କରୁଥିବା କର୍ମର ପରିଣତି ପ୍ରତି ସାବଧାନ ନ ହେଲେ ତା'ର ଫଳ ନିଜେ ହିଁ ଭୋଗ କରିବାକୁ ପଡ଼େ। ବାରମ୍ବାର ତାଗିଦ, ଅନୁରୋଧ, ପରାମର୍ଶ ସତ୍ତ୍ୱେ ଆସୁରିକ ଆନନ୍ଦ ଉପଭୋଗ ପାଇଁ ଲଗାମହୀନ ବାଣ ଫୁଟାଇବା ପରେ ଦିଲ୍ଲୀ ଏକ ବିଷାକ୍ତ ଗ୍ୟାସ୍‌ଚାମ୍ବରରେ ପରିଣତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସ୍ପର୍ଶକାତର ରୋଗୀମାନେ ଦିଲ୍ଲୀ ଛାଡ଼ି କିଛିଦିନ ବାହାରେ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦୂରଦର୍ଶିତା ଓ ବେପରୁଆ ମାନସିକତା ନିଜ ପାଇଁ କିଭଳି ବିପତ୍ତି ଓ ପରିଣତି ଆଣିପାରେ ତାହା ଦିଲ୍ଲୀ ବାୟୁ ସ୍ଥିତି ପୁଣି ଥରେ ସମସ୍ତଙ୍କୁ ଚେତାବନୀ ଦେଇଛି।

ଉଦ୍‌ବେଗଜନକ କଥା ହେଉଛି ଦିଲ୍ଲୀ ସ୍ଥିତି ଦେଖିବା ଓ ଶୁଣିବା ପରେ ମଧ୍ୟ କେହି ଚେତୁନାହାନ୍ତି। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ନ୍ୟାୟରେ କଟକଣାକୁ ଉଲ୍ଲଙ୍ଘନ କରି ବାଣ ଫୁଟାଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ପୁରାଣ ଶାସ୍ତ୍ରକାରମାନେ କହିଛନ୍ତି ଏ ହାତରେ କଲା କର୍ମ ଫଳ ସେ ହାତରେ ନେବ। କିନ୍ତୁ ଦିଲ୍ଲୀ ଭଳି ପ୍ରଦୂଷିତ ସହରମାନଙ୍କର ସଂଖ୍ୟାବହୁଳ ଆସୁରିକ ଆନନ୍ଦଭୋଗୀଙ୍କ ଯୋଗୁଁ ସୃଷ୍ଟ ପ୍ରଦୂଷିତ ପରିବେଶ ସଂଖ୍ୟାଲଘୁ ନିରୀହ ଲୋକଙ୍କୁ ଯନ୍ତ୍ରଣା ଦେଉଛି। ଏକ ସର୍ବେକ୍ଷଣ ଅନୁଯାୟୀ, ଦିଲ୍ଲୀ ରାଜଧାନୀ ଅଞ୍ଚଳରେ ପ୍ରାୟ ୭୫ ପ୍ରତିଶତ ପରିବାର ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ପ୍ରତି ପରିବାରର ଏକାଧିକ ସଦସ୍ୟ ଶ୍ୱାସ, ଚର୍ମ, କିଡ୍‌ନୀ, ଥଣ୍ଡା, କାଶ, ଜ୍ୱର ଭଳି ରୋଗରେ ପୀଡ଼ିତ। ଏସବୁ ସଂକ୍ରମଣ ଓ ରୋଗ ପଛରେ କେବଳ ବାଣ ଜନିତ ପ୍ରଦୂଷଣ ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ଏକମତ ହୋଇଛନ୍ତି। କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଯେପରି ଉଠାଇବା ପ୍ରୟାସ ନିରର୍ଥକ, ବାଣ ନ ଫୁଟାଇବାକୁ ପରାମର୍ଶ ସେପରି ମୂଲ୍ୟହୀନ ପ୍ରମାଣିତ ହୋଇଛି।

ଇତିମଧ୍ୟରେ ଦିଲ୍ଲୀ ସରକାର କୃତ୍ରିମ ବର୍ଷା ଜରିଆରେ ବାୟୁପ୍ରଦୂଷଣକୁ କିଛିମାତ୍ରାରେ ହ୍ରାସ କରିବାର ପ୍ରୟାସ କରିଛନ୍ତି; ଯାହା ପୂର୍ଣ୍ଣମାତ୍ରାରେ ସଫଳ ହୋଇପାରିନାହିଁ। କିନ୍ତୁ ଏଥିପାଇଁ ଯେଉଁ ଖର୍ଚ୍ଚ ହେଲା ତାହା ଭରଣା କରିବ କିଏ? ଏଭଳି କ୍ଷେତ୍ରରେ ସରକାର କିମ୍ବା ପ୍ରଶାସନ ଚାହିଁଲେ ମଧ୍ୟ କିଛି କରିପାରିବେ ନାହିଁ। ଯଦି ଜଣେ ନିଜ ହାତରେ ନିଜ ଜିଭକୁ କାଟି ବସିବ ତାକୁ ବା ଜଗିବ କିଏ ଓ କାହିଁକି? ସହର ଗାଁ ଛାଡ଼ି ଚାଲିଯିବା ସମସ୍ୟାର ସମାଧାନ ନୁହେଁ। ଏଭଳି ଘଟଣାର ପୁନରାବୃତ୍ତି ମଧ୍ୟ ଅବାଞ୍ଛନୀୟ। ଯିଏ ସମସ୍ୟା ସୃଷ୍ଟି କରୁଛି ତା' ପାଖରେ ହିଁ ସମାଧାନ ଅଛି। କିନ୍ତୁ ଏଥିପାଇଁ ଅଙ୍ଗୀକାରବଦ୍ଧତା କାହିଁ?

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

**ବିଦ୍ୟାଧର ମହାରଣା**

ପ୍ରଥମ ଭାଗରେ ଆମେ ଆଲୋଚନା କରିଥିଲେ ଶୀତଳଭଣ୍ଡାର ଅଭାବ ସମସ୍ୟା କିପରି ଓଡ଼ିଶାର କୃଷି ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରୁଛି ଏବଂ ଆଳୁ, ପିଆଜ ଓ ଅନ୍ୟାନ୍ୟ ପଚନଶୀଳ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ୨୦୧୫ରେ ଆରମ୍ଭ କରାଯାଇଥିବା ଆଳୁ ମିଶନ୍ ଅସଫଳ ହେବାର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଶୀତଳଭଣ୍ଡାର ଅଭାବ, ଯାହାକି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏବେ ରାଜ୍ୟରେ ୩୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଅପରପକ୍ଷରେ ଡେରାସ, ଏରସମା ଓ ରଙ୍ଗେଇଲୁଣ୍ଡାଠାରେ ଥିବା ଶୀତଳଭଣ୍ଡାର ଖାଲିପଡ଼ିଛି। ପର୍ଯ୍ୟାପ୍ତ ଶୀତଳୀକରଣ ଅଭାବରୁ ପଚନଶୀଳ ସାମଗ୍ରୀର ଅତିକମ୍‌ରେ ୩୦% ଅପଚୟ ହେଉଛି।

ଏବେ ଆମ ରାଜ୍ୟରେ ଶୀତଳଭଣ୍ଡାର ଅଭାବ ପଛରେ ଥିବା କାରଣ ଓ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିବା। ପ୍ରଥମ ସମସ୍ୟା ହେଉଛି ଶୀତଳଭଣ୍ଡାରଗୁଡ଼ିକର ଅତ୍ୟଧିକ ପରିଚାଳନା ଖର୍ଚ୍ଚ। ୫୦୦୦ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିର ମୂଲ୍ୟ ବ୍ୟତୀତ ଖର୍ଚ୍ଚ ଟନ୍ ପ୍ରତି ୭୦୦୦ ଟଙ୍କା ହିସାବରେ ୩.୫ କୋଟି ଟଙ୍କା ହେବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦% ରିହାତି ମିଳିଲେ ମଧ୍ୟ ଅବଶିଷ୍ଟ ପୁଞ୍ଜିନିବେଶ ବ୍ୟକ୍ତିଗତ ସ୍ତରରେ କଷ୍ଟସାଧ୍ୟ। ଏଥିସହିତ ବିଦ୍ୟୁତ ଓ ପରିଚାଳନା ଖର୍ଚ୍ଚ ଅଲଗା। ଏହି ବିପୁଳ ଖର୍ଚ୍ଚକୁ ଚାଷୀମାନେ ବହନ କରିବାକୁ ଅମଙ୍ଗ ହେବା ସ୍ୱାଭାବିକ। ଦ୍ୱିତୀୟରେ ଘରୋଇ ଶୀତଳଭଣ୍ଡାରଗୁଡ଼ିକ ବର୍ଷସାରା ପନିପରିବା ସାଇତି ନରଖି କେବଳ ୪-୫ ମାସ ଆଳୁ ରଖିବା ଫଳରେ ଏବଂ ଅଧିକ ବିଦ୍ୟୁତଖର୍ଚ୍ଚ ଯୋଗୁଁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖର୍ଚ୍ଚ ଭରଣା କରିବାକୁ କେତେକ ତେନ୍ତୁଳି ମଞ୍ଜି ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟ ରଖିବାକୁ ବାଧ ହେଉଛନ୍ତି।

ତୃତୀୟ ସମସ୍ୟା ହେଲା, ରାଜ୍ୟର ପନିପରିବା, ଫଳ ଓ ଅଣ୍ଡା ଇତ୍ୟାଦି ଉତ୍ପାଦନ ସ୍ଥଳ ଓ ଶୀତଳଭଣ୍ଡାର ସ୍ଥଳ ମଧ୍ୟରେ ସମନ୍ୱୟର ଅଭାବ। ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ୬, କଟକ ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୫, କୋରାପୁଟ ଜିଲ୍ଲାରେ ୩, ବାଲେଶ୍ୱର, ବଲାଙ୍ଗୀର, ମୟୂରଭଞ୍ଜ ଓ ପୁରୀରେ ୨ଟି ଲେଖାଏଁ ଏବଂ ଅନୁଗୁଳ, ବରଗଡ଼, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ। ଅନ୍ୟ ୧୧ ଟି ଜିଲ୍ଲାରେ ଶୀତଳଭଣ୍ଡାର ଆଦୌ ନାହିଁ। ଏହାର ଅର୍ଥ ହେଲା ଉତ୍ପାଦନ କ୍ଷେତ୍ର ଅନୁସାରେ ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ହୋଇନାହିଁ। ରାଜ୍ୟରେ ଯେଉଁ ଅଞ୍ଚଳରେ ଆଳୁ ଓ ପନିପରିବା ଅଧିକ ଉତ୍ପାଦନ ହୁଏ ସେଇଠି ଶୀତଳ ଭଣ୍ଡାର ଅଧିକ ଆବଶ୍ୟକ। ଆମେ ଦେଖିଛୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଇନ୍ଦୋର ଅଞ୍ଚଳରେ ଫସଲ କ୍ଷେତ୍ର ନିକଟରେ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ଏହାଫଳରେ ବର୍ଷସାରା ଶୀତଳଭଣ୍ଡାରଗୁଡ଼ିକ କାର୍ଯ୍ୟକରୁଛି ଏବଂ ପରିବହନ ଖର୍ଚ୍ଚ କମ୍ ହେଉଛି। ଆମ ରାଜ୍ୟରେ କିନ୍ତୁ ବାସ୍ତବ ଚିତ୍ର ଅଲଗା।

ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରାଳୟ ଦେଶରେ ୩୯୪ ଶୀତଳୀକରଣ ପ୍ରକଳ୍ପ ପାଇଁ ସହାୟତା ଦେଇଥିଲେ ମଧ୍ୟ ଓଡ଼ିଶାକୁ କଟକ, ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ଓ ବଲାଙ୍ଗିର ପାଇଁ ମାତ୍ର ୮ ଗୋଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରୁ ଏଯାଏଁ ୪ଟି ନିର୍ମାଣ ହୋଇସାରିଛି। ଏପରି ଭୌଗୋଳିକ ଦୂରତ୍ୱ ଯୋଗୁଁ ଚାଷୀମାନେ ଶୀତଳଭଣ୍ଡାରରେ ନିଜର ଉତ୍ପାଦ ସାଇତିବା ପାଇଁ ବହୁ ଦୂରକୁ ଯିବାକୁ ହେବ। ଏପରିକି ଚାଷୀମାନେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଉତ୍ତରପ୍ରଦେଶରେ ୨୪୮୮, ଗୁଜରାଟରେ ୧୦୨୩, ପଞ୍ଜାବରେ ୭୭୦, ମହାରାଷ୍ଟ୍ରରେ ୬୬୫, ପଶ୍ଚିମବଙ୍ଗରେ ୫୧୭ ଓ ବିହାରରେ ୩୧୬ ଶୀତଳ ଭଣ୍ଡାର ଥିବା ବେଳେ ଓଡ଼ିଶାରେ ମାତ୍ର ୩୬ଟି ରହିଛି। କାର୍ଯ୍ୟକ୍ଷମ ଥିବା ୩୬ ଶୀତଳଭଣ୍ଡାରରେ ପ୍ରାୟ ୧୭୨୦୦୦ ଟନ୍ ଆଳୁ ସାଇତି ରଖିହେବ।

ଚତୁର୍ଥ ସମସ୍ୟା ହେଉଛି ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିବା ଯୋଗୁଁ ଶୀତଳଭଣ୍ଡାର କ୍ଷତିଗ୍ରସ୍ତ ହୁଏ। ଆବଶ୍ୟକ ଜେନେରେଟର ନଥିଲେ ବହୁ ଅସୁବିଧା ଲାଗିରହେ। ଶେଷ ସମସ୍ୟାଟି ହେଉଛି ସଚେତନତା ଏବଂ ସରକାରୀ ସହଯୋଗ ଅଭାବରୁ ବହୁ ଘରୋଇ ଉଦ୍ୟୋଗୀ ଶୀତଳଭଣ୍ଡାର ପାଇଁ ଆଉ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ବଢୁଥିବାରୁ ସେମାନେ ଅଧିକ ବିଦ୍ୟୁତ୍ ରିହାତି ପାଇଁ ଦାବି କରୁଛନ୍ତି।

ବର୍ତ୍ତମାନ ଆଲୋଚନା କରିବା ସମ୍ଭାବନାର ବିଭିନ୍ନ ଦିଗ ଉପରେ। ରାଜ୍ୟ ସରକାର ଇତିମଧ୍ୟରେ ରାଜ୍ୟର ଶୀତଳଭଣ୍ଡାର ଅଭାବ ପୂରଣ ପାଇଁ ୨୫୨ କୋଟି ଟଙ୍କାର ବ୍ୟୟ ଅଟକଳ ସହିତ ଏକ ନୂତନ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଆଗାମୀ ୫ ବର୍ଷରେ ୫୮ ଶୀତଳଭଣ୍ଡାର ପ୍ରତି ସବଡିଭିଜନରେ ସ୍ଥାପନ କରାଯିବ। ରାଜ୍ୟର କୃଷକ ତଥା ଉଦ୍ୟୋଗୀମାନେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଋଣ ଓ ରିହାତି ପାଇବାର ବ୍ୟବସ୍ଥା କରିଛନ୍ତି। ଉଦ୍ୟୋଗୀ ଗୋଟିଏ ୫୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିମୂଲ୍ୟ ବ୍ୟତୀତ ୫.୮୫ କୋଟି ଟଙ୍କା ବ୍ୟୟ କରିବେ। ୧୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ପ୍ରାୟ ୨.୭୫ କୋଟି ଟଙ୍କା ଆବଶ୍ୟକ। ଏଥିପାଇଁ ସେମାନେ ପ୍ରକଳ୍ପ ଉପରେ ବ୍ୟାଙ୍କ ଋଣ ନେଇପାରିବେ। ସାଧାରଣ ବର୍ଗ ୬ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୫୦% ରିହାତି ଏବଂ ମହିଳା ଓ ଅନୁସୂଚିତ ବର୍ଗ ୬.୫ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୬୦% ରିହାତି ପାଇପାରିବେ। ଶୀତଳଭଣ୍ଡାର ପାଇଁ ୧୨୦ କିଲୋୱାଟ୍ ବିଦ୍ୟୁତ ଶକ୍ତି ବାବଦରେ ଯାହା ଖର୍ଚ୍ଚ ହେବ ତାହାର ୫୦% ତାରିଫ ସାତବର୍ଷ ପର୍ଯ୍ୟନ୍ତ ଦେବେ। କୃଷି ଉଦ୍ୟୋଗୀ ଶୀତଳଭଣ୍ଡାର ସ୍ଥାପନ ପାଇଁ ବ୍ୟାଙ୍କଋଣ ନେଲେ ସୁଧ ଉପରେ ୬% ଛାଡ଼। ଦୁଇ କୋଟି ଋଣ ପର୍ଯ୍ୟନ୍ତ କେନ୍ଦ୍ରୀୟ କୃଷି ଭିତ୍ତିଭୂମି ପାଣ୍ଠିରୁ ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିବାର ବ୍ୟବସ୍ଥା ରହିଛି। ଅଚଳାବସ୍ଥାରେ ଥିବା ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ମଧ୍ୟ ରହୁଛି। ରାଷ୍ଟ୍ରୀୟ ଉଦ୍ୟାନ ବୋର୍ଡ ମଧ୍ୟ ୫୦୦୦-୧୦୦୦୦ ଟନ୍ ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ବ୍ୟାଙ୍କ୍ ଋଣ ଉପରେ ୩୫-୫୦% ରିହାତି ଦେଉଛନ୍ତି।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକରେ ପନିପରିବା ହିସାବରେ ଆଳୁ, କୋବି, ପିଆଜ, କାକୁଡି, ଟମାଟୋ, ତରଭୁଜ, ଛତୁ; ଫଳ ହିସାବରେ ଆମ୍ବ, କମଳା, ଡାଳିମ୍ବ; ଦୁଗ୍ଧ ଜାତ ଦ୍ରବ୍ୟ ହିସାବରେ କ୍ଷୀର, ଛେନା, ଦହି ଓ ଆଇସ୍‌କ୍ରିମ ଏବଂ ମାଛ, ମାଂସ, ଅଣ୍ଡା ଇତ୍ୟାଦି ରଖାଯାଇପାରିବ। ଏଥିପାଇଁ ତାପମାନ ୨୫ ଡିଗ୍ରୀରୁ ବିଯୁକ୍ତ ୨୫ ଡିଗ୍ରୀ ସେଲସିୟସ ନିୟନ୍ତ୍ରଣ କରିବାକୁ ହେବ। ଏପରି ବହୁମୁଖୀ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହିବ। କିନ୍ତୁ କେବଳ ଆଳୁ ସାଇତା ପାଇଁ ନିର୍ମିତ ଶୀତଳଭଣ୍ଡାର ବର୍ଷରେ ମାତ୍ର ୪-୫ ମାସ କାର୍ଯ୍ୟକ୍ଷମ ରହୁଥିବାରୁ ଏହା ଗ୍ରହଣୀୟ ନୁହେଁ।

ଆଳୁ ଓ ପନିପରିବା ଚାଷ ସହିତ ଶୀତଳଭଣ୍ଡାରଗୁଡ଼ିକର ସମନ୍ୱୟ ରହିବା ଜରୁରୀ। ଆମ ରାଜ୍ୟରେ କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ପ୍ରାୟ ୧୨, ୪୪୪ ହେକ୍ଟର ଜମିରେ ଆଳୁ ଚାଷ ହୋଇ ୨୬୩୦୦୦ ଟନ୍ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୬୨୦୦ ହେକ୍ଟର ଜମିରୁ ପ୍ରାୟ ୪.୧୯ ଲକ୍ଷ ଟନ୍ ପିଆଜ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୭.୬୫ ଲକ୍ଷ ହେକ୍ଟର ଜମିରେ ପନିପରିବା ଚାଷ ହୋଇ ୧୦୮.୮୪ ଟନ୍ ଅମଳ ହୁଏ। ଉପକୂଳ ଜିଲ୍ଲାମାନଙ୍କରେ କ୍ଷୀର, ଅଣ୍ଡା ଓ ମାଛ ଉତ୍ପାଦନ ବେଶୀ ହୁଏ। ସୁତରାଂ ଉକ୍ତ ଜିଲ୍ଲାଗୁଡ଼ିକରେ ସମ୍ପୃକ୍ତ ଉତ୍ପାଦକୁ ବିଚାର କରି ଶୀତଳଭଣ୍ଡାର ସ୍ଥାପନ କରାଯିବା ଆବଶ୍ୟକ।

ପ୍ରତି ଜିଲ୍ଲା ପାଇଁ ଗୋଟିଏ ଉତ୍ପାଦ କଥା ସରକାର ଚିନ୍ତା କରୁଛନ୍ତି। ଶୀତଳଭଣ୍ଡାର ନିକଟରୁ ସହରାଞ୍ଚଳଗୁଡ଼ିକୁ ଏହିସବୁ ଦ୍ରବ୍ୟ ଯୋଗାଣ ପାଇଁ ଶୀତଳୀକରଣ ଶୃଙ୍ଖଳ ବ୍ୟବସ୍ଥା କରାଯିବା ମଧ୍ୟ ଜରୁରୀ। ପଞ୍ଚାୟତ ସ୍ତରରେ କ୍ଷୁଦ୍ର ସୌରଶକ୍ତି ଚାଳିତ ଶୀତଳଭଣ୍ଡାର କରି ଏକୀଭୂତ ଶୀତଳୀକରଣ ଶୃଙ୍ଖଳ ମାଧ୍ୟମରେ ବିଭିନ୍ନ ଜାଗାକୁ ପରିବହନ କରାଯାଇ ପାରିବ। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ୫ ଟନ୍ କ୍ଷମତା ବିଶିଷ୍ଟ ମିନି ଶୀତଳଭଣ୍ଡାର ପ୍ରାୟ ୭.୯୦ ଲକ୍ଷ ଟଙ୍କାରେ ଏବଂ ୧ ଟନ୍ କ୍ଷମତା ବିଶିଷ୍ଟ ସୌରଶକ୍ତି ସମ୍ପନ୍ନ ଶୀତଳଭଣ୍ଡାର ୧.୨୫ ଲକ୍ଷ ଟଙ୍କାରେ ହୋଇପାରିବ। ଆମ ରାଜ୍ୟର ଅନ୍ୟୂନ ୩୦୦୦ ପଞ୍ଚାୟତରେ ଏପରି ମିନି ଶୀତଳଭଣ୍ଡାର ସ୍ଥାପନ କରାଗଲେ ଏଗୁଡ଼ିକୁ ବ୍ଲକସ୍ତରୀୟ ଶୀତଳଭଣ୍ଡାର ସହିତ ଏକୀକୃତ କରାଯାଇ ପାରିବ। ରାଜ୍ୟ ସରକାର ଯେପରି ଫସଲ ବିବିଧିକରଣ ପାଇଁ ପ୍ରୋତ୍ସାହନ ଦେଉଛନ୍ତି ଏକୀକୃତ ଶୀତଳୀକରଣ ଶୃଙ୍ଖଳ କାର୍ଯ୍ୟ କରାଗଲେ ଆମ ରାଜ୍ୟ ଆଳୁ, ପିଆଜ ଓ ପନିପରିବା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ପରିଣାମ ନୁହେଁ, ପ୍ରୟାସ ହିଁ ପ୍ରଶଂସାଯୋଗ୍ୟ

**ମାନସ କୁମାର କର**

ଚୀନର ହୁଇ ପ୍ରଦେଶର ଏକ ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଭିଡିଓରେ ଏକ ପରିବାର ତାଙ୍କ ପୁଅକୁ ପରୀକ୍ଷାରେ କମ୍ ନମ୍ବର ମିଳିଥିବାରୁ ଖୁସି ପାଳନ କରୁଥିବାର ଦେଖାଯାଉଛି। ଏହି ଦୃଶ୍ୟ ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଏକ ଭିନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରୁଛି, ଯେଉଁଠାରେ ପିଲାମାନଙ୍କର ଖୁସି ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ପରୀକ୍ଷା ନମ୍ବର ଆଧାରିତ ହୋଇଥାଏ। ସେତେବେଳେ ଭିଡିଓରେ ଜଣେ ମାଆ ତିନି ପିଲାଙ୍କ ସହିତ ଘରେ ପ୍ରବେଶ କରନ୍ତି, ସେମାନଙ୍କର ପରୀକ୍ଷାପତ୍ର ଧରି। ପିଲାମାନଙ୍କର ପିତା, ବୃତ୍ତିରେ ଜଣେ ଶିଶୁ ବିଶେଷଜ୍ଞ, ଖୁସିରେ ଘୋଷଣା କରନ୍ତି ଯେ ଯେତେ କମ ନମ୍ବର ଥିଲେ ମଧ୍ୟ ପିଲାଟି ପାସ୍ କରିଛି ଏବଂ ଏହା ପ୍ରକୃତ ଗର୍ବର ମୁହୂର୍ତ୍ତ।

ଶିକ୍ଷାର ମୌଳିକ ଉଦ୍ଦେଶ୍ୟ କ'ଣ, ଏହି ପ୍ରଶ୍ନ ଆଜି ପୂର୍ବ ଅପେକ୍ଷା ଅଧିକ ପ୍ରାସଙ୍ଗିକ। ଶିକ୍ଷା କେବଳ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତାର ଏକ ମାଧ୍ୟମ ନା ଏକ ସୁଦୃଢ଼, ସମ୍ବେଦନଶୀଳ ଏବଂ ଆତ୍ମବିଶ୍ୱାସୀ ବ୍ୟକ୍ତିତ୍ୱ ଗଠନର ଏକ ମାଧ୍ୟମ? ଯେତେବେଳେ ଆମେ ସଚ୍ଚୋଟ ଭାବରେ ଏହି ପ୍ରଶ୍ନର ଉତ୍ତର ଦେଉଛୁ, ସେତେବେଳେ ଆମର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ମୌଳିକ ତ୍ରୁଟିଗୁଡ଼ିକ ସ୍ପଷ୍ଟ ହୋଇଯାଏ ଯେ ଆମେ ଶିକ୍ଷାକୁ ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିଦେଇଛୁ, ଯେଉଁଠାରେ ପିଲାମାନେ କେବଳ ମାର୍କ ତିଆରି ମେସିନ୍ ପାଲଟିଛନ୍ତି। ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶିକ୍ଷାଗତ ଉତ୍କର୍ଷତା ସଫଳତାର ଏକମାତ୍ର ମାପକାଠି ପାଲଟିଛି। ପିତାମାତାମାନେ ପିଲାମାନଙ୍କୁ ସେମାନଙ୍କର ଅପୂର୍ଣ୍ଣ ସ୍ୱପ୍ନର ଭାର ଦେଇ ଚାପ ଦିଅନ୍ତି ଏବଂ ସାମାଜିକ ଆଶାର ଚାପ ଏତେ ଭାରୀ ହୋଇଯାଏ ଯେ ପିଲାମାନେ ଏହା ତଳେ ପଡ଼ିଯାଆନ୍ତି। ପରୀକ୍ଷା ଫଳାଫଳ ଦିନ ଯେଉଁ ଚାପ ଏବଂ ଭୟର ବାତାବରଣ ଦେଖାଯାଏ ତାହା ଏକ ଯୁଦ୍ଧକ୍ଷେତ୍ରଠାରୁ କମ୍ ନୁହେଁ।

ଅନେକ ପରିବାରରେ ପିଲାମାନଙ୍କୁ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କ ତୁଳନାରେ କମ୍ ନମ୍ବର ପାଇଁ ଅପମାନିତ କରାଯାଏ। କେତେକ ସମୟରେ ଶାରୀରିକ ଭାବରେ ଦଣ୍ଡ ମଧ୍ୟ ଦିଆଯାଏ। ଏହି ପ୍ରକ୍ରିୟାରେ ଆମେ ଭୁଲିଯାଉଛୁ ଯେ ଆମେ ଏକ ସମ୍ବେଦନଶୀଳ ମନକୁ ଭାଙ୍ଗି ଦେଉଛୁ, ଯାହାର ଦୀର୍ଘକାଳୀନ ପରିଣାମ ବିନାଶକାରୀ ହୋଇପାରେ। ମନୋବିଜ୍ଞାନଗତ ଗବେଷଣା ନିରନ୍ତର ଭାବରେ ଦର୍ଶାଉଛି ଯେ ଅତ୍ୟଧିକ ଶିକ୍ଷାଗତ ଚାପ ପିଲାମାନଙ୍କ ମଧ୍ୟରେ ଚିନ୍ତା, ଅବସାଦ ଏବଂ କମ ଆତ୍ମସମ୍ମାନର କାରଣ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ସୂଚିତ କରୁଛି ଯେ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି ଏବଂ ଶିକ୍ଷାଗତ ଚାପ ଏକ ପ୍ରମୁଖ କାରଣ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତାଙ୍କ ପ୍ରେମ ସର୍ତ୍ତମୂଳକ, ଯେ ସେମାନେ ଭଲ ନମ୍ବର ପାଇଲେ ହିଁ ଅନୁମୋଦନ ପାଇବେ, ସେମାନଙ୍କର ଆତ୍ମବିଶ୍ୱାସ ଗଭୀର ଭାବରେ କ୍ଷତିଗ୍ରସ୍ତ ହୁଏ। ଏହି କ୍ଷତି ଜୀବନବ୍ୟାପୀ ରହିଥାଏ ଏବଂ ସେମାନଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଏହା ସମାନତାକୁ ପ୍ରୋତ୍ସାହିତ କରେ, ଯେତେବେଳେ ପ୍ରକୃତି ବିବିଧତାରେ ବିଶ୍ୱାସ କରେ। ହାୱାର୍ଡ ଗାର୍ଡନରଙ୍କ ବହୁବିଧ ବୁଦ୍ଧିମତ୍ତାର ତତ୍ତ୍ୱ ଅନୁସାରେ ବୁଦ୍ଧିମତ୍ତା ଅନେକ ରୂପରେ ଆସିଥାଏ। ଭାଷାଗତ, ତାର୍କିକ, ଗାଣିତିକ, ସ୍ଥାନିକ, ଶାରୀରିକ-ଗତିଗତ, ଆନ୍ତର୍ବ୍ୟକ୍ତିଗତ ଏବଂ ଆନ୍ତଃବ୍ୟକ୍ତିଗତ ବୁଦ୍ଧିମତ୍ତା ସବୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ପିଲାମାନଙ୍କର ସଫଳତାକୁ ଅନ୍ୟମାନଙ୍କ ସହିତ ତୁଳନା କରିବାରେ ବ୍ୟସ୍ତ। ଏହା କେବଳ ପିଲାମାନଙ୍କ ମଧ୍ୟରେ ହୀନମନ୍ୟତାର ଭାବନା ସୃଷ୍ଟି କରେ ନାହିଁ, ବରଂ ସେମାନଙ୍କୁ ଏହି ବାର୍ତ୍ତା ମଧ୍ୟ ପଠାଏ ଯେ ସେମାନଙ୍କର ନିଜସ୍ୱ ପରିଚୟ ଗୁରୁତ୍ୱପୂର୍ଣ୍ଣ ନୁହେଁ; କେବଳ ଅନ୍ୟମାନଙ୍କ ଅପେକ୍ଷା ଭଲ ହେବା ଗୁରୁତ୍ୱପୂର୍ଣ୍ଣ। ଏହି ମାନସିକତା ଅସୁସ୍ଥ ଏବଂ ଜୀବନସାରା ପିଲାମାନଙ୍କୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥା କେବଳ ପ୍ରଥମ ଦୁଇ ପ୍ରକାରର ବୁଦ୍ଧିମତ୍ତାକୁ ଚିହ୍ନିଥାଏ, ଯେତେବେଳେ ଅନ୍ୟ ପ୍ରତିଭାକୁ ଅଣଦେଖା କରିଥାଏ। ଏହି ବ୍ୟବସ୍ଥାରେ ଜଣେ ପ୍ରତିଭାବାନ କଳାକାର, ଖେଳାଳି କିମ୍ବା ସଂଗୀତଜ୍ଞ କେବଳ ଗଣିତରେ କମ୍ ନମ୍ବର ରଖିଥିବା ଯୋଗୁଁ ବିଫଳ ଭାବେ ଚିତ୍ରିତ ହୋଇପାରନ୍ତି। ଏହା କେବଳ ଅନ୍ୟାୟ ନୁହେଁ ବରଂ ସମାଜ ପାଇଁ କ୍ଷତିକାରକ। କାରଣ ଆମେ ଅଗଣିତ ପ୍ରତିଭାକୁ ନଷ୍ଟ କରୁ। ଶିଶୁମାନଙ୍କ ଉପରେ ଏହି ଚାପର ଆଉ ଏକ ଦିଗ ହେଉଛି ସାମାଜିକ ତୁଳନା। ସାମାଜିକ ଗଣମାଧ୍ୟମ ଯୁଗରେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇଛି। ଯେଉଁ ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ସଫଳତା ପ୍ରଦର୍ଶନ କରୁଛନ୍ତି ସେମାନେ ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ସେମାନଙ୍କ ପିଲାମାନଙ୍କର ଶୈକ୍ଷିକ ସଫଳତା ସହିତ ନିଜର ଦୋଷ ପୂରଣ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ। ପିଲାମାନଙ୍କୁ ଉତ୍ସାହିତ କରିବା, ଚିହ୍ନିବା ଏବଂ ସମର୍ଥନ କରିବା ଯେକୌଣସି ମହଙ୍ଗା ପ୍ରଶିକ୍ଷଣ ଅପେକ୍ଷା ଅଧିକ ମୂଲ୍ୟବାନ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତା କେବଳ ଫଳାଫଳ ନୁହେଁ, ସେମାନଙ୍କ ପ୍ରୟାସକୁ ମୂଲ୍ୟ ଦିଅନ୍ତି, ସେମାନେ କଠିନ ପରିଶ୍ରମ କରନ୍ତି ଏବଂ ଭଲ ପ୍ରଦର୍ଶନ କରନ୍ତି।

ଯେତେବେଳେ ପିଲାମାନେ ଖୁସି ଏବଂ ଆତ୍ମବିଶ୍ୱାସୀ ହୁଅନ୍ତି ସ୍ୱାଭାବିକ ଭାବରେ ଭଲ ପ୍ରଦର୍ଶନ କରନ୍ତି। ଖୁସି ହେଉଛି ସଫଳତାର ମୂଳଦୁଆ, ଏହାର ଫଳାଫଳ ନୁହେଁ। ଆମକୁ ବୁଝିବାକୁ ପଡ଼ିବ ଯେ ମାର୍କସିଟରେ ମୁଦ୍ରିତ ନମ୍ବର ପିଲାର ସମ୍ଭାବନା କିମ୍ବା ଭବିଷ୍ୟତ ନିର୍ଣ୍ଣୟ କରେ ନାହିଁ। ପ୍ରକୃତ ସଫଳତା ଭାବପ୍ରବଣ ସନ୍ତୁଳନ, ସାମାଜିକ ଦକ୍ଷତା, ନୈତିକ ମୂଲ୍ୟବୋଧ ଏବଂ ଆତ୍ମବିଶ୍ୱାସରେ ରହିଛି।

କୋଣାର୍କ, ମୋ: ୭୩୮୧୩୮୨୨୧୦

# ଆମ ବୃକ୍ଷଲତା ଆମ ଜୀବନ

## ମୁଥା ଘାସ

**ସୌଭାଗ୍ୟସୁନ୍ଦର**

ମୁଥା ହେଉଛି ଦକ୍ଷିଣ ଏସିଆ, ଆଫ୍ରିକା, ଦକ୍ଷିଣ ଏବଂ ମଧ୍ୟ ୟୁରୋପ (ଫ୍ରାନ୍ସ ଓ ଅଷ୍ଟ୍ରିଆର ଉତ୍ତର) ରେ ବଢୁଥିବା ଏକ ଛୋଟ ଘାସ। ମୁଥା ଏକ ଆକ୍ରମଣାତ୍ମକ ଘାସ, କିନ୍ତୁ ପାରମ୍ପରିକ ଔଷଧରେ ଏକ ଶକ୍ତିଶାଳୀ ଉଦ୍ଭିଦ ଭାବରେ ବିବେଚିତ।

ମୁଥା ଏକ ବହୁବର୍ଷୀୟ ଘାସ, ଯାହା ୭-୪୦ ସେମି ପର୍ଯ୍ୟନ୍ତ ଲମ୍ବ ହୋଇଥାଏ। ଏହାର କାଣ୍ଡ ଭୂତଳେ ସମାନ୍ତରାଳ ଭାବରେ ପ୍ରସାରିତ ହୁଏ, ଯାହାକୁ ରାଇଜମ୍ କୁହାଯାଇଥାଏ। କାଣ୍ଡର ଗଣ୍ଠିରୁ ଭୂତଳେ ବଲବ୍ ଆକାରର ସୁଗନ୍ଧିତ କନ୍ଦ ସୃଷ୍ଟି ହେବା ବେଳେ ଊର୍ଦ୍ଧ୍ୱ ମୁଖ ହୋଇ ଭୂପୃଷ୍ଠ ଆଡ଼କୁ ପତ୍ର ବଢ଼େ। କନ୍ଦରୁ ସରୁ ସରୁ ସୂତା ଖିଅ ଭଳି ଚେର ସୃଷ୍ଟି ହୁଏ। ପତ୍ରଗୁଡ଼ିକ ରେଖୀୟ, ଗଛର ମୂଳରୁ ଉତ୍ପନ୍ନ ହୁଏ, ପ୍ରାୟ ୫-୨୦ ସେମି ଲମ୍ବ। ଏକ ଲମ୍ବା ଡେଙ୍ଫର ଶୀର୍ଷରେ ଫୁଲଗୁଡ଼ିକ ଧାରଣ କରିଥାଏ, ଯାହ ଦ୍ୱୈତଲିଙ୍ଗୀ ଅଟେ। ଫଳଗୁଡ଼ିକ ତ୍ରିକୋଣୀୟ।

ପ୍ରାଚୀନ ଭାରତୀୟ ଆୟୁର୍ବେଦିକ ଔଷଧ ଚରକ ସଂହିତାରେ (ପ୍ରାୟ ୧୦୦ ଖ୍ରୀଷ୍ଟାବ୍ଦ) ମୁଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହାକୁ ପ୍ରାଚୀନ ଗ୍ରୀକ୍ ଚିକିତ୍ସକ ଥିଓଫ୍ରାଷ୍ଟସ୍, ପ୍ଲିନି ଦି ଏଲ୍ଡର୍ ଓ ଡାୟୋସ୍କୋରାଇଡ୍ସ ଔଷଧ ଓ ସୁଗନ୍ଧି ଉଭୟ ଭାବରେ ବ୍ୟବହାର କରିଥିଲେ। ପ୍ରାଥମିକ ଡିସମେନୋରିଆ ବା ଯନ୍ତ୍ରଣାଜନକ ଋତୁସ୍ରାବ ଚିକିତ୍ସା ପାଇଁ ଏହାକୁ ଚୀନ୍ ପାରମ୍ପରିକ ଔଷଧରେ ବ୍ୟବହୃତ କରାଯାଏ। ଆରବୀୟମାନେ ପାରମ୍ପରିକ ଭାବରେ ପୋଡ଼ାଜଳା ଘା' ଚିକିତ୍ସା ପାଇଁ ଏହାର କନ୍ଦ ବ୍ୟବହାର କରୁଥିବା ଜଣାଯାଏ। କନ୍ଦର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥିବା ଜଣାଯାଏ, ଯେଉଁଥିପାଇଁ ପ୍ରାୟ ୨୦୦୦ ବର୍ଷ ପୂର୍ବେ ସୁଦାନରେ ଦାନ୍ତ କ୍ଷୟକୁ ରୋକିବା ପାଇଁ ଏହାର ବ୍ୟବହାର କରାଯାଉଥିଲା।

## ପ୍ରକୃତି-ପରିବେଶ

ଭାରତରେ ପାରମ୍ପରିକ ଭାବରେ ଏହାକୁ ମୁଣ୍ଡବିନ୍ଧା, ଋତୁସ୍ରାବ ଅନିୟମିତା, ମାଂସପେଶୀ ଓ ଯନ୍ତ୍ରଣା, ଫୁଲା, ଚର୍ମ ଜ୍ୱଳନ, ଫୋଟକା, କ୍ଷତ, କୀଟ ପତଙ୍ଗ କାମୁଡ଼ା, ଅଜୀର୍ଣ୍ଣ, ପତଳା ଝାଡ଼ା, ଅବସାଦ, ନିଦ୍ରାହୀନତା ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମୁଥା ପ୍ରାକୃତିକ ଭାବରେ ହରମୋନ ସନ୍ତୁଳନ ବଜାୟ ରଖିବାରେ ଏବଂ ମାନସିକ ସନ୍ତୁଳନ ଓ ଏକାଗ୍ରତା ରକ୍ଷା କରିବାରେ ସାହାଯ୍ୟ କରେ। ଏଥିରେ କର୍କଟ ପ୍ରତିରୋଧୀ କ୍ଷମତା ମଧ୍ୟ ରହିଛି। ମୁଥା କ୍ଷତିକାରକ ଜୀବାଣୁ ଓ ସଂକ୍ରମଣ ନିରୋଧୀ। କେତେକ ସ୍ଥାନରେ ଏହା ହର୍ବାଲ୍ ଚା'ରେ ବ୍ୟବହୃତ ହୁଏ।

କନ୍ଦ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଉତ୍ସ। ଏହା ଆଦିମ ଜନଜାତି ହାଣ୍ଟେର-ଗେଦରର ବା ଶିକାରୀ-ସଂଗ୍ରହକଙ୍କ ତଥା ଚାଷୀଙ୍କ ପାଇଁ ଏକ ମୁଖ୍ୟ କାର୍ବୋହାଇଡ୍ରେଟ୍ ବା ଶର୍କରା ଜାତୀୟ ଖାଦ୍ୟ ଉପାଦାନ। ଏହା ବର୍ତ୍ତମାନ ବଜାରରେ ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ମୁଥାର ରାଇଜୋମ ଓ କନ୍ଦରେ ବିଭିନ୍ନ ଜୈବିକ ସକ୍ରିୟ ଯୌଗିକ ରସାୟନ ଯେପରିକି ସେସ୍କ୍ୱିଟରପେନ୍ସ, ଫ୍ଲାଭୋନଏଡ୍ସ, ଟେର୍ପେନୋଏଡ୍ସ, କାଡାଲିନ୍, ସାଇପ୍ରୋଟିନ୍, ମୁଷ୍ଟାକୋନ୍, ରୋଟୁଣ୍ଡିନ୍, ଭାଲେନସିନ୍, କ୍ୟାମ୍ପଫେରୋଲ୍, ଲ୍ୟୁଟୋଲିନ୍, କ୍ୱେରସେଟିନ୍, ପାଟୌଲେନୋନ୍, ଆଇସୋପାଟୌଲେନୋନ୍, ସୁଜିଓନିଲ୍ ଆସେଟେଟ୍, ସେଲ୍ୟୁଲୋଜ୍ ଟ୍ରାଇଆସେଟେଟ୍, ସୁଗେବିଓଲ୍ ଓ ପଲିଫେନୋଲ୍ସ ଗଠିତ ଥାଏ।

ଦ୍ରୁତ ବୃଦ୍ଧି ଓ ତୃଣକ ତତ୍ତ୍ୱ ପାଇଁ ମୁଥାକୁ 'ବିଶ୍ୱର ସବୁଠାରୁ ଖରାପ ବା ଦୁଷ୍ଟ ଘାସ' ବୋଲି କୁହାଯାଇଥାଏ। ଏହା ବିଶ୍ୱବ୍ୟାପୀ ୫୦ ରୁ ଅଧିକ ଫସଲକୁ ଆକ୍ରମଣ କରୁଥିବା ଅଭିଯୋଗ ରହିଛି। ଚାଷଜମିରେ ଏହାକୁ ନିୟନ୍ତ୍ରଣ କରିବାରେ କଷ୍ଟ ହୁଏ, କାରଣ ଏହାର ଭୂଗର୍ଭସ୍ଥ କନ୍ଦର ଅଧିକାଂଶ ତୃଣନାଶକ ରାସାୟନିକ ପ୍ରତି ଦୃଢ଼ ପ୍ରତିରୋଧୀ। ଉଦ୍ୟାନରେ ଘାସ ଉପାଡ଼ି ଟାଣିବା ବେଳେ ସାଧାରଣତଃ ମୂଳ ଛିଣ୍ଡି ଭାଙ୍ଗିଯାଏ, କନ୍ଦ ମାଟିରେ ରହିଯାଏ, ଯେଉଁଠାରୁ ନୂତନ ଗଛ ଶୀଘ୍ର ବାହାରିଥାଏ। ହଳ କରିବା ଦ୍ୱାରା କ୍ଷେତରେ କନ୍ଦ ବିକ୍ଷିପ୍ତ ହୁଏ, ଯାହା ଆକ୍ରମଣକୁ ଆହୁରି କ୍ଷିପ୍ର କରିଥାଏ। ଏହା ପ୍ରାୟତଃ ଅନାବନା ଜମି ଏବଂ ଫସଲ କ୍ଷେତରେ ବଢ଼ିଥାଏ। ଏହା କୌଣସି ଗଛର ଛାଇ ସହ୍ୟ କରେ ନାହିଁ। ଗ୍ଲାଇଫୋସେଟ୍, ହାଲୋସଲଫ୍ୟୁରନ୍-ମିଥାଇଲ୍ ଲନ୍, ୨, ୪-ଡାଇକ୍ଲୋରୋଫେନୋକ୍ସିଆସେଟିକ୍ ଏସିଡ୍ (୨, ୪-ଡି) ଚରା ଭୂମି ଏବଂ ମଲ୍‌ଚର ଫସଲରେ ବାରମ୍ବାର ପ୍ରୟୋଗ ଦ୍ୱାରା କିଛି କନ୍ଦ ନିୟନ୍ତ୍ରଣ ହୋଇପାରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଦଳିଲା ନିୟମ

# ତିନି ଦିନରେ ହୋଇଯିବ ଜିଏସ୍‌ଟି ପଞ୍ଜୀକରଣ

ନୂଆଦିଲ୍ଲୀ,୨।୧୧ (ଏଜେନ୍ସି): ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଖୁସି ଖବର ଆସିଛି। ଆଜିଠାରୁ କେନ୍ଦ୍ର ସରକାର 'ସରଳ ଜିଏସ୍‌ଟି ପଞ୍ଜିକରଣ ଯୋଜନା' ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ କ୍ଷୁଦ୍ର ଏବଂ କମ୍ ବିପଦ ଥିବା ବ୍ୟବସାୟୀଙ୍କ ଜିଏସ୍‌ଟି ପଞ୍ଜିକରଣ କେବଳ ତିନି ଦିନ ମଧ୍ୟରେ ହୋଇଯିବ। ବ୍ୟବସାୟ ଆରମ୍ଭ କରିବା ପ୍ରକ୍ରିୟାକୁ ସରଳ ଏବଂ ଦ୍ରୁତ କରିବା ମାର୍ଗରେ ବଡ଼ ପରିବର୍ତ୍ତନ ଭାବେ ଦେଖାଯାଉଛି। ଜିଏସ୍‌ଟି ବିଭାଗ

## ଲାଭାନ୍ୱିତ ହେବେ କ୍ଷୁଦ୍ର ବ୍ୟବସାୟୀ

ଅନୁଯାୟୀ 'ଜିଏସ୍‌ଟି ସିଷ୍ଟମ ଡାଟା ଆନାଲିସସ' ଆଧାରରେ 'ଲୋ-ରିସ୍କ ତଥା କମ୍ ବିପଦ' ଥିବା ବ୍ୟବସାୟୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଧରାଯିବ। ଏହା ସହିତ ମାସକୁ ମୋଟ ଆଉଟପୁଟ ଟିକସ (ସିଜିଏସଟି, ଏସଜିଏସଟି/ୟୁଟିଜିଏସଟି ଏବଂ ଆଇଜିଏସଟି) ୨.୫ ଲକ୍ଷରୁ ଅଧିକ ହୋଇ ନ ଥିବା ଘୋଷଣା କରିଥିବା ବ୍ୟବସାୟୀ ଏହାର ଲାଭ ଉଠାଇ ପାରିବେ। ବ୍ୟବସାୟୀ ନିଜ ଇଚ୍ଛାରେ ଏହି ଯୋଜନାରେ ସାମିଲ ହୋଇପାରିବେ ଏବଂ ଆବଶ୍ୟକ ପଡ଼ିଲେ ବାହାରି ବି ପାରିବେ।

ଗତ ତିନି ତାରିଖରେ ହୋଇଥିବା ବୈଠକରେ ଜିଏସ୍‌ଟି ପରିଷଦ ଏହାକୁ ମଞ୍ଜୁରି ଦେଇଥିଲା।

ଗାଜିଆବାଦରେ ସିଜିଏସଟି ଭବନ ଉଦ୍‌ଘାଟନ ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ନଭେମ୍ବର ୧ରୁ ଏହା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ପ୍ରାୟ ୯୬ ପ୍ରତିଶତ ନୂଆ ଜିଏସ୍‌ଟି ଆବେଦନକାରୀ ଲାଭାନ୍ୱିତ ହେବେ। ବ୍ୟବସାୟୀଙ୍କୁ କୌଣସି ସମସ୍ୟା ନ ହେବା ପାଇଁ ଏହି ଯୋଜନାକୁ ଦ୍ରୁତଗତିରେ ଏବଂ ବିନା କୌଣସି ବାଧାରେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ନିର୍ମଳା ନିର୍ଦ୍ଦେଶ ଦେଇଥିଲେ। ସେ ଜିଏସ୍‌ଟି ସେବା କେନ୍ଦ୍ରର ଏକ ସ୍ୱତନ୍ତ୍ର ଡେସ୍କ ଗଢ଼ିବାକୁ ସିବିଆଇସିକୁ ମଧ୍ୟ କହିଥିଲେ। ସୂଚନା ଅନୁଯାୟୀ ଏବେ ସାରା ଦେଶରେ ପ୍ରାୟ ୧.୫୪ କୋଟି ବ୍ୟବସାୟୀ ଜିଏସ୍‌ଟି ପ୍ରଣାଳୀ ଅଧିନରେ ପଞ୍ଜିକୃତ ହୋଇଛନ୍ତି। ଏହି ସରଳ ଯୋଜନା ଦ୍ୱାରା ଅଧିକ ବ୍ୟବସାୟୀ ଜିଏସ୍‌ଟିରେ ସାମିଲ ହେବେ ବୋଲି ସରକାର ବିଶ୍ୱାସ କରୁଛନ୍ତି। ଏହା ଦ୍ୱାରା ଟିକସ ଆଧାର ବଢ଼ିବା ସହିତ ସ୍ୱଚ୍ଛତାରେ ସୁଧାର ଆସିବ। ଏହା ବ୍ୟବସାୟକୁ ସହଜ କରିବା ଅଧିନରେ ଆସୁଛି। ନୂଆ ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଅଧିକ କାଗଜପତ୍ର ବିନା ଏବଂ ବିଳମ୍ବ ନ କରି ଜିଏସ୍‌ଟି ବ୍ୟବସ୍ଥାରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଅକ୍ଟୋବର ମାସରେ ଜିଏସ୍‌ଟି ସଂଗ୍ରହ ବାର୍ଷିକ ଆଧାରରେ ୪.୬ ପ୍ରତିଶତ ବୃଦ୍ଧି ପାଇଛି। ପାର୍ବଣ ଋତୁରେ ଚାହିଦା ଏବଂ ଉପଯୋଗିତା ବୃଦ୍ଧି ଯୋଗୁଁ ଏହି ମାସରେ ୧.୯୬ ଲକ୍ଷ କୋଟି ଟଙ୍କାରେ ଜିଏସ୍‌ଟି ଆଦାୟ ହୋଇଛି। ନବରାତ୍ରର ପ୍ରାରମ୍ଭରୁ ୩୭୫ ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ ମଧ୍ୟ ଏହାକୁ ଖୋରାକ ଯୋଗାଇ ଥିଲା। ସୂଚନା ଅନୁଯାୟୀ ଗତ ମାସରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ ହୋଇଥିବାବେଳେ ୨୦୨୪ର ସମାନ ଅବଧିରେ ଏହା ୧.୮୭ ଲକ୍ଷ କୋଟି ଥିଲା। ଜିଏସଟି ଆଦାୟ ୪.୬ ପ୍ରତିଶତ ବଢ଼ିଥିଲେ ମଧ୍ୟ ପୂର୍ବ ମାସ ତୁଳନାରେ ହୋଇଥିବା ହାରାହାରି ବୃଦ୍ଧି ଠାରୁ ୯ ପ୍ରତିଶତ କମ୍ ରହିଛି। ଘରୋଇ ରାଜସ୍ୱ ୨ ପ୍ରତିଶତ ବୃଦ୍ଧି ପାଇ ୧.୪୫ ଲକ୍ଷ କୋଟି ଟଙ୍କା ଥିବାବେଳେ ଆମଦାନୀରୁ ଜିଏସ୍‌ଟି ସଂଗ୍ରହ ୧୩ ପ୍ରତିଶତ ବଢି ୫୦,୮୮୪ କୋଟି ଟଙ୍କା ରହିଛି। ଅନ୍ୟପଟେ ବାର୍ଷିକ ଆଧାରରେ ଜିଏସ୍‌ଟି ରିଫଣ୍ଡ ଅକ୍ଟୋବରରେ ୩୯.୬ ପ୍ରତିଶତ ବୃଦ୍ଧି ପାଇ ୨୬,୯୩୪ କୋଟି ଟଙ୍କା ରହିଛି।

# ବାଣିଜ୍ୟିକ ଗ୍ୟାସ୍ ଦର କମିଲା; ଜେଟ୍ ଇନ୍ଧନ ବଢ଼ିଲା



ନୂଆଦିଲ୍ଲୀ, ୨।୧୧ (ଏଜେନ୍ସି): ଚଳିତ ମାସର ପ୍ରାରମ୍ଭରେ ୧୯ କେଜିଆ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୪. ୫ ଟଙ୍କାରୁ ୬.୫ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଛି। ତେବେ ୧୪.୨ କେଜିଆ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଛି ବୋଲି ସରକାରୀ ତୈଳ କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି। ଏବେ ଦିଲ୍ଲୀରେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୫ ଟଙ୍କା ହ୍ରାସ ପାଇ ୧୫୯୦.୫ ଟଙ୍କା ରହିଛି। କୋଲକାତାରେ ମୂଲ୍ୟ ୬.୫୦ ଟଙ୍କା ହ୍ରାସ ପାଇ ୧୬୯୪ ଟଙ୍କା ରହିଛି। ସେହିପରି ଚେନ୍ନଇରେ ୪.୫୦ ଟଙ୍କା ଖସି ୧୭୫୦ ଟଙ୍କା, ମୁମ୍ବଇରେ ୫ ଟଙ୍କା ହ୍ରାସ ପାଇ ୧୫୪୨ ଟଙ୍କା ରହିଛି। ଏହା ପୂର୍ବରୁ ଗତ ମାସରେ ଏହି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୧୬ଯ୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିଲା।

ଅନ୍ୟପକ୍ଷରେ ଆଭିଏସନ ଟର୍ବାଇନ ଫୁଏଲ (ଏଟିଏଫ) ତଥା ଜେଟ୍ ଇନ୍ଧନ ମୂଲ୍ୟ ଶନିବାର ଏକ ପ୍ରତିଶତ ବୃଦ୍ଧି ପାଇଛି। ରାଜଧାନୀ ଦିଲ୍ଲୀରେ ଏଟିଏଫ ମୂଲ୍ୟ କିଲୋଲିଟର ପିଛା ୭୭୭ ଟଙ୍କା ବଢି ୯୪.୫୪୩ ଟଙ୍କାରେ ପହଞ୍ଚି ଯାଇଛି। କ୍ରମାଗତ ଦ୍ୱିତୀୟ ମାସରେ ଏହାର ମୂଲ୍ୟ ବୃଦ୍ଧି ପାଇଛି। ଗତ ମାସରେ ଏହା କିଲୋଲିଟର ପିଛା ୩.୩ ପ୍ରତିଶତ ଅର୍ଥାତ୍ ୩,୦୫୨.୫ ଟଙ୍କା ବୃଦ୍ଧି ପାଇଥିଲା।

**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

**I, Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| 2 | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 3 | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 4 | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ପ୍ରଚାରକୁ...

ନେତାଙ୍କ ମତାମତ ଆଧାରରେ ଦଳ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ତଦନୁଯାୟୀ ପ୍ରଚାରକୁ କ୍ରିୟାଶୀଳ କରାଯାଉଛି। ଛୋଟ ଛୋଟ ସଭା ଏବଂ ଘରକୁ ଘର କ୍ୟାମ୍ପେନକୁ ବିଜେଡି ଗୁରୁତ୍ୱ ଦେଉଥିବା ବେଳେ ନବୀନଙ୍କ ପ୍ରଚାର ବିଜେଡିକୁ ଏହି ଦୁଇବ୍ଲକରେ ଆହୁରି ମଜବୁତ୍ କରିବ। ଆସନ୍ତାକାଲି ବିଜେଡିର ସଭା ଉପନିର୍ବାଚନର ଫଳାଫଳ ନେଇ ନିଶ୍ଚିତଭାବେ ଏକ ପୂର୍ବାଭାଷ ପ୍ରଦାନ କରିବ ବୋଲି ମତ ଦେଇଛନ୍ତି ସ୍ଥାନୀୟ ରାଜନୈତିକ ସମୀକ୍ଷକ।

### ଶଙ୍କର ଓ ମୁନ୍ନାକୁ...

ବୋଲି ବିଭିନ୍ନ ପ୍ରଶ୍ନ କରାଯାଇଥିଲା। କିଛି ପ୍ରଶ୍ନର ସେ ଉତ୍ତର ଦେଇଥିଲେ ଓ କିଛି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଥିଲେ। ତେବେ ପୁଲିସ ଜେରା ସମୟରେ ତାଙ୍କର ଅନେକ କଥା ପରସ୍ପର ବିରୋଧୀ ରହିଥିଲା।

ଏହାପରେ କ୍ରାଇମବ୍ରାଞ୍ଚ ମୁନ୍ନା ଏବଂ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିଥିଲା। ତେବେ ସେମାନଙ୍କୁ କେଉଁ ପ୍ରଶ୍ନ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ମୁନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ଶନିବାର ଠାରୁ ରିମାଣ୍ଡରେ ଆଣିଛି। ସେହିଭଳି ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ଖବର ମିଳିଛି। ଆସନ୍ତାକାଲି ଶଙ୍କରଙ୍କୁ ଗଞ୍ଜାମ ନିଆଯିବ ଏବଂ କୋର୍ଟରେ ହାଜର ପରେ ରିମାଣ୍ଡରେ ଆଣିବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବ। ଅନ୍ୟପକ୍ଷରେ ଗିରଫ ବେଳେ କ୍ରାଇମବ୍ରାଞ୍ଚ ଶଙ୍କରଠାରୁ ଠାରୁ କିଛି କାଗଜପତ୍ର ସହ ୩ଟି ଫୋନ୍ ଜବତ କରିଥିଲା। କାଗଜପତ୍ର ଏବଂ ଫୋନ୍‌କୁ କ୍ରାଇମବ୍ରାଞ୍ଚ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରିଛି। ଧରା ପଡ଼ିବା ପୂର୍ବରୁ କିଛି ୱାର୍ଟସପ୍ ଚାର୍ଟକୁ ଶଙ୍କର ଡିଲିଟ୍ କରିଥିବା ସୂଚନା ମିଳିଛି। ଏଣୁ କ୍ରାଇମବ୍ରାଞ୍ଚ ଏହି ଫୋନ୍ ଗୁଡ଼ିକୁ ଯାଞ୍ଚ ପାଇଁ ଫରେନ୍ସିକ୍କୁ ପଠାଇବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ କ୍ରାଇମବ୍ରାଞ୍ଚ ଗତକାଲି ଗିରଫ ବେଳେ ଏକ ଫର୍ଚ୍ୟୁନର୍ ଗାଡି ଜବତ କରିଥିଲା ବେଳେ ତାଙ୍କ ଆଉ କେଉଁ ସ୍ଥାନରେ ସମ୍ପତ୍ତି ରହିଛି ତାହାର ଏକ ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ମାମଲାରେ ଶଙ୍କର ପୃଷ୍ଟିକୁ ମିଶାଇ ମୋଟ ୧୦ ଦଲାଲଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଜାମିନ ପରେ ସେମାନେ ଜେଲରୁ ମୁକୁଳି ସାରିଛନ୍ତି। କିନ୍ତୁ ୯ ଦଲାଲ ଏବେ ବି ଜେଲ ରହିଛନ୍ତି। ମୋଟ ଗିରଫଦାରୀ ସଂଖ୍ୟା ୧୨୪ରେ ପହଁଚିଛି।

### ଛତିଶଗଡ଼ରେ ଆଦିବାସୀ...

ନିକଟରେ ବାରମ୍ବାର ଦାବି କରିଥିଲେ ବି ତାହାକୁ କେନ୍ଦ୍ର ବିଚାରକୁ ନେଇନାହିଁ। ୨୦୨୩ ମସିହାରେ ଏହି ଲୋକମାନଙ୍କୁ ଆଦିବାସୀର ମାନ୍ୟତା ପାଇଁ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାର ଅନୁସନ୍ଧାନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ପଠାଇଥିଲା। ୨୦୨୩ ମାର୍ଚ୍ଚ ୨୫ ତାରିଖରେ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନରେ ପ୍ରତିନିଧି ଦଳ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲା। ସମ୍ପୃକ୍ତ ପ୍ରତିନିଧିମାନେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାର ୨ ବର୍ଷ ବିତିଥିଲେ ବି ଏଯାଏ ପହରିଆଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେହିପରି ଗତମାସରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ବର୍ଗର ଲୋକମାନେ ଭେଟି ଦାବି ଦୋହରାଇଛନ୍ତି।

### ଅମିନ, ଏଆରଆଇଙ୍କ...

ପୂର୍ବ ପଦବୀକୁ ଫେରିବେ ଏବଂ ଏହାକୁ ୩ ମାସ ମଧ୍ୟରେ ପୁଣି ଆଉ ଥରେ ଡିପିସି ବା ଜିଲ୍ଲା ପଦୋନ୍ନତି କମିଟି ଗଠନ କରି ଆବେଦନକାରୀଙ୍କ ପଦୋନ୍ନତି ସମ୍ପର୍କରେ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶ କରିଛନ୍ତି। ପ୍ରକାଶ ଯେ ୨୦୧୯ ମସିହାରେ ଜିଲ୍ଲା ପଦୋନ୍ନତି କମିଟି ବସି ଅମିନ,ଏଆରଆଇ(ଅତିରିକ୍ତ ରାଜସ୍ୱ ନୀରିକ୍ଷକ) ଓ ଆରଆଇ(ରାଜସ୍ୱ ନୀରିକ୍ଷକ)ମାନଙ୍କ ପଦୋନ୍ନତି କରାଯାଇଥିଲା। ଏଥିରେ ଅନୀୟମିତତା ହୋଇଥିବା ଦର୍ଶାଇ ଜିଲ୍ଲାପାଳଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣୀ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ପରଲୋକରେ ମସଲା...

ସହଯୋଗରେ ରାମଦାସପୁର ଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ। ରାଜ୍ୟସରକାର ଶିଳ୍ପର ବିକାଶ ପାଇଁ ତାଙ୍କୁ ପ୍ରଥମ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରିବା ସହିତ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରୁ ଅନେକ ପୁରସ୍କାର ଓ ସମ୍ମାନ ଗ୍ରହଣ କରିଥିଲେ। ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୧୯୯୯ ମସିହାରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ। ରାଜ୍ୟର ମାଟ୍ରିକ୍ ଟପ୍ପର, ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ପ୍ରତିଭାବାନ ଓଡ଼ିଆମାନଙ୍କୁ ସମ୍ମାନିତ କରିବା ପାଇଁ ଡ. ସାହୁ ରୁଚି ପ୍ରତିଭା ସମ୍ମାନ ସମାରୋହ ଜରିଆରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ସାହୁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ଡ. ସାହୁଙ୍କ ବିୟୋଗରେ ସେ ଗଭୀର ଭାବେ ଦୁଃଖିତ। ଓଡ଼ିଶାର ଉଦ୍ୟୋଗଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ଶୋକବାର୍ତ୍ତାରେ ଓଡ଼ିଶାର ଶିଳ୍ପ ତଥା ପରିଚୟକୁ ବିଶ୍ୱପ୍ରସାରୀ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି।

ଆସନ୍ତାକାଲି ସୋମବାର ତାଙ୍କ ମରଶରୀର ବିମାନଯୋଗେ ଆସି ସକାଳେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବ ଏବଂ ଶୋଭାଯାତ୍ରାରେ କଟକ କାଜିଡ଼ିହ ବାସଭବନରେ ପହଞ୍ଚିବା ପରେ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପାସ୍ତା ଭିଲେଜଠାରେ ପୂର୍ବାହ୍ନ ୧୧ ଘଟିକାରେ ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖାଯିବ।

### ୧୫ ମାସରେ...

ଟର୍ମିନାଲ ଉଦ୍‌ଘାଟନ ବେଳେ ଏଠାରେ ପ୍ରିପେଡ୍ ଅଟୋ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା। ଏହି ପ୍ରିପେଡ୍ ମାଧ୍ୟମରେ ଯାତ୍ରୀ ସ୍ୱତନ୍ତ୍ର କାଉଣ୍ଟରରୁ ଅଗ୍ରୀମ ବୁକିଂ କରିବାର ବ୍ୟବସ୍ଥା କରାଯାଇଥିଲା। ଆପ୍ ମାଧ୍ୟରେ ଯାତ୍ରୀ ଅଟୋଚାଳକଙ୍କ ପରିଚୟ ସହିତ ଗନ୍ତବ୍ୟସ୍ଥଳକୁ ଟ୍ରାକ୍ କରିବାର ବ୍ୟବସ୍ଥା ଥିଲା। କିନ୍ତୁ ଏହି ପ୍ରିପେଡ୍ ବ୍ୟବସ୍ଥା ଅଧିକାଂଶ ସମୟରେ ବନ୍ଦ ରହୁଛି। ଫଳରେ ଯାତ୍ରୀମାନେ ବାହାର ଅସାଧୁ ଅଟୋ ଚାଳକଙ୍କ ଶିକାର ହେଉଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କୁ ବିଭିନ୍ନ ଉପାୟରେ ଲୁଟ୍‌ପାଟ୍ କରୁଛନ୍ତି ଅସାଧୁ ଅଟୋ ଚାଳକ।

ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟଗୁଡ଼ିକ କେତେକ ଟ୍ୟାବ୍ ଭାଙ୍ଗି ଯାଇଥିବା ବେଳେ ଅନେକ ଟ୍ୟାପ୍ ଚୋରି ହୋଇଯାଇଛି। ବିଶେଷକରି ପୁରୁଷ ଶୌଚାଳୟ ଏବଂ ବାହାରେ ଥିବା ରିଫ୍ରେସ୍‌ମେଣ୍ଟ ଜୋନ୍‌ରୁ ଟ୍ୟାପ୍ ନ ଥିବାରୁ ଯାତ୍ରୀ ପାଣି ପାଇଁ ଉହକବିକଳ ହେଉଛନ୍ତି। ଏତେ ବଡ଼ ଟର୍ମିନାଲ ଭିତରେ ସିସିଟିଭି ଲାଗିକି ଯଦି ଚୋରି ହୋଇଯାଉଛି ତେବେ ଯାତ୍ରୀ ଏବଂ ଯାତ୍ରୀଙ୍କ ସାମଗ୍ରୀ କେତେ ସୁରକ୍ଷିତ ତାକୁ ନେଇ ଉଠିଛି ପ୍ରଶ୍ନ। ସେହିଭଳି ବସ୍ ଯାତ୍ରୀଙ୍କ ରାତ୍ରୀ ରହଣି ଦୃଷ୍ଟିରୁ ଏଠାରେ ଡର୍ମିଟୋରି ବ୍ୟବସ୍ଥା ରହିଥିଲେ ମଧ୍ୟ ସରକାର ବଦଳିବା ପରେ ଆଉ ବେଡ୍ ପଡ଼ି ପାରି ନାହିଁ। ଫଳରେ ଦୂରଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ ବାହାରେ ଚଟାଣରେ ଶୋଉଛନ୍ତି ଏବଂ ଅସାମାଜିକ ଲୋକଙ୍କ ଶିକାର ହେଉଛନ୍ତି। ବସ୍ ଟର୍ମିନାଲର ବଡ଼ ସମସ୍ୟା ହେଉଛି ଯାତ୍ରୀଙ୍କୁ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷ ଯୋଗାଇ ଦେବା ପାଇଁ ୧୩୦ଟି ଦୋକାନ ଘର ତିଆରି କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ ଆବଣ୍ଟନ କରାଯାଇପାରି ନାହିଁ। ଯାହାକୁ ନେଇ ବିବାଦ ଉପୁଜୁଥିବା ବେଳେ ତେଣେ ଯାତ୍ରୀମାନେ ପାଣି ବୋତଲ ପାଇଁ ମଧ୍ୟ ବସ୍‌ଷ୍ଟାଣ୍ଡ ବାହାରକୁ ଆସୁଛନ୍ତି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit (No.3123) sworn before the Executive Magistrate, Khordha, dated - 16.10.2025. I, Rasmita Pradhan, W/o- Dillip Kumar Pradhan, At-Balipatana, PO- Kunjuri, PS-Khordha Sadar, Dist- Khordha, PIN- 752056, Odisha declare that I have changed my minor son's name from Sriman Subhrajit Pradhan to Subhrajit Pradhan. Henceforth, he shall be known as **Subhrajit Pradhan** (new name) for all purposes.

**Rasmita Pradhan**

**AFFIDAVIT**

By virtue of an affidavit sworn before Executive Magistrate Baramba, on dated 18.10.2025, I Susanta Kumar Dalua S/o- Kailash Chandra Dalua resident at Village-Gopinathpur, Po- Singhanathpitha, Ps- Badamba, Dist- Cuttack, Odisha, PIN- 754031, declare that I have changed my daughter's name from Bishnuptiya Dalua to Bishnupriya Dalua. Henceforth, she shall be known as **BISHNUPRIYA DALUA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar on dated, 27.10.2025, I Lusi Baral, D/o-Sankar Baral, resident Village-Bhagabati Basti, Po-Bhoinagar, Ps- Kharvel Nagar, Dist- Khorda, Odisha, PIN-751022 declare that I have changed my name from Lusai Barala to Lusi Baral . Henceforth I shall be known as **LUSI BARAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Garadpur, I, Shrabani Mohanty, Vill.: Solapat, Po- Bedari, Ps-Patkura, Kendrapara here by declare that before marriage my name recorded as Shrabani Ray but after marriage my surname has missed. therefore Shrabani Ray and Shrabani Mohanty is one and the same person. Henceforth I shall be known as **Shrabani Mohanty** for all purposes.

# ଚକଡ଼ା ପୋକରେ ଧାନ ଫସଲ ନଷ୍ଟ

● ଫସଲ କ୍ଷୟକ୍ଷତି ଆକଳନ ସହ ଚାଷୀଙ୍କୁ ସହାୟତା ଦାବି



ଆନନ୍ଦପୁର, ୨।୧୧(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଚକଡ଼ା ପୋକ ଲାଗିଯିବାରୁ ଅମଳ ହେବାକୁ ଥିବା ଧାନ ଫସଲ ନଷ୍ଟ ହୋଇଯାଇଛି। ଆନନ୍ଦପୁର ହାଟଡିହି ବ୍ଲକର ବିଭିନ୍ନ ଧାନ କ୍ଷେତରେ ଧାନ ଗଛ ମୋଡ଼ି ହୋଇ ତଳେ ପଡ଼ିଥିବା ପରିଲକ୍ଷିତ ହୋଇଛି। ଘସିପୁରା ବ୍ଲକ ଅନ୍ତର୍ଗତ ଖାଲିଆମେଣ୍ଟା ଓ ଓସ୍ତପୁରା ମୌଜାରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଅଞ୍ଚଳର ବହୁ ଆଦିବାସୀ ଓ ସାଧାରଣ ଲୋକ ହଜାର ହଜାର ଟଙ୍କା କରଜ କରି ଧାନ ଫସଲ କରିଥିବା ବେଳେ କୌଣସି କାରଣରୁ ଖାଲିଆମେଣ୍ଟା ଓ ଓସ୍ତପୁରା ମୌଜାରେ ବହୁ ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହେବା ସହ ଅନ୍ୟ ଜମିକୁ ଏହି ରୋଗ ବ୍ୟାପୁଥିବାର ଦେଖାଯାଇଛି। ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରୋଗର ନିରାକରଣ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଜମିର ଚାଷୀମାନଙ୍କୁ କ୍ଷୟକ୍ଷତିର ଆକଳନ ପୂର୍ବକ ସରକାରୀ ସହାୟତା ଯୋଗାଇ ଦେବାକୁ ଅଗ୍ରଣୀ ଚାଷୀ ଶିବଶରଣ ମିଶ୍ର ଦାବି କରିଛନ୍ତି।

ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବିଚିତ୍ର ନୀତି

# କାମ ଠିକାଦାରଙ୍କ, ମହାବିଦ୍ୟାଳୟ ଦେଉଛି ବିଦ୍ୟୁତ ବିଲ୍





ଚମ୍ପୁଆ, ୨।୧୧(ସମିସ): ଖବର ପ୍ରକାଶ ପାଇଁ ମତାମତ ମାଗିବାରୁ ତରବରିଆ ଭାବେ ରାତିଅଧରେ ସୂଚନାଫଳକ ଲଗାଇ ଠିକାଦାର ତାର କର୍ତବ୍ୟ ଶେଷ କରିଥିବା ବେଳେ ୬କୋଟି ଟଙ୍କାର ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ମହାବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟିର ଅଜାଣତାରେ ବିଦ୍ୟୁତ ସଂଯୋଗ ପ୍ରାଦାନ କେଉଁ ସ୍ୱାର୍ଥରେ ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୯୭୭ରେ କାର୍ଯ୍ୟକ୍ଷମ ଏହି ମହାବିଦ୍ୟାଳୟର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ଆବଶ୍ୟକ କର୍ମଚାରୀ ଅଭାବ ତ କେତେବେଳେ ଅଧ୍ୟାପକ ଅଭାବକୁ ନେଇ ଶିକ୍ଷା ବାଧାପ୍ରାପ୍ତ ହେଉଛି। ଏହି ମହାବିଦ୍ୟାଳୟର ପରିସରରେ ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରାଯାଉଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ କୌଣସି ସୂଚନାଫଳକ ଲଗାଯାଇ ନଥିଲା। ଖବର ପାଇଁ ମତାମତ ମାଗିବାରୁ ରାତିଅଧରେ ସୂଚନାଫଳକ ଲଗିଥିଲା। ମାତ୍ର ଦୀର୍ଘଦିନ ଧରି କାମ ଚାଲୁ ରହିଥିବା ବେଳେ ଏହି ବୃହତ ପ୍ରକଳ୍ପକୁ ମହାବିଦ୍ୟାଳୟ ପକ୍ଷରୁ ବିଦ୍ୟୁତ ସଂଯୋଗ ଦିଆ ଯାଇଥିଲେ ହେଁ ଏହାର ବିଲ୍ କିଏ ଦେଉଛି ନା କଲେଜ ପକ୍ଷରୁ ପ୍ରଦାନ କରାଯାଉଛି ସେନେଇ ପ୍ରଶ୍ନ ଉଙ୍କିମାରିଛି। ରଡ କାଟିବାଠାରୁ ଆରମ୍ଭ କରି ପ୍ରକଳ୍ପରେ ମଟର ସାହାଯ୍ୟରେ ଜଳ ବ୍ୟବହାର କରାଯିବା ସହିତ ଠିକାଦାର କର୍ମଚାରି ମାଡିବସିଥିବା କ୍ୱାର୍ଟରରେ ମଧ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟ ଆରମ୍ଭରୁ ବୋରିଂ ବ୍ୟବସ୍ଥା କରାଯିବା କଥା ମାତ୍ର ମହାବିଦ୍ୟାଳୟ ପରିସରରେ ନଳକୂପରୁ ମଟର ସାହାଯ୍ୟରେ ପାଣି ଯୋଗାଇବାକୁ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରବିନ୍ଦ୍ରନାଥ ନାଏକ ଓ ଯନ୍ତ୍ରୀ ନରେଶ ପରିଡାଙ୍କୁ ପଚାରିବାରୁ କାର୍ଯ୍ୟଶେଷ ପରେ ବୋରିଂ କଲେ ଚଳିବ ବୋଲି କହିଛନ୍ତି। ଏନେଇ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପଚାରିବାରୁ କହିଛନ୍ତି, ଠିକାଦାରକୁ ବିଦ୍ୟୁତ ଦେୟ ପୈଠ କରିବାକୁ କୁହାଯାଇଛି। ମହାବିଦ୍ୟାଳୟର ଗୋଟିଏ ସଂଯୋଗରୁ ଠିକାଦାର ବିଦ୍ୟୁତ ବ୍ୟବହାର କରୁଥିବା ବେଳେ କେତେ ଅର୍ଥ ପ୍ରଦାନ କରିବ? ସେନେଇ ଏବେ ପ୍ରଶ୍ନ ଉଠିଛି।

ମହିଳା ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର ମାମଲା

# ଅଭିଯୁକ୍ତଙ୍କୁ ନୋଟିସ ଜାରିକଲା ବନ ବିଭାଗ

ତୁରୁମୁଙ୍ଗା, ୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ପିଚ୍ଛୁଳାବେଡା ସଂରକ୍ଷିତ ଜଙ୍ଗଲ ଭିତରେ ବାଲି ଚୋରା ଚାଲାଣ ବେଳେ ବନରକ୍ଷୀ ଦେବଜାନୀ ମହାନ୍ତ ଏବଂ ସ୍କ୍ୱାଡ କୈଳାସ ମହାନ୍ତଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ସେଠାରେ ଟ୍ରାକ୍ଟରକୁ ଜବତ କରିଥିଲା ବେଳେ ତୋଣ୍ଡ ଗ୍ରାମର ପ୍ରହ୍ଲାଦ ମହାନ୍ତ ଏବଂ ତାଙ୍କର ୫ ଜଣ ସାଥୀ, ମହିଳା ବନରକ୍ଷୀ ଦେବଜାନୀ ମହାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ, ଦୁର୍ବ୍ୟବହାର ଓ ଠେଲାପେଲା କରିବା ପରେ ଗଣଦୁଷ୍କର୍ମ ଧମକ ମଧ୍ୟ ଦେଇଥିଲେ। ଉକ୍ତ



ଘଟଣାକୁ ନେଇ ପାଟଣା ରେଞ୍ଜରେ ମାମଲା ରଜୁ ପରେ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପାଟଣା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ରେଞ୍ଜର ପ୍ରହ୍ଲାଦ ପଲେଇଙ୍କୁ ୧୦୫୫/୨୫ ଏକ ନୋଟିସ ଜାରି କରାଯାଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଛଡ଼ାଇ ନିଆଯାଇଥିବା ଟ୍ରାକ୍ଟର ଗାଡି ସହ ସେ ନିଜେ ରେଞ୍ଜ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନୋଟିସରେ ନିର୍ଦ୍ଦେଶ ଜାରି ହୋଇଛି; ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫଓ ଏଚଡି ଧନରାଜ୍ ଉଲ୍ଲେଖ କରିଛନ୍ତି।

# ଘଣ୍ଟାଏ ଧରି ରାଜପଥ ଜାମ୍

ବାରିକପୁର, ୨।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଡାହାଲା ପୁରିପଡାଠାରେ ଆଜି ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତା ଜାମ ରହିଥିଲା। ସୂଚନା ମୁତାବକ ଅପରାହ୍ନ ପ୍ରାୟ ଚାରିଟା ସମୟରେ ଗୋଟିଏ ଟ୍ରକ ରାଜପଥ ଉପରେ ୨ଟି ଷଣ୍ଢଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଷଭ ୨ଟି ରାସ୍ତା ଉପରେ ଛଟପଟ ହୋଇ



ପଡି ରହିଥିଲେ। ଏହି ସମୟରେ ବଜରଙ୍ଗ ଦଳ କର୍ମୀମାନେ ରାସ୍ତାରେ ଯାଉଥିବା ବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଷଣ୍ଡ ଦୁଇଟିଙ୍କ ଚିକିତ୍ସା ପାଇଁ ଅଟକି ରହିଥିଲେ। ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ହୋଇଥିବା ବେଳେ ବୃଷଭ ରାସ୍ତା ମଝିରେ ପଡି ରହିବାରୁ କାରଣରୁ ଗାଡି ଚଳାଚଳ ହୋଇ ପାରିନଥିଲା। ଏଥିପାଇଁ ଶହଶହ ଗାଡି ମୋଟର ରାସ୍ତା ଉପରେ ଠିଆ ହୋଇ ରହିଥିଲେ। ଭଣ୍ଡାରିପୋଖରୀଠାରୁ ଛତାବର ଓ ଡାହାଲାଠାରୁ ଆଖୁଆପଦା ଯାଏଁ ରାସ୍ତା ଦୁଇ ପାର୍ଶ୍ୱରେ ମାଲବାହୀ ଓ ଯାତ୍ରୀବାହୀ ଗାଡି ଠିଆ ହୋଇଥିବା ଦେଖା ଯାଇଥିଲା। ଖବର ପାଇ ସ୍ଥାନୀୟ ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ସହ ଷଣ୍ଡ ଦୁଇଟିଙ୍କୁ ରାସ୍ତା ମଝିରୁ ଅପସାରଣ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ରୋଟାରୀ କ୍ଲବ୍ ପକ୍ଷରୁ ୨ ଦିନିଆ ଦନ୍ତ ଚିକିତ୍ସା ଶିବିର ଉଦ୍‌ଯାପିତ




ଯୋଡ଼ା, ୨।୧୧(ସମିସ): ଯୋଡା ରୋଟାରୀ କ୍ଲବ ପକ୍ଷରୁ ଯୋଡାସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲ ଏବଂ ଜିଲିଙ୍ଗସ୍ଥିତ ଓଏମସି ଡିଏଭି ପବ୍ଲିକ ସ୍କୁଲରେ ୨ ଦିନିଆ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୦ ଓ ୩୧, ୨ଦିନ ଦିନ ଧରି ଚାଲୁରହିଥିବା ଏହି ଶିବିରଟି ୩୧ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଦନ୍ତ ରୋଗ ବିଶେଷଜ୍ଞ ତଥା କେନ୍ଦୁଝରର ଡାକ୍ତର ସଞ୍ଜିବ କୁମାର ଓତାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରଥମ ଦିନରେ ଯୋଡାସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲ ଏହି ଶିବିରଟି ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଜିଲିଙ୍ଗସ୍ଥିତ ଓଏମସି ଡିଏଭି ପବ୍ଲିକ ସ୍କୁଲରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କିଭଳି ନିଜ ନିଜର ଦନ୍ତର ଉପଯୁକ୍ତ ଯତ୍ନନେବେ ସେ ସମ୍ପର୍କରେ ସଚେନତା କରାଯିବା ସହ ଦାନ୍ତରେ ବିଭିନ୍ନ ସମସ୍ୟା ପରୀକ୍ଷା ମାଧ୍ୟମରେ ଉପଯୁକ୍ତ ପରାମର୍ଶ ଦିଆଯାଇଛି। ଶିବିରଟିରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଦନ୍ତଚିକିତ୍ସା ବିଭାଗର ୬ ଜଣ ଅଭିଜ୍ଞ ଡାକ୍ତର ଏଥିରେ ଯୋଗଦେଇଥିଲେ। ସେମାନେ ହେଲେ ଡାକ୍ତର ଗୌରବ ଶର୍ମା, ଡାକ୍ତର ସରୋଜ କୁମାର ବେହେରା, ଡାକ୍ତର ଅନିଶା ଦତ୍ତ, ଡାକ୍ତର ସାହସଭିର ଝା, ଡାକ୍ତର ପାୟଲ ମହାରଣା, ସହାୟକ ଜୟଦେବ ବେହେରା। ଏହି ଶିବିର ୨ଟିରେ ଯୋଡା ରୋଟାରୀ କ୍ଲବର ସଭାପତି ରୋଟାରିଆନ ଜିତେନ୍ଦ୍ର ବୈଦ୍ୟ ଓ ସମ୍ପାଦକ ରୋଟାରିଆନ ପଦ୍ମଲୋଚନ ବେହେରାଙ୍କ ସମେତ ବରିଷ୍ଠ ରୋଟାରିଆନ ବିକାଶ ମହାନ୍ତି, ରୋଟାରିଆନ ରାକେଶ ସିଙ୍ଗାଣିଆ, ରୋଟାରିଆନ ସୁମନ ଭଟ୍ଟାଚାର୍ଯ୍ୟ, ରୋଟାରିଆନ ଦିଲ୍ଲୀପ ରାଉତ, ରୋଟାରୀଆନ ସ୍ୱରୁପ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଟାଟା ଡିଏଭି ସ୍କୁଲରେ ୪୧୩ ଜଣଙ୍କର ଦନ୍ତ ପରୀକ୍ଷା କରାଯାଇଥିବା ବେଳେ ଓଏମସି ଡିଏଭି ସ୍କୁଲରେ ୩୪୭ ଜଣଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। ଶିବିରଟିକୁ ଯୋଡା ଓ ଜିଲିଙ୍ଗ ଡିଏଭି ସ୍କୁଲର ଅଧ୍ୟକ୍ଷ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

# ତୁରୁମୁଙ୍ଗା ଥାନାଞ୍ଚଳରେ ସାଇବର ସୁରକ୍ଷା ସଚେତନତା



ତୁରୁମୁଙ୍ଗା, ୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନାଞ୍ଚଳରେ ଶନିବାର ସାଇବର ସୁରକ୍ଷା ସଚେତନ ରଥ ବୁଲି ଛାତ୍ରଛାତ୍ରୀ ଏବଂ ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନ କରାଇଥିଲା। ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ଏହି ରଥ ବାହାରି ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିହୁଁଆ ଛକ ରାଜନଗର ଆଦି ଅଞ୍ଚଳରେ ବୁଲି ସାଇବର ଠକେଇ ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ସାଇରା ମାସ୍କଟ ପକ୍ଷରୁ ଲୋକଙ୍କୁ ସଚେତନତା କରାଯାଇଛି। କାର୍ଯ୍ୟକ୍ରମରେ ରିଜର୍ଭ ଇନସ୍ପେକ୍ଟର ଦେବାଶିଷ ସ୍ୱାଇଁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଏଏସଆଇ ସୟଦ ସାଲିମ ହୁସେନ୍‌ଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବାଳିକା କ୍ରିକେଟ ପାଇଁ ପ୍ରସ୍ତୁତି



ହାଟଡିହୀ,୨।୧୧(ସମିସ): ଆସନ୍ତା ନଭେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ହାଟଡିହୀ ବ୍ଲକ ସୁନ୍ଦରାପାଳ ହେବାକୁ ଥିବା ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବାଳିକା କ୍ରିକେଟ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ରଶ୍ମିରେଖା ନାଇକ, ବିଇଓ ରାଜୀବ ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଲିନାଲିସା ସାମନ୍ତରାୟ, ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଜାମ୍ବିରା ସରପଞ୍ଚ ପ୍ରତିନିଧି ଖଗେଶ୍ୱର ମଲ୍ଲିକ, ଗଡ଼ଚଣ୍ଡୀ କ୍ରୀଡା ସଂଘର ସଭାପତି ସୁଧାଂଶୁ ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରଥମ ଥର ପାଇଁ ହାଟଡିହୀ ବ୍ଲକରେ ହେଉଥିବା ଏହି କ୍ରିକେଟ ପ୍ରତିଯୋଗିତାକୁ କିପରି ସରଶ ସୁନ୍ଦର କରାଯିବ ତାହା ଉପରେ ଆଲୋଚନା କରିଥିଲେ। ଖେଳାଳିଙ୍କ ପାଇଁ ଖାଦ୍ୟପେୟ, ରହିବାର ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କ୍ରୀଡା ସଂଘ ସଦସ୍ୟ ପ୍ରଦ୍ୟୁମ୍ନ ପାତ୍ର, ରତ୍ନାକର ସାହୁ, ଅବସରପ୍ରାପ୍ତ ଶାରୀରିଜ ଶିକ୍ଷା ଶିକ୍ଷକ ନାରାୟଣଚନ୍ଦ୍ର ବିଶ୍ୱାଳ, ରତ୍ନାକର ସାହୁ, ବୃନ୍ଦାବନ ରାଉତ, ସୁବାସଚନ୍ଦ୍ର ଜେନା, ହାଟଡିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡା, ଗଡ଼ଚଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଶାସିନୀ, ଅନିରୁଦ୍ଧ ସେଠୀ, ନବଘନ ନାୟକଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନେ ଯୋଗ ଦେଇଥିଲେ।

# ଗ୍ରାମପଞ୍ଚାୟତ ପିଅନ ସଂଘ ଘସିପୁରା ବ୍ଲକ୍ ବୈଠକ

ଆନନ୍ଦପୁର, ୨।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମପଞ୍ଚାୟତ ସଭାଗୃହଠାରେ ଘସିପୁରା ବ୍ଲକ ସଭାପତି ବସନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଘସିପୁରା ବ୍ଲକ ସମସ୍ତ ୨୫ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପିଅନଙ୍କୁ ନେଇ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦେଓଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ ଓ ହାତିଶିଳା ଗ୍ରାମର ସମାଜସେବୀ ରସାନନ୍ଦ ଜେନା, ଦେଓଗାଁ ଗ୍ରାମର ଘନଶ୍ୟାମ ବାରିକ, ସୁରେନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ରାଜ୍ୟ ପଞ୍ଚାୟତ କର୍ମଚାରୀ ପିଅନ ସଂଘର ସଦସ୍ୟ ତଥା ବ୍ଲକ ସମ୍ପାଦକ ପ୍ରମୋଦ ରାଉତ କହିଛନ୍ତି ଯେ ସେମାନେ ଅନ୍ୟ ବର୍ଗର ୪ର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ ପରି ସୁବିଧା ସୁଯୋଗ ପାଉନାହାନ୍ତି।



୨୦୧୪ ୧୨୫ଧାରା ଆଇନ ଉଛେଦ ନ ହେବା ପର୍ଯ୍ୟନ୍ତ ସରକାର ଆମମାନଙ୍କୁ ସମାନ କାମକୁ ସମାନ ଦରମା, ନିୟମିତ ଦରମା, ଶ୍ରମ ବିଭାଗର ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦରମା ଦେଲେ ଆମେ ପିଅନ କର୍ମଚାରୀ ଗ୍ରାମପଞ୍ଚାୟତର ସମସ୍ତ ପରିବାର ଆପଣଙ୍କ ନିକଟରେ ଚିର ଋଣୀ ହୋଇ ରହିବୁ ତା'ନହେଲେ ସମଗ୍ର ଗ୍ରାମପଞ୍ଚାୟତ କର୍ମଚାରୀ ସପରିବାର ରାଜ ରାସ୍ତାକୁ ଆନ୍ଦୋଳନକୁ ଓହ୍ଲାଇବେ। ଏହି ବୈଠକରେ ବ୍ଲକ ସଭାପତି ବସନ୍ତ ଭୂୟାଁ, ରାଜ୍ୟ ସଂଘ ସଦସ୍ୟ ଓ ବ୍ଲକ ସମ୍ପାଦକ ପ୍ରମୋଦ ରାଉତ, କୋଷାଧ୍ୟକ୍ଷ ନିମାଇଁ ଚରଣ ଜେନା, ସହସମ୍ପାଦକ କେଶଚନ୍ଦ୍ର ମାଝୀ, ଅଁତେ ରାଉତ, ସମୀକ୍ଷକ କ୍ଷୀରୋଦ ନାୟକ, ସଦସ୍ୟ ପଞ୍ଚାନନ ପଲେଇ, ବିଦ୍ୟାଧର ରାଉତ, ପୁରନ୍ଦର ନାୟକ, ସନ୍ତୋଷ ରାୟ, ପଦ୍ମଲାଭ ପାତ, ରାମଚନ୍ଦ୍ର ଟୁଡୁ ଯୋଗଦାନ କରିଥିଲେ।

■ ପଞ୍ଚୁକ ବ୍ରତର ୨ୟ ଦିନ

# ବାବା ଆଖଣ୍ଡଳମଣିଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼

ଭଦ୍ରକ/ଆରଡି,୨।୧୧(ସମିସ): ଧର୍ମରମାସ କାର୍ତ୍ତିକ ବ୍ରତ ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଚାଲିଛି ପଞ୍ଚୁକ ବ୍ରତ। ରବିବାର ୨ୟ ଦିନରେ ଭକ୍ତ ଓ ହବିଷ୍ୟାଳୀମାନେ ବାବାଙ୍କ ଶିବଗଙ୍ଗା ପୁଷ୍କରିଣୀରେ ସ୍ନାନ କରିବା ସହ ବାବାଙ୍କୁ ସାହାଣମେଲାରେ ଦର୍ଶନ କରିଥିଲେ।



ଭାଗବତ ପାଠ ଓ ପାରାୟଣରେ ଉତ୍ସବ ମୁଖର ପୀଠ

ଫଟୁକ ଅବସରରେ ବାବାଙ୍କର ପ୍ରତିଦିନ ଦିଗମ୍ବର ବେଶ ସହ ରାହାସ ପୂର୍ଣ୍ଣିମା ଯାଏଁ ମଧ୍ୟାହ୍ନ ଧୂପରେ ପଞ୍ଚାନନ ବେଶରେ ଦର୍ଶନ ଦେଉଛନ୍ତି ଭକ୍ତଙ୍କୁ। ଏଥିପାଇଁ ଦିନ ତମାମ ଲାଗିଥିଲା ହଜାର ହଜାର ଭକ୍ତଙ୍କ ଭିଡ଼। ସେହିପରି ରାହାସ ପୂର୍ଣ୍ଣିମା ଦିନ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅପରାହ୍ଣରେ ହରଗୌରୀ ବେଶ ଅନୁଷ୍ଠିତ ହେବ। ତାହାସହ ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ହବିଷ୍ୟାଳୀ ଭକ୍ତ ବୁଡ ପକାଇବା ସହ ବୋଇତ ଭସାଇବେ। ପରେ ଚଉଁରା ମୂଳରେ କାର୍ତ୍ତିକ ମାହାତ୍ମ୍ୟ ପଠନ ସହ ଆକାଶ ଦୀପ ପ୍ରଜ୍ୱଳିତ କରାଯିବ। ମନ୍ଦିରର ପରମ୍ପରା ଅନୁଯାୟୀ ପବିତ୍ର ଅଁଳା ନବମୀ ଠାରୁ ରାହାସ ପୂର୍ଣ୍ଣିମା ଯାଏଁ ମନ୍ଦିର ବେଢ଼ା ପ୍ରାଙ୍ଗଣରେ ହରିହର ଭେଟ ସହ ଭାଗବତ ପଠନ ଓ ପାରାୟଣରେ ଉତ୍ସବମୁଖର ସମଗ୍ର ପୀଠ।

ବୈତରଣୀ ନଦୀ ଓ ବାଲି ସୁରକ୍ଷା ଆଲୋଚନାଚକ୍ର

# ନଦୀକୂଳିଆ ଗ୍ରାମ୍ୟ କମିଟି ଗଠନକୁ ଗୁରୁତ୍ୱ

ଆନନ୍ଦପୁର, ୨।୧୧ (ସମିସ):

ବୈତରଣୀ ନଦୀ ହିଁ କେନ୍ଦୁଝର ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ପରିବର୍ଦ୍ଧିତ କରିଛି। ବୈତରଣୀ ନଦୀ କେନ୍ଦୁଝର ଜିଲ୍ଲାର ଜୀବନରେଖା। ବୈତରଣୀକୁ ବାଦ ଦେଇ କେନ୍ଦୁଝରର ସଭ୍ୟତା, ସଂସ୍କୃତି, ସାମାଜିକ ଜୀବନଶୈଳୀ ଓ ବିକାଶକୁ ପରିକଳ୍ପନା କରାଯାଇ ପାରିବ ନାହିଁ ବୋଲି ନଦୀ ସୁରକ୍ଷା ଓ ବାଲି ସତ୍ୟାଗ୍ରହ ସମ୍ପର୍କିତ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ସାମାଜିକ କର୍ମୀ ଯଜ୍ଞପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ ନଦୀର ହତ୍ୟା ପାଇଁ ହେଉଥିବା ଷଡ଼ଯନ୍ତ୍ରର ନିନ୍ଦା କରିଥିଲେ। ବିଶିଷ୍ଟ ପ୍ରବଚକ ଅର୍ଜୁନୀ ମହାନ୍ତି କହିଲେ, ବୈତରଣୀର ବୟସ ଗଙ୍ଗାଠାରୁ ବଡ଼। ଏହା ପବିତ୍ର ଓ ଆମ ସଂସ୍କୃତିର ଆଧାର। ସାହିତ୍ୟିକ ହଳଧର ପଣ୍ଡା ବୈତରଣୀ ନଦୀର କୂଳରେ ଥିବା ୧୦୮ କୃଷ୍ଣ ଲିଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନଦୀ କୂଳରେ ହିଁ ଜୈନ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ହୋଇଥିବା ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ସମାଜସେବୀ ବିରଞ୍ଚି ମହାପାତ୍ର ବୈତରଣୀ ନଦୀର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ବାଲି ସତ୍ୟାଗ୍ରହକୁ ପ୍ରଶଂସା କରିଥିଲେ। ସରକାର ଚାହିଁଲେ ବୈତରଣୀ ନଦୀରୁ ବାଲି ଲୁଟ୍ ହେବା ଅନେକାଂଶରେ କମିବ ବୋଲି ମତ ରଖିଥିଲେ। ପତିତପାବନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ କମଳାକାନ୍ତ ଦାସ, ସୁବାସଚନ୍ଦ୍ର ମହାପାତ୍ର ଓ ଆନନ୍ଦପୁର ପୌରପାଳିକାର ପାରିଷଦ କୃଷ୍ଣଚନ୍ଦ୍ର ରଣା ଓ ବିଜେପି ନେତା ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ନଦୀକୂଳିଆ ଗାଁଗୁଡ଼ିକରେ ଗ୍ରାମ୍ୟ କମିଟି ଗଠନ କରାଗଲେ ବାଲି ଚୋରିକୁ ରୋକାଯାଇ ପାରିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ସ୍ତମ୍ଭକାର ସ୍ୱାଧୀନ ଶତପଥୀ, ଯୁବନେତା ପ୍ୟାରୀମୋହନ ବାରିକ, ବିଜେପି ନେତା ସଞ୍ଜୟ ଜେନା, ମଧୁସୂଦନ ରାଉତ, ପ୍ରକୃତିପ୍ରେମୀ ତ୍ରିଲୋଚନ ସାହୁ, ଦଇତାରୀ ମହାକୁଡ, ରୂପରଞ୍ଜନ ମହାରଣା, ସନ୍ଦିପ ଜେନା, ଅନ୍ତର୍ଯ୍ୟାମୀ ବାବୁ, ପ୍ରଳୟ ସାହୁ, ସୁଦର୍ଶନ ସାହୁ, ସୌମ୍ୟରଞ୍ଜନ ସାହୁ, ଗୋପାଳ ସେଠୀ, ରଶ୍ମି ଜେନା, ସୁଶାନ୍ତ ବୋଇତେଇ, ପୂର୍ଣ୍ଣଚନ୍ଦ୍ର ଜେନା, ଆକାଶ ନାଥଙ୍କ ସମେତ ବୈତରଣୀ, କୁସେଇ ଓ ରେମାଳ ନଦୀ କୂଳିଆ ଗାଁରୁ ବିଭିନ୍ନ ବର୍ଗରୁ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।





# ବନ୍ୟଜନ୍ତୁ ଶିକାର ବେଳେ ଜଣେ ଗିରଫ





ତେଲକୋଇ, ୨।୧୧(ସମିସ): ତେଲକୋଇ ବନାଞ୍ଚଳ କଣ୍ଟାବାହାଳ ଗ୍ରାମ ସନ୍ନିକଟ ଜଙ୍ଗଲରେ ବିଦ୍ୟୁତ୍ ଫାସ ଦ୍ୱାରା ବନ୍ୟଜନ୍ତୁ ଶିକାର ଉଦ୍ୟମ ଚାଲିଥିବା ବେଳେ ବନ ବିଭାଗ ଚଢଉ କରି ଜଣଙ୍କୁ ଗିରଫ କରିଛି। ଏହାସହ ଅଭିଯୁକ୍ତଠାରୁ ବ୍ୟାପକ ଶିକାର ସରଞ୍ଜାମ ବନ ବିଭାଗ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା ଅନୁଗୁଳ ଜିଲ୍ଲା କୁନ୍ତଳା ଗ୍ରାମର ମନ ନାୟକଙ୍କ ପୁଅ ରବି (୩୫)। ଶନିବାର ରାତିରେ ଅଭିଯୁକ୍ତ ରବି କଣ୍ଟା ବାହାଳ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାସ ବସାଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ତେଲକୋଇ ବନ କର୍ମଚାରୀ ଉକ୍ତ ଜଙ୍ଗଲରେ ଚଢଉ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ରବିକୁ ଗିରଫ କରିବା ସହିତ ବ୍ୟାପକ ବିଦ୍ୟୁତ୍ ତାର, ବୋତଲ ଆଦି ଶିକାର ସରଞ୍ଜାମ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ବନ କର୍ମଚାରୀ ପ୍ରଭାତୀ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢଉରେ ସାମିଲ ହୋଇଥିଲେ।

ବ୍ୟାପକ ଶିକାର ସରଞ୍ଜାମ ଜବତ

## ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ, ଜଣେ ଗୁରୁତର

ହାଟଡ଼ିହୀ,୨।୧୧(ସମିସ): ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ରବିବାର ପୂର୍ବାହ୍ନରେ ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବୈଦାଖିଆସ୍ଥିତ ଗଡ଼ଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଓ ଜଳକଳଙ୍ଗ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପାତ୍ର ବାଇକ ଯୋଗେ କୌଣସି କାମରେ ଯାଜପୁର ଅଭିମୁଖେ ଯାଉଥିବା ବେଳେ କୃଷ୍ଣନଗର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁରସ୍ଥିତ ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ମୃତ୍ୟୁ ଘଟିଥିବା ବେଳେ ଶିକ୍ଷକ ଶ୍ରୀ ପାତ୍ରଙ୍କ ମୁଣ୍ଡ ଓ ହାତଗୋଡ଼ରେ ଗଭୀର ଆଘାତ ଯୋଗୁଁ ଚିକିତ୍ସାଧୀନ ଅଛନ୍ତି। ଶିକ୍ଷକ ଶ୍ରୀ ଓଝାଙ୍କ ବିୟୋଗରେ ହାଟଡ଼ିହୀ ଗ୍ରାମ ସହ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

## କାର୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାରିପଦା, ୨।୧୧(ସମିସ): ଗାଁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବେଳେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଯଶିପୁର ଥାନା ଅନ୍ତର୍ଗତ କାଲୁଆଖମଣ ଗ୍ରାମର ପୁରୁଷୋତ୍ତମ ତିରିଆ(୨୦)। ସେ ଛିଡ଼ା ହୋଇଥିବା ବେଳେ ସଞ୍ଜୟ କୁମାର ତିରିଆ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଯାଇଥିଲେ। ଯାହାଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି।

## ନିଶାସକ୍ତ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ

ବାରିପଦା, ୨।୧୧(ସମିସ): ନିଶା ସାଜିଲା କାଳ। ନିଶାସକ୍ତ ଅବସ୍ଥାରେ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି। ଏହିପରି ଅଘଟଣ ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମରେ ଘଟିଯାଇଛି। ମୃତ ସ୍ତ୍ରୀ ଜଣକ ହେଲେ ଉକ୍ତ ଗ୍ରାମର କସ୍ତୁରୀ ଦେହୁରୀ। ସୂଚନା ଅନୁଯାୟୀ, ପୂର୍ବରୁ କସ୍ତୁରୀ ଓ ତାଙ୍କ ସ୍ୱାମୀ ସୁରୁ ଦେହୁରୀଙ୍କ ମଧ୍ୟରେ ପାରିବାରିକ କଳହ ହେଉଥିଲା। ନିଶାସକ୍ତ ଅବସ୍ଥାରେ ପିଟାମରା ମଧ୍ୟ କରୁଥିଲା। ସୁରୁ ରବିବାର ପୂର୍ବାହ୍ନରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିବା ବେଳେ ଏନେଇ ସ୍ତ୍ରୀ କସ୍ତୁରୀ ଦେହୁରୀ ସହ ଝଗଡ଼ା ହୋଇଥିଲା। ଏଥିରେ ସେ ଉତକ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ କାଠ ଫାଳିଆରେ କସ୍ତୁରୀଙ୍କ ମୁଣ୍ଡକୁ ପ୍ରହାର ଦେଇଥିଲା। ଯାହାଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଘଟଣା ବାବଦରେ ଜାଣିବା ପରେ ବାରିପଦା ସଦର ଥାନା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ନେତୃତ୍ୱରେ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛନ୍ତି। ଏହାସହ ଅଭିଯୁକ୍ତ ସ୍ୱାମୀ ସୁରୁକୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି। ସ୍ୱାମୀ ସୁରୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବାରିପଦା ସଦର ଥାନାଧିକାରୀ କହିଛନ୍ତି।

## ଖେଳୁଥିବା ବେଳେ ଛୁଆକୁ ହତ୍ୟା

■ ଥାନାରେ ଅଭିଯୋଗ କଲେ ପରିବାର ଲୋକେ

ରାଇରଙ୍ଗପୁର, ୨।୧୧(ସମିସ): ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଛୋଟ ଛୁଆକୁ ହତ୍ୟା କରାଯାଇଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ଅଭିଯୋଗ ହୋଇଛି। ମୃତ ଛୁଆଟି ହେଲା ଯଶିପୁର ଥାନା ଅନ୍ତର୍ଗତ ମାହାରଦା ପାଳସା ଗ୍ରାମର ରାଜେଶ ବେହେରାଙ୍କ ପୁଅ ଆଦି ବେହେରା(୫)। ସେ ଘର ନିକଟରେ ଅନ୍ୟ ପିଲାମାନଙ୍କ ସହ ଖେଳୁଥିଲା। ଉକ୍ତ ସମୟରେ କେହି ଜଣେ ତାଙ୍କ ମୁଣ୍ଡକୁ ଜୋରରେ ପ୍ରହାର କରିଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେଠାରେ ଚେତାଶୂନ୍ୟ ହୋଇ ପଡିଯାଇଥିବା ବେଳେ ରକ୍ତସ୍ରାବ ହୋଇ ତାର ମୃତ୍ୟୁ ହୋଇଥିଲା। ଅନେକ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖେଳ ପଡ଼ିଆ ନିକଟରେ ରକ୍ତାକ୍ତ ଅବସ୍ଥାରେ ପଡିଥିବାର ଦେଖି ସ୍ଥାନୀୟ ହସ୍ପିଟାଲରେ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହିପରି ଛୋଟ ଛୁଆକୁ ହତ୍ୟା କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପିଆର୍‌ଏମ୍ ମେଡିକାଲ କଲେଜ ୬ଟି ବିଭାଗରେ ପିଜି ପାଠ୍ୟକ୍ରମକୁ ଅନୁମୋଦନ

ବାରିପଦା, ୨।୧୧ (ସମିସ): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଓଡିଶାର ୬ଟି ମେଡିକାଲ କଲେଜ ଓ ହସ୍ପିଟାଲରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୬୨ଟି ସ୍ନାତକୋତ୍ତର(ପିଜି) ସିଟ୍ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ ପାଇଁ ୬ଟି ବିଭାଗରେ ସର୍ବାଧିକ ୨୦ଟି ସ୍ନାତକୋତ୍ତର ସିଟ୍ ସକାଶେ ଅନୁମୋଦନ ମିଳିଛି। ଅନୁମୋଦନ ହୋଇଥିବା ୨୦ଟି ସ୍ନାତକୋତ୍ତର ସିଟ୍ ମଧ୍ୟରୁ ଏହି ବାରିପଦା ମେଡିକାଲ କଲେଜରେ ଶିଶୁରୋଗ, ସାଧାରଣ ଔଷଧ, ଆନାସ୍ଥାସିଓଲୋଜି, ପ୍ରସୂତି ଓ ସ୍ତ୍ରୀ ରୋଗ, ସାଧାରଣ ଅସ୍ତ୍ରୋପଚାର ଏବଂ ସୂକ୍ଷ୍ମ ଜୀବବିଜ୍ଞାନ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩ଟି ଲେଖାଏଁ ସିଟ୍ ଏବଂ ଶ୍ୱାସକ୍ରିୟା ସମ୍ବନ୍ଧୀୟ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୨ଟି ସିଟ୍ ଅନ୍ତର୍ଭୁକ୍ତ ରହିଛି। ଏନେଇ ଜିଲ୍ଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଲାବ୍ ଟେକନିସିଆନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପା**

ବାଲେଶ୍ୱର,୨।୧୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେଣ୍ଟ୍ରାଲ ଲାବୋରୋଟାରୀରେ ଲାବ୍ ଟେକନିସିଆନ ଭାବେ ପ୍ରଶିକ୍ଷଣ ନେଉଥିବା ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଭଡ଼ାଘରୁ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ବସ୍ତା ଥାନା ଅର୍ନ୍ତଗତ ଗୁଡିଖାଳର ଭାଗବତ ରାଉତଙ୍କ ପୁଅ କଳିଙ୍ଗ ରାଉତ। ଅପରପକ୍ଷେ ପୁଅକୁ ହତ୍ୟା କରାଯାଇଥିବା ନେଇ ବାପା ଭାଗବତ ଅଭିଯୋଗ କରିଛନ୍ତି। କଳିଙ୍ଗ ଦୁଇ ମାସ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ଲ୍ୟାବ ଆସିଷ୍ଟାଣ୍ଟ ଭାବେ ଇଣ୍ଟର୍ଣ୍ଣସିପ କରୁଥିଲେ। ସେ ମେଡିକାଲ ପାଖରେ ଏକ ଘରେ ଭଡ଼ାରେ ରହୁଥିଲେ। ଆଜି ସକାଳେ ଭଡାଘର ମଧ୍ୟରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ବାପା ଭାଗବତଙ୍କ କହିବା ଅନୁସାରେ, ଗତକାଲି ପୁଅ ସହ କଥା ହୋଇଥିଲି, ସେ ରବିବାର ଘରକୁ ଯିବା କଥା କହିଥିଲା। ହେଲେ ରବିବାର ସକାଳେ ପୁଅକୁ ଫୋନ କରିବାରୁ ସେ ଫୋନ ଉଠାଇ ନଥିଲା। ଦିନ ୧୧ଟା ସମୟରେ ହାଇଦ୍ରାବାଦରେ ରହୁଥିବା ତାଙ୍କ ଭାଇଙ୍କ ନିକଟକୁ ଫୋନ ଯାଇଥିଲା କଳିଙ୍ଗ ଦେହ ବହୁତ ଖରାପ ଅଛି। ପରିବାର ଲୋକେ ତୁରନ୍ତ ମେଡିକାଲରେ ପହଁଚିବା ପରେ ସେଠାରେ ସେ ନ ଥିବା ବେଳେ ଭଡା ଘରକୁ ଯାଇଥିଲେ। ସେଠାରେ ଜାଣିବାକୁ ପାଇଥିଲେ ଯେ ତାଙ୍କ ପୁଅର ମୃତ୍ୟୁ ହୋଇଯାଇଛି। ତାଙ୍କ ପୁଅକୁ ଯେଉଁ ଦୁଇଜଣ ପିଲା ନେବା ଆଣିବା କରୁଥିଲେ। ସେମାନେ ଏବଂ ଘର ମାଲିକ ପୁଅକୁ ହତ୍ୟା କରି ଝୁଲାଇଦେଇଥିବା ନେଇ ବାପା ଭାଗବତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପରିବାର ଲୋକେ ସହଦେବଖୁଣ୍ଟା ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାଜଧାନୀରେ ଦୈନିକ ୬୦ ଜଣ ମାନସିକ ରୋଗ ଆକ୍ରାନ୍ତ

ଭୁବନେଶ୍ୱର, ୨।୧୧(ସମିସ): ରାଜଧାନୀରେ ଦିନକୁ ଦିନ ବଢ଼ୁଛି ମାନସିକ ରୋଗୀଙ୍କ ସଂଖ୍ୟା। ଯାହାକି କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ଏଥିରୁ ସ୍ପଷ୍ଟ ଅନୁମେୟ। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲକୁ ୬୦ରୁ ଅଧିକ ମାନସିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାସକୁ ୧ ହଜାର ୮ଶହ ରୋଗୀ ଯାଉଥିବା ବେଳେ ଗତ ବର୍ଷ ୨୧ ହଜାର ୬ଶହ ଲୋକ ଯାଇଛନ୍ତି। ହେଲେ

■ ବର୍ଷକରେ ଚିକିତ୍ସିତ ହୋଇଛନ୍ତି ୨୧ ହଜାର ୬ ଶହ ରୋଗୀ
■ କ୍ୟାପିଟାଲ୍ ହସ୍ପିଟାଲରେ ଭିତ୍ତିଭୂମିର ଅଭାବ, ନାହାନ୍ତି ଡାକ୍ତର
■ ୧୮ ରୁ ୪୫ ବର୍ଷ ମଧ୍ୟରେ ଆସୁଛି ସର୍ବାଧିକ କଲ୍

ହସ୍ପିଟାଲରେ ଭର୍ତ୍ତିଭୂମି ଏବଂ ଡାକ୍ତରଙ୍କ ଅଭାବ ଥିବାରୁ ରୋଗୀ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ଏବେ ହସ୍ପିଟାଲରେ ଜଣେ ମାତ୍ର ମାନସିକ ଡାକ୍ତର ଅଛନ୍ତି। ତେଣୁ ଜଣ ରୋଗୀକୁ ଦେଖିବା ଏବଂ ତାର ମାନସିକ ସ୍ଥିତି ଜାଣିବାକୁ ହେଲେ ୧୫ ମିନିଟ୍‌ରୁ ଅଧିକ ସମୟ ଲାଗୁଛି। ଏହା ମଧ୍ୟରେ ଅଧିକ ରୋଗୀ ଯାଉଥିବାରୁ ଏକ ପ୍ରକାର ସମସ୍ୟା ହେଉଛି। ସମସ୍ତଙ୍କୁ ସଠିକ୍ ଭାବେ ଦେଖିବା ପାଇଁ ସମୟ ହେଉନାହିଁ। ଆହୁରି



ମଧ୍ୟ କ୍ୟାପିଟାଲ ମାନସିକ ରୋଗୀ ପାଇଁ ରୁମ୍ ଥିଲେ ମଧ୍ୟ ସେଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ଅନ୍ୟାନ୍ୟ ମେଡ଼ିକାଲ ସାମଗ୍ରୀ ନାହିଁ। ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ୱାର୍ଡରେ ଆଡ୍‌ମିସନ୍ କରି ଡାକ୍ତର ନଜର ରଖିବା ନିହାତି ଆବଶ୍ୟକ କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ନ ଥିବାରୁ ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ଘରକୁ ପଠାଇ ଦିଆଯାଉଛି। ଆଉ ପରିବାର ଲୋକଙ୍କୁ ନଜର ରଖିବାକୁ କୁହାଯାଉଛି। କିନ୍ତୁ ତାଙ୍କର ମାନସିକ ଅବସାଦ ପାଇଁ ପରିବାର ଲୋକ କୌଣସି କାଉଁସିଲିଂ କରୁନାହାନ୍ତି। କଟକ ଏସ୍‌ସିବି ମେଡ଼ିକାଲରେ ଯେଉଁ ମାନସିକ ରୋଗୀଙ୍କ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ଏଠାରେ ତାହା ନାହିଁ। ବହୁ ଦିନ ହେବ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ଲେଖୁଥିଲେ ମଧ୍ୟ ତାହା ହୋଇପାରୁନି। ଏବେ ମାନସୀକ ରୋଗୀଙ୍କ ଚିକିତ୍ସା ହୋଇପାରୁନଥିବାରୁ ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ପୁରୁଣା ଭୁବନେଶ୍ୱରର ଗଜାନନ ବେହେରା କହିଛନ୍ତି ଯେ, ତାଙ୍କ ପିଲା ଗତ କିଛି ମାସ ହେବ ମାନସିକ ରୋଗୀରେ ପୀଡ଼ିତ ହୋଇଛି। ଏକାଏକା ଗୁମ୍ ହୋଇ ବସି ରହୁଛି। ନା କିଛି ଖାଉଛି, ନା କିଛି କହୁଛି। ତା ମନକୁ ମନ ଯାହା ପାଉଛି, ଏଣେ ତେଣେ ଗପୁଛି। ତାଙ୍କୁ ଚିକିତ୍ସା କରିବା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ହେଲେ ଏଠାରେ ରୋଗୀ ଦେଖାଇବା ପାଇଁ ଡାକ୍ତର ନାହାନ୍ତି। ଜଣେ ଡାକ୍ତର ଥିଲେ ମଧ୍ୟ ଏକାଧିକ ଲୋକ ହେଉଥିବାରୁ ସେ ସଠିକ୍ ଭାବେ ଦେଖି ପାରୁନାହାନ୍ତି।

### ସହରୀ ଜୀବନ କରୁଛି ପ୍ରଭାବିତ

ଲୋକଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିବାର ଏକାଧିକ କାରଣ ରହିଥିବା ଡାକ୍ତର କହିଛନ୍ତି। ବିଶେଷ କରି ସହରରେ କେହି କାହାରିଙ୍କୁ ସମୟ ଦେଉନାହାନ୍ତି। ବାପା, ମା' ଏବଂ ପିଲା କେହି କାହା ସହ କଥା ନହୋଇ ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି। ଫଳରେ ସକାଳେ ହେଲେ ନିଜ ଅଫିସ୍‌କୁ ନିଜେ ଯାଇ ସନ୍ଧ୍ୟାରେ ଘରକୁ ଫେରି ମୋବାଇଲ୍ ଧରୁଛନ୍ତି। ଯେଉଁଥି ପାଇଁ ମାନସିକ ସମସ୍ୟା ଆସିଲେ ସେମାନେ କେହି କାହାରିକୁ କହୁ ନ ଥିବା ବଢ଼ୁଛି ମାନସୀକ ରୋଗ। ଅନେକ ପ୍ରେମରେ ହତାସ ହେବା ପରେ ମାନସିକ ବିଷାଦର ଶିକାର ହେଉଛନ୍ତି।

### ଅଧିକ ମାତ୍ରାରେ ଯୁବପିଢ଼ି ହେଉଛନ୍ତି ଶିକାର

ଅଧିକାଂଶ ଯୁବ ପିଢି ମାନସିକ ରୋଗୀ ଶିକାର ହେଉଛନ୍ତି। ବିଶେଷକରି ୧୮ ରୁ ୪୫ ବର୍ଷ ମଧ୍ୟରେ ଯୁବପିଢୀ ଏହି ମାନସିକ ବିଷାଦର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏକାଧିକ ବ୍ୟକ୍ତି ସ୍ମାର୍ଟ ଫୋନ୍ ଏବଂ କମ୍ପ୍ୟୁଟର, ଲାପ୍‌ଟପ ଆଗରେ ସମୟ ଅତିବାହିତ କରୁଛନ୍ତି। ଠିକ୍ ସମୟ ଶୋଇବା ହେଉ ନ ଥିଲେ ମାନସିକ ରୋଗରେ ଆକ୍ରାନ୍ତ ହେବାକୁ ପଡୁଛି ବୋଲି ଡାକ୍ତର କହିଛନ୍ତି।

### ସୋସିଆଲ ମିଡ଼ିଆରେ ଭାବନା ପ୍ରକାଶ

ଯୁବପିଢୀ ସାଙ୍ଗସାଥୀ ଓ ପରିବାରବର୍ଗଙ୍କ ସହ ସମୟ ବିତାଇବା ପରିବର୍ତ୍ତେ ଲୋକଙ୍କର ସମୟ ମୋବାଇଲରେ ବିତୁଛି। ଘଣ୍ଟା ଘଣ୍ଟା ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି। ନିଜ ମନର ଭାବନାକୁ ସୋସିଆଲ ମିଡିଆରେ ହିଁ ପ୍ରକାଶ କରୁଛନ୍ତି। ପାଖରେ ଅନେକ ଥିଲେ ବି ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଏଥିପାଇଁ ମାନସିକ ଚାପ ବଢ଼ିଚାଲିଥିବା ବିଶେଷଜ୍ଞ କହିଛନ୍ତି।

# ଦିବ୍ୟାଙ୍ଗ ଭୋଗୁଛନ୍ତି ସମସ୍ୟା

## ସମସ୍ତ କଲେଜରେ ଦିବ୍ୟାଙ୍ଗ ସୁଗମ୍ୟତା ପାଇଁ ନିର୍ଦ୍ଦେଶ

ଯାଜପୁର,୨।୧୧(ସମିସ): ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ରାମ୍ପ ବା ସୁଗମ୍ୟତା ନଥିବାରୁ ଦିବ୍ୟାଙ୍ଗମାନେ ନାନା ହଇରାଣ ହରକତ ହୋଇଥାନ୍ତି। ନିକଟରେ ଏଭଳି ଏକ ସମସ୍ୟା ସଂପର୍କରେ ସାମାଜିକ କର୍ମୀ ମଣ୍ଟୁ ଦାସ ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ଅବଗତ କରିବା ପରେ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ସୁଗମ୍ୟତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସୂଚନା ମୁତାବକ ସୁକିନ୍ଦା ବ୍ଲକର ରଂସାଳୋ ପଞ୍ଚାୟତ କାକୁଡ଼ିଆ ଗ୍ରାମର ଦିବ୍ୟାଙ୍ଗ ଛାତ୍ରୀ ଗୋଲାପି ସିର୍କା କଟକର ଶୈଳବାଳା କଲେଜରେ ସୁଗମ୍ୟତା ନଥିବାରୁ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏହି ଘଟଣାକୁ ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱ ସହ ନେଇ ଶୈଳବାଳା କଲେଜ ସହ ରାଜ୍ୟର ସମସ୍ତ କଲେଜରେ ଦିବ୍ୟାଙ୍ଗ ସୁଗମ୍ୟତା ପରିବେଶ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ଜିଲ୍ଲାର ସମସ୍ତ କଲେଜରେ ସୁଗମ୍ୟତା ସୁନିଶ୍ଚିତ କରିବା ପାଇଁ ଦିବ୍ୟାଙ୍ଗ ଅଧିକାର କର୍ମୀ ଶ୍ରୀଦାସ ଯାଜପୁର ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ତାପସ କୁମାର ଦେହୁରୀ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ସୁଗମ୍ୟତା ସୁନିଶ୍ଚିତ କରିବା ପାଇ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ଅଧିକାର ଆଇନ ଅନୁଯାୟୀ ଜଣେ ସାଧାରଣ ଛାତ୍ରଛାତ୍ରୀଙ୍କ ପରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଏକା କଲେଜରେ ପାଠ ପଢିବାର ଅଧିକାର ରହିଛି। ତେଣୁ ଏହି ଅଧିକାରକୁ ସୁନିଶ୍ଚିତ କରିବା ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ସୁଗମ୍ୟତା ପରିବେଶ ନିର୍ମାଣ କରିବେ। ଅନ୍ତର୍ନିବେଶୀ ଶିକ୍ଷାନୁଷ୍ଠାନରେ ହୁଇଲଚେୟାର ଯିବା ଆସିବା ପାଇଁ ଶ୍ରେଣୀ ଗୃହ, ଲାଇବ୍ରେରୀରେ ରାମ୍ପସ ଓ ରେଲ୍‌ସ ନିର୍ମାଣ କରିବା ସହ ଟାଇଲ ରାସ୍ତା ନିର୍ମାଣ କରିବେ। ସେହିପରି କଲେଜରେ ଦିବ୍ୟାଙ୍ଗ ମୈତ୍ରୀ ଶୌଚାଳୟର ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ରହିଛି।

## ୨ ଲୁଟେରାଙ୍କୁ ରାସ୍ତାରେ ଚଲାଇ ପୁଲିସ ଜିମା




ବାଲେଶ୍ୱର,୨।୧୧(ସମିସ): ବାଲେଶ୍ୱର ଚାନ୍ଦିପୁର ଥାନା ଅଞ୍ଚଳର ପଟାପୋଲଠାରେ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ କରି ଫେରାର ହେଉଥିବା ଲୁଟେରାଙ୍କୁ ଗ୍ରାମବାସୀ କାବୁକରି ବାନ୍ଧି ରାସ୍ତାରେ ଚଲାଇ ଚଲାଇ ପୁଲିସ ଜିମା ଦେଇଛନ୍ତି।

ରବିବାର ପୂର୍ବାହ୍ନରେ ଚାନ୍ଦିପୁର ଥାନା ପଟାପୋଲ ଛକଠାରେ ତିନି ଜଣ ଅସାମାଜିକ ଖଣ୍ଡା, ଭୁଜାଲି ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରି ଫେରାର ହେବାକୁ ବସିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଜଣେ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯିବା ସହ ଅନ୍ୟ ଦୁଇ ଜଣ ଗ୍ରାମବାସୀଙ୍କ ହାବୁଡରେ ପଡିଯାଇଥିଲେ। ଫଳରେ ଲୋକେ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ହାତକୁ ବାନ୍ଧି ବିଚ ରାସ୍ତାରେ ଚଲାଇଥିଲେ। ଚାନ୍ଦିପୁର ପୁଲିସ ଘଟଣା ସ୍ଥଳରେ ପହଁଚିବା ପରେ ଲୋକେ ଉକ୍ତ ଦୁଇ ଜଣ ଯୁବକଙ୍କୁ ପୁଲିସ ଜିମା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଆଉ ୧୨ ସହର

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟରେ ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ଆଉ ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସ୍ସିଏପି)ରେ ଅନ୍ତର୍ଭୁକ୍ତ କରାଯାଇଛି। ବାୟୁର ପ୍ରଦୂଷଣ ମାତ୍ରା ଆଧାରରେ ରାଜ୍ୟର ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦ୍ୱୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରଗୁଡ଼ିକ ପର୍ଯ୍ୟାୟଭୁକ୍ତ ଭାବେ ଚିହ୍ନିତ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୫ରୁ ୨୦୩୦ ମସିହା ସୁଦ୍ଧା ଉପରୋକ୍ତ ୧୨ ସହରରେ ଏସ୍ସିଏପି କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏହି ସହରଗୁଡ଼ିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।

**ବାଇକ୍‌କୁ ଧକ୍କା ଦେଲା ଅଜଣା ଗାଡ଼ି**

## ଶିକ୍ଷକ ମୃତ; ଅନ୍ୟଜଣେ ଶିକ୍ଷକ ଗୁରୁତର

କୋରେଇ,୨।୧୧(ସମିସ): ଯାଜପୁର ଜିଲ୍ଲା କୋରେଇ ଥାନା ୨୦ନଂ ଜାତୀୟ ରାଜପଥ ନୂଆଗଡ଼ କୃଷ୍ଣନଗର ନିକଟରେ ରବିବାର ପୂର୍ବାହ୍ନ ୧୧ଟା ସମୟରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଅନ୍ୟ ଜଣେ ଶିକ୍ଷକ ବନ୍ଧୁ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ହାଟଡିହିରେ ଶିକ୍ଷକତା କରୁଥିବା ପୂର୍ଣ୍ଣଚନ୍ଦ୍ର ଓଝା ( ୫୩) ଓ ତାଙ୍କ ଶିକ୍ଷକ ବନ୍ଧୁ ସେହି ଥାନା ଗୋପ ଗ୍ରାମର କେଶବ ଚନ୍ଦ୍ର ପାତ୍ର ( ୫୧) ଏକ ବାଇକ ଯୋଗେ ଯାଜପୁର ରୋଡରେ ରହି ପାଠ ପଢୁଥିବା କେଶବଙ୍କ ପୁଅକୁ ଦେଖା କରିବାକୁ ଆସିଥିବା ବେଳେ କୌଣସି ଏକ ଗାଡ଼ି ପଛ ପଟୁ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତା ଉପରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଯାଜପୁର ରୋଡ୍ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଯାଜପୁର ରୋଡ୍ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ କେଶବଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୋରେଇ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ପଠାଇଛି। ଏନେଇ ୩୭୮/୨୫ରେ ଏକ ମାମଲା ରୁଜୁ ହୋଇ ଏହାର ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପ୍ରଭାତ ପାତ୍ର କହିଛନ୍ତି।

**ଏମିତି ଆମ କମିସନରେଟ୍ ପୁଲିସ**

# ମିଳୁନାହାନ୍ତି ନିଖୋଜ; ମିଳୁଛି ନରକଙ୍କାଳ

ଭୁବନେଶ୍ୱର,୨।୧୧ (ସମିସ): ପ୍ରତିଦିନ ରାଜଧାନୀରୁ ନାବାଳକ ଓ ନାବାଳିକା ଅପହରଣ ଠାରୁ ଆରମ୍ଭ କରି ଅଧିକ ବୟସ୍କ ଲୋକମାନେ ନିଖୋଜ ହେବା ମାମଲା ବଢ଼ିଚାଲିଛି। ଖୋଜାଖୋଜି କରି ନ ପାଇବାରୁ ପରିବାର ଲୋକେ ନିକଟସ୍ଥ ଥାନାର ଦ୍ୱାରସ୍ଥ ହେଉଛନ୍ତି। ୧୮ ବର୍ଷରୁ କମ୍ ବୟସର ପିଲା ନିଖୋଜ

■ ପ୍ରେମ, ପରକୀୟା ପ୍ରୀତି ଦ୍ୱାହି ଦେଉଛି ପୁଲିସ
■ ପଞ୍ଜୀକରଣ କରି ସାରି ଦେଉଛନ୍ତି ଦାୟିତ୍ୱ

ହୋଇଥିଲେ ପୁଲିସ ଅପହରଣ ମାମଲା ରୁଜୁ କରୁଥିବା ବେଳେ ଅଧିକ ବୟସ ଲୋକଙ୍କ କ୍ଷେତ୍ରରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜିକରଣ କରୁଛି। ଅପହରଣ ମାମଲାକୁ ପୁଲିସ ଗୁରୁତ୍ୱ ଦେଉଥିଲେ ମଧ୍ୟ ଏମ୍‌ଏମ୍‌ଆରକୁ ଅଗ୍ରାଧିକାର ମିଳୁନାହିଁ। ଫଳରେ ନିଖୋଜ ବ୍ୟକ୍ତି ବା ମହିଳାଙ୍କର ଦୀର୍ଘବର୍ଷ ଯାଏଁ ପତ୍ତା ମିଳୁ ନ ଥିବା ବେଳେ କେତେ ଜଣଙ୍କର ମୃତଦେହ ଠାବ ହେଉଛି। ପଳାଶୁଣି ଅଞ୍ଚଳରୁ ନିଖୋଜ ହୋଇଥିବା କଟକ ଜିଲ୍ଲା କୁଳଶ୍ରୀ ଗାଁର ସୁନୀଲ ସାହୁଙ୍କର ମୃତଦେହ ୧୫ ଦିନ ପରେ ଜଙ୍କିଆ ଥାନା ଅଞ୍ଚଳରୁ ଠାବ ହୋଇଥିଲା। ଏହି ଘଟଣାରୁ କମିସନରେଟ ପୁଲିସ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ଦେଉଛି, ତାହା ସ୍ପଷ୍ଟ ହୋଇଛି।

ସୂଚନାନୁସାରେ, ରାଜଧାନୀର ବିଭିନ୍ନ ଥାନାକୁ ପ୍ରତିଦିନ ୫ରୁ ୧୦ଟି ୧୮ ବର୍ଷରୁ ଅଧିକ ବୟସ୍କ ଲୋକ ନିଖୋଜ ହେଉଥିବା ନେଇ ଅଭିଯୋଗ ଆସୁଛି। ଯୁବତୀ, ମହିଳାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କୁ ନପାଇ ପରିବାର ଲୋକେ ଥାନାରେ ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ସେମାନଙ୍କ ଅଭିଯୋଗ ଅନୁସାରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ସେମାନଙ୍କ ଫଟୋ କପି ରାଜ୍ୟର ବିଭିନ୍ନ ଥାନାକୁ ମଧ୍ୟ ପଠାଉଛି। ବୟସ୍କ ଲୋକମାନେ ପିଲାମାନଙ୍କ ଉପରେ ରାଗି ଘର ଛାଡୁଥିବା ବେଳେ ଯୁବତୀ ଓ ମହିଳାମାନେ ପୁରୁଷ ବନ୍ଧୁଙ୍କ ସହିତ ପଳାଇ ଯିବାର ଅନେକ ଉଦାହରଣ ରହିଛି। ଏଇ ସବୁ କଥାକୁ ପୁଲିସ ଏକପ୍ରକାର ଢାଲ କରିଛି। ଏମ୍‌ଏମ୍‌ଆର୍ ପଞ୍ଜୀକରଣ କରୁଥିଲେ ମଧ୍ୟ ପ୍ରେମ ଓ ପରକୀୟା ପ୍ରୀତି ଦ୍ୱାହି ଦେଇ ପୁଲିସ ଏହି ମାମଲା ଗୁଡ଼ିକରୁ ଦୂରେଇ ରହୁଥିବା ଅଭିଯୋଗ ହେଉଛି।

ତେବେ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନ ଦେବା ଘଟଣା କମିସନରେଟ ପୁଲିସ ପାଇଁ ନୂଆ ନୁହେଁ, ବରଂ ପୂର୍ବରୁ ମଧ୍ୟ ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ଦେଉ ନ ଥିବାର ନଜିର ରହିଛି। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୂପମା ପରିଡ଼ା ଗତ ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲା। ହେଲେ ତାଙ୍କୁ ଖୋଜିବା କି ଠାବ କରିବା ପାଇଁ ପୁଲିସ ଉଦ୍ୟମ କରିନଥିଲା। ପରିବାର ଲୋକେ ନିରୂପମାଙ୍କ ପ୍ରେମିକ ଦେବାଶିଷକୁ ସନ୍ଦେହ କରି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ନିଖୋଜର ୭ ମାସ ପରେ ପୁଲିସ ଦେବାଶିଷକୁ ଗିରଫ କରିବା ସହ ତାପଙ୍ଗ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା। ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନଦେବାରୁ ନିରୂପମା ହତ୍ୟାର ଶିକାର ହେଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

ଗତ ସେପ୍ଟେମ୍ବର ୬ ତାରିଖ ଦିନ ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ନିଖୋଜ ହେବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲା। ଏହାର ୧୨ ଦିନ ପରେ ଘଟଗାଁ ଜଙ୍ଗଲରୁ ଶୁଭମିତ୍ରାଙ୍କ ମୃତଦେହ ଠାବ କରିବା ସହ ହତ୍ୟା ଅଭିଯୁକ୍ତ କନେଷ୍ଟବଳ ଦୀପକକୁ ଗିରଫ କରିଥିଲା।

ସେପଟେ କଟକ ଜିଲ୍ଲା କାନପୁର ଥାନା ବାଲିଝରି ଗାଁର ବିଶ୍ୱଜିତ ନାୟକ କମିସନରେଟ ପୁଲିସରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ବିଶ୍ୱଜିତ ଗତ ଏପ୍ରିଲ ମାସରୁ ନିଖୋଜ ଅଛନ୍ତି। ପରିବାର ଲୋକେ ଏ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଛି। ହେଲେ ଏଯାଏଁ ବିଶ୍ୱଜିତଙ୍କୁ ଠାବ କରି ପାରିନାହିଁ। ଖୋଦ୍ ନିଖୋଜ ପୁଲିସ କର୍ମଚାରୀଙ୍କୁ କମିସନରେଟ ପୁଲିସ ପାଉନଥିବା ବେଳେ ସାଧାରଣ ଲୋକଙ୍କ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ମିଳୁଥିବ, ତାହା ଏଥିରୁ ଅନୁମେୟ।


ନିରୂପମା ପରିଡ଼ା


ଶୁଭମିତ୍ରା ସାହୁ


ସୁନୀଲ ସାହୁ

ସକାଳ
THE SAKALA
www.sakalaepaper.com



# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୯୪୮ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମିଳିତ ଜାତିସଂଘରେ ତାଙ୍କ ପ୍ରଥମ ଅଭିଭାଷଣ ରଖିଲେ।
- ୧୯୫୭ - ସୋଭିଏତ୍ ସଂଘ 'ଲାଇକା' ନାମକ କୁକୁରକୁ ମହାକାଶକୁ ପଠାଇଲା।
- ୧୯୫୮ - ପ୍ୟାରିସ୍‌ରେ ୟୁନେସ୍କୋ ଭବନର ଉଦ୍‌ଘାଟନ କରାଗଲା।
- ୨୦୦୪ - ଜର୍ଜ ଡବ୍ଲୁ ବୁଶ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ୧୮ ବର୍ଷ ପରେ ଏକାଠି ଗୋବିନ୍ଦା-ସଲମାନ



ନବେ ଦଶକର ସୁପରଷ୍ଟାର୍ ଗୋବିନ୍ଦା ତାଙ୍କର ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚାରେ। ସେ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ନଜର ଆସିବେ। ଏଥିରେ ସେ ନିଶ ରଖିଥିବାର ଦେଖାଯିବେ। ହିରୋ ନମ୍ବର ୱାନ୍‌ଙ୍କର ନିଶ ରଖିଥିବା ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ନିକଟରେ 'ବିଗ୍‌ବସ୍ ୧୯' ଶୋ'କୁ ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଆହୁଜା ଆସିଥିଲେ। ଶୋ'ରେ ସଲମାନ୍ ଗୋବିନ୍ଦାଙ୍କ ସହ କାମ କରୁଛନ୍ତି ବୋଲି ଇଶାରା ଦେଇଥିଲେ। ଗୋବିନ୍ଦା ଏହି ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ସଲମାନ୍ ଓ ଗୋବିନ୍ଦା ଏକାଠି ଶେଷଥର ପାଇଁ ୨୦୦୭ ମସିହାରେ 'ପାର୍ଟନର' ସିନେମାରେ ଦେଖାଯାଇଥିଲେ। ଏହି ଦୁହିଁଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଏବେ ପୁଣି ଥରେ ୧୮ ବର୍ଷ ପରେ ସଲମାନ ଏବଂ ଗୋବିନ୍ଦାଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ଅଭିଳାଷ ଚୌଧୁରୀ, ବିପିନ ଭରଦ୍ୱାଜ ପ୍ରମୁଖ ଦେଖାଯିବେ। ଅପୂର୍ବା ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## 'ସିଙ୍ଗାପୁର' ନାମକରଣରେ କୃତଜ୍ଞତା ଜ୍ଞାପନ



ପାଲେଷ୍ଟାଇନର ଜଣେ ଦମ୍ପତି ନିଜ ପିଲାର ନାମକରଣକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମ୍ପୃକ୍ତ ଦମ୍ପତି ନିଜ ପିଲାର ନାଁ 'ସିଙ୍ଗାପୁର' ରଖିଛନ୍ତି। ତେବେ ଏଭଳି ନିଆରା ନାମକରଣ ପଛରେ କାରଣ ଥିବା ସେମାନେ କହିଛନ୍ତି। ହମଦାନ ହଦାଦ ଏବଂ ତାଙ୍କ ସ୍ତ୍ରୀଙ୍କୁ ଯୁଦ୍ଧ ସମୟରେ ସିଙ୍ଗାପୁରର ଏକ ଚ୍ୟାରିଟି ଲଗାତାର ଖାଦ୍ୟ ଯୋଗାଇ ଆସୁଥିଲା, ତାକୁ କୃତଜ୍ଞତା ଜଣାଇବା ପାଇଁ ସେମାନେ ନିଜ ପିଲାର ନାମକରଣ ଏଭଳି କରିଛନ୍ତି। ତେବେ ପିଲାଟିର ଜନ୍ମ ଅକ୍ଟୋବର ୧୬ରେ ହୋଇଛି। ପାଲେଷ୍ଟାଇନ୍‌ରେ 'ସିଙ୍ଗାପୁର' ନାଁରେ ଏହା ପ୍ରଥମ ଶିଶୁ। ହମଦାନ 'ଲଭ ଆଣ୍ଡ ସିଙ୍ଗାପୁର' ଦ୍ୱାରା ପରିଚାଳିତ ଏକ ସୁପ୍ କିଚେନରେ ରୋଷେୟା ଭାବେ କାମ କରନ୍ତି। ଏହା ଦୁଇବର୍ଷ ହେବ ଗାଜାରେ ରନ୍ଧା ଖାଦ୍ୟ ପ୍ରଦାନ କରି ଆସୁଛି। ହମଦାନ କହନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ସେ 'ଲଭ୍ ଆଣ୍ଡ ସିଙ୍ଗାପୁର' ଖାଦ୍ୟ ଖାଇ ଆସୁଥିଲେ। ଯୁଦ୍ଧ ଭଳି ପରିସ୍ଥିତିରେ ଏହା ଖାଦ୍ୟ ପ୍ରଦାନ କରିଥିବାରୁ ସେ ତାଙ୍କ ପିଲାର ନାଁ ସିଙ୍ଗାପୁର ରଖିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ 'ଲଭ୍ ଆଣ୍ଡ ସିଙ୍ଗାପୁର' ପକ୍ଷରୁ ପିଲାଟିର ଜନ୍ମ ପ୍ରମାଣପତ୍ରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଏନେଇ ଚ୍ୟାରିଟି ପକ୍ଷରୁ କୁହାଯାଇଛି, ଏହି ଘଟଣା ତା'ର ସ୍ୱେଚ୍ଛାସେବକ ଏବଂ ଯୁଦ୍ଧ ଭଳି ସ୍ଥିତିରେ ଜୀବିତ ରହିବା ପାଇଁ ସେମାନଙ୍କ ରୋଷେଇ ଉପରେ ନିର୍ଭର କରୁଥିବା ପରିବାରଗୁଡ଼ିକ ମଧ୍ୟରେ ଥିବା ବିଶେଷ ସମ୍ପର୍କକୁ ପ୍ରତିଫଳିତ କରିଛି। ଅନ୍ୟପଟେ ଚ୍ୟାରିଟି ମଧ୍ୟ ପିଲାଟିର ଦୀର୍ଘ ତଥା ସୁସ୍ଥ ନିରାମୟ ଜୀବନ କାମନା କରିଛି। ତା'ସହ ଯୁଦ୍ଧ ବିରତି ପରେ ପିଲାଟି ଏକ ଭଲ ଦୁନିଆରେ ବଡ଼ ହେବା ଆଶା ରଖିଛି।

## ଫଳାହାରରୁ ଜୀବନ ଗଲା



ଆଜିକାଲି ଲୋକେ ବିଭିନ୍ନ ପ୍ରକାର ଡାଏଟ୍‌କୁ ଆପଣାଇ ଓଜନ ହ୍ରାସ କରୁଛନ୍ତି। ହେଲେ ବେଳେବେଳେ ଏହା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଏହିପରି ଏକ ଖବର ଏବେ ସାମ୍ନାକୁ ଆସିଛି। ବାଲିର ଏକ ହୋଟେଲରେ ଥିବା କାରୋଲିନା କ୍ରିଜିୟାକ ନାମକ ଜଣେ ୨୭ ବର୍ଷୀୟା ଯୁବତୀଙ୍କର ଅତ୍ୟଧିକ ଭୋକ ଯୋଗୁ ମୃତ୍ୟୁ ହୋଇଛି। କାରୋଲିନା ଅନେକ ଦିନରୁ ଫଳାହାର କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କର ଓଜନ ୨୨ କେଜି ଥିଲା। କେବଳ ସେ ଖାଦ୍ୟରେ ଫଳକୁ ସାମିଲ କରି କୁପୋଷଣ ଶିକାର ହୋଇଥିଲେ। ମେଡିକାଲ ରିପୋର୍ଟ ଅନୁସାରେ, ସେ ଦୀର୍ଘଦିନ ଧରି କୁପୋଷଣର ଶିକାର ହୋଇ ଅଷ୍ଟିଓପୋରୋସିସ୍ ଏବଂ ଆଲବୁମିନରେ ପୀଡ଼ିତ ଥିଲେ। କାରୋଲିନା ବ୍ରିଟେନରେ ପଢ଼ିବା ବେଳେ ଯୋଗ ଏବଂ ଭେଗାନିଜିମ୍‌କୁ ଆପଣାଇ ଥିଲେ। ଏହା ହିଁ ତାଙ୍କୁ ଫଳାହାର ଡାଏଟ୍ ପ୍ରତି ଆକର୍ଷିତ କରିଥିଲା। ସେହିପରି ସୋସିଆଲ ମିଡିଆ ପୋଷ୍ଟ ତାଙ୍କର ବିଗୁଡ଼ିଥିବା ସ୍ୱାସ୍ଥ୍ୟାବସ୍ଥାକୁ ଦର୍ଶାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି କାରୋଲିନାଙ୍କ ପରିବାର ଓ ସାଙ୍ଗସାଥୀ ଏହି ଡାଏଟ୍ ଗ୍ରହଣ କରିବାକୁ ମନା କରିଥିଲେ ବି ସେ ଏଥିରୁ ଓହରି ନ ଥିଲେ। ତେବେ ଫ୍ରୁଟାରିଆନ ଡାଏଟ୍ ହେଉଛି ଏକ ସୀମିତ ଭେଗାନ ଡାଏଟ। ଏଥିରେ କ୍ଷୀର, ଦହି ଭଳି ପ୍ରାଣୀଜାତ ଦ୍ରବ୍ୟ ସାମିଲ ନ ଥାଏ। ମୁଖ୍ୟତଃ ଫଳ ଖାଇବା ଉପରେ ଉକ୍ତ ଡାଏଟ୍ ଗୁରୁତ୍ୱ ଦିଏ। ଅନ୍ୟପଟେ ଶସ୍ୟ, ଡାଲି ଏବଂ କନ୍ଦମୂଳକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରାଯାଏ ନଚେତ୍ ଅଳ୍ପ ଖିଆଯାଏ। ଏଥିରେ ରନ୍ଧା ଖାଦ୍ୟ ଖାଇବାକୁ ବାରଣ ରହିଛି। ଫଳଗୁଡ଼ିକ ଶରୀରକୁ ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଦାନ କରୁଥିବାବେଳେ ଏଥିରେ ପ୍ରୋଟିନ୍, ଚର୍ବି, କ୍ୟାଲସିୟମ୍, ଲୌହ, ଭିଟାମିନ୍ ବି-୧୨ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିବା ଲାଗି ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍‌ର ଅଭାବ ଥାଏ। ତା'ସହ ଏସବୁର ଅଭାବ ଅନ୍ତନଳୀର ଆସ୍ତରଣକୁ ଦୁର୍ବଳ ଏବଂ ଗତିକୁ ମନ୍ଥର କରିପାରେ ଏବଂ ଇଲେକ୍ଟ୍ରୋଲାଇଟ୍ ସ୍ତରକୁ ବିଗିଡ଼ିବା ସହିତ ଅନେକ ଅଙ୍ଗକୁ ସଙ୍କୁଚିତ କରିପାରେ। ତେଣୁ କେବଳ ଫଳଯୁକ୍ତ ଖାଦ୍ୟ ଦ୍ୱାରା ମେଟାବୋଲିଜିମ୍ ମନ୍ଥର ହୋଇଯିବା, ହାଡ଼ ଦୁର୍ବଳ ହୋଇଯିବା ଏବଂ ଅଙ୍ଗଗୁଡ଼ିକ ଅକାମୀ ହେବା ଆରମ୍ଭ କରେ। ଅନ୍ୟପଟେ ଅତ୍ୟଧିକ ଫଳ ଖାଇବାର ପ୍ରଭାବ ବିଷୟରେ ଡାକ୍ତର ମଧ୍ୟ ଚେତାବନୀ ଦେଇଛନ୍ତି। ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଚର୍ବି ଏବଂ ସୂକ୍ଷ୍ମ ପୋଷକ ତତ୍ତ୍ୱ ସହିତ ଏକ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି।

## ପଞ୍ଚୁକ ବ୍ରତ



**କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ 'ପଞ୍ଚୁକ'। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୋଇଥାଏ। ଏହା 'ମହାପଞ୍ଚକ', 'ବକପଞ୍ଚକ', ବା 'ଭୀଷ୍ମପଞ୍ଚକ' ନାଁରେ ମଧ୍ୟ ପରିଚିତ। ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନଠାରୁ ସାତ ଦିନ ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ପାଳନ କରିଥାନ୍ତି।**

କାର୍ତ୍ତିକ ମାସ ଶେଷ ପାଞ୍ଚଦିନକୁ ସବୁଠୁ ପବିତ୍ର ଦିନ ବୋଲି କୁହାଯାଏ। ତେବେ ଯେଉଁ ବ୍ରତଧାରୀ କାର୍ତ୍ତିକ ବ୍ରତ ମାସ ସାରା ହବିଷ ପାଳନ କରିପାରି ନ ଥାନ୍ତି, ସେମାନେ ଏହି ପଞ୍ଚୁକ ପାଞ୍ଚଦିନ ନିଷ୍ଠାର ସହ ହବିଷ ପାଳନ କରିଥାନ୍ତି। ତେବେ ପଞ୍ଚୁକରେ ଶ୍ରୀକ୍ଷେତ୍ର ପୁରୀରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ସ୍ୱତନ୍ତ୍ର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି। ସେହିପରି ପଞ୍ଚୁକ ପାଞ୍ଚଦିନ ଯାକ ଲୋକମାନେ ଆମିଷ ତ୍ୟାଗ କରି ସାତ୍ତ୍ୱିକ ଆହର ଗ୍ରହଣ କରନ୍ତି। କିମ୍ବଦନ୍ତୀ ଅନୁସାରେ, ବଗ ମଧ୍ୟ ଏହି ପାଞ୍ଚଦିନ ଆମିଷ ତ୍ୟାଗ କରିଥାଏ। ସେଥିପାଇଁ ଏହାକୁ 'ବକ ପଞ୍ଚମୀ' କୁହାଯାଏ।

## ସ୍ୱସ୍ତି

## କାର୍ତ୍ତିକ ପୂର୍ଣ୍ଣିମା

**କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ପଡୁଥିବା ପୂର୍ଣ୍ଣିମାକୁ 'କାର୍ତ୍ତିକ ପୂର୍ଣ୍ଣିମା' କୁହାଯାଏ। ପୌରାଣିକ କାହାଣୀ ଅନୁସାରେ, ଏହିଦିନ ମହାଦେବ ତ୍ରିପୁରାସୁର ନାମକ ଏକ ଅସୁରକୁ ବଧ କରିଥିଲେ। ଏହି କାରଣରୁ କାର୍ତ୍ତିକ ପୂର୍ଣ୍ଣିମାକୁ 'ତ୍ରିପୁରା ପୂର୍ଣ୍ଣିମା' କୁହାଯାଏ।**



କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ, ଏହିଦିନ ଧାର୍ମିକ ଦୃଷ୍ଟିରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ କୌଣସି ପବିତ୍ର ନଦୀରେ ସ୍ନାନ ସାରି ଦାନ, ଧର୍ମ ସହ ଦୀପଦାନ କରିବାର ପରମ୍ପରା ବି ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ଲୋକଙ୍କ କଷ୍ଟ ଦୂର ହେବା ସହ ପାପ କ୍ଷୟ ମଧ୍ୟ ହୋଇଥାଏ। ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାରେ ଗଙ୍ଗା ସ୍ନାନର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି। ତା'ସହ ଭଗବାନ ବିଷ୍ଣୁଙ୍କ ପୂଜା ଦ୍ୱାରା କୃପା ପ୍ରାପ୍ତି ହୁଏ। ଏହିଦିନ ବୋଇତ ବନ୍ଦାଣର ପରମ୍ପରା ପାଳନ କରାଯାଏ।

ଅନ୍ୟପକ୍ଷରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଭସା ହୋଇଥାଏ। ଏହି ସମୟରେ 'ଆ କା ମା ବୈ...ପାନ ଗୁଆ ଥୋଇ...ପାନ ଗୁଆ ତୋର ମାସକ ଯାକ ଧର୍ମ ମୋର...' ଗୀତ ଗାଇ ପ୍ରତ୍ୟେକ ଓଡ଼ିଆ ଡଙ୍ଗା ଭସାନ୍ତି। କଦଳୀ ପଟୁରେ ଡଙ୍ଗା କରି ଭସା ଯିବାର ବିଶେଷ ମହତ୍ତ୍ୱ ଅଛି। ଡଙ୍ଗାଭସା ସହ କାର୍ତ୍ତିକ ମାସ ସମାପନ ହୋଇଥାଏ।

## ବଡ଼ଓଷା



**କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ପାଳିତ ହୁଏ ବଡ଼ଓଷା। ଏହିଦିନ ଦେବ ଦେବ ମହାଦେବଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଏ। ପଦ୍ମ ପୁରାଣ ଅନୁସାରେ, ବ୍ରହ୍ମାଙ୍କ ଅଭିଶାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ ପକାଇ ଶାପରୁ ମୁକ୍ତ ହୋଇଥିଲେ। କଟକ ଜିଲ୍ଲାର ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ଏହାର ମୁଖ୍ୟ ଭୋଗ ହେଉଛି ଗଜପିଠା।**

ବଡ଼ଓଷାର କାହାଣୀ ପୁରାଣରେ ବର୍ଣ୍ଣିତ। ଏକଦା ଶିବଙ୍କ ପାଇଁ ନାରଦ ମୁନି କୈଳାସରେ ପହଞ୍ଚି ଥିଲେ। ମହାଦେବଙ୍କ ଦର୍ଶନ ସହ ଭକ୍ତଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ନାରଦ ମହାଦେବଙ୍କୁ ଅବଗତ କରାଇଲେ। ଏହାସହ ସେ ଭକ୍ତଙ୍କ ଦୁଃଖ ଲାଗି ଗୁହାରି କଲେ। ସେଇଠୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଶିବ ଦର୍ଶନ କରି ବ୍ରତ ଧାରଣ କରିବାକୁ ମହାଦେବ କହିଲେ। ସେହି ଦିନଠାରୁ ବଡ଼ଓଷା ପାଳନ ହୋଇ ଆସୁଛି।

ଅନ୍ୟପଟେ ଏହିଦିନ ପ୍ରଭୁ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୁଏ। ଏହି ବେଶକୁ ଦର୍ଶନ କରିବା ଦ୍ୱାରା କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ପାଖରେ ଗଜଭୋଗ ସହ ତରଣ ମଧ୍ୟ ଲାଗି କରାଯାଏ। ବ୍ରତଧାରୀ ଏହିଦିନ ନିର୍ଜଳା ଉପବାସ ରଖନ୍ତି। ସେହିପରି ବଡ଼ଓଷା ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରନ୍ତି।

## ମାଣବସା ଗୁରୁବାର



**ନଭେମ୍ବର ୬ ତାରିଖରୁ ଆରମ୍ଭ ହେବ ପବିତ୍ର ମାର୍ଗଶିର ମାସ। ଏହା ହେଉଛି ଲକ୍ଷ୍ମୀଙ୍କ ଆରାଧନାର ମାସ। ଶାସ୍ତ୍ର ଅନୁସାରେ, ଏହି ମାସରେ ଶଙ୍ଖ ପୂଜାର ବିଶେଷ ମହତ୍ତ୍ୱ ରହିଛି। ସେହିପରି ଏହି ମାସ ମାଙ୍ଗଳିକ କାର୍ଯ୍ୟ ଲାଗି ଉତ୍ତମ। କୁହାଯାଏ, ଏହି ମାସରେ ବିବାହ କରିବା ଶୁଭଙ୍କର। କାରଣ ଉକ୍ତ ମାସରେ ଶ୍ରୀରାମ ଏବଂ ସୀତାଙ୍କର ବିବାହ ହୋଇଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ମାର୍ଗଶିର ମାସରେ ଅନେକ ବ୍ରତ ଓ ପର୍ବ ମଧ୍ୟ ପଡ଼ିଥାଏ।**

ବିଶେଷକରି ଏ ମାସରେ ଓଡ଼ିଆ ଘରେ ମାଣବସା ଗୁରୁବାର ପାଳନ କରାଯାଏ। ମାଣବସା 'ମାଣ ଓଷା' ନାଁରେ ପରିଚିତ। ଧନଦେବୀ ଲକ୍ଷ୍ମୀ ମା'ଙ୍କ ପୂଜାର୍ଚ୍ଚନା ବିଶେଷ ଭାବେ କରାଯାଏ। ଲକ୍ଷ୍ମୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଘରର ସ୍ୱଚ୍ଛତା ତଥା ପବିତ୍ରତାକୁ ଗୁରୁତ୍ୱ ଦିଆଯାଇ ଥାଏ। ନାରୀମାନେ ଦିନକ ପୂର୍ବରୁ ଘରେ ଲିପାପୋଛା କରନ୍ତି। ତା'ସହ ସୁନ୍ଦର ଝୋଟି ଚିତା ବି ପକାଇ ଥାନ୍ତି। ଗୁରୁବାର ଦିନ ବଡ଼ି ଭୋରରୁ ମହିଳାମାନେ ସ୍ନାନ ସାରି ଶୁଦ୍ଧତା ଓ ନିଷ୍ଠାର ସହ ଲକ୍ଷ୍ମୀ ପୂଜା କରନ୍ତି। ଖଟୁଲିରେ ଧାନମଣା ବସାଯାଇ ପୂଜା କରିବାର ବିଧି ଅଛି। ପିଠାପଣା ମା'ଙ୍କ ପାଖରେ ଲାଗି ହୁଏ। ମହିଳାମାନେ ଏହାକୁ ବେଶ୍ ନିଷ୍ଠାର ସହ ପାଳନ କରନ୍ତି।

### ଶେଫାଳି ବର୍ମା ପ୍ଲେୟର ଅଫ୍ ଦି ଫାଇନାଲ୍, ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ମହିଳା କ୍ରିକେଟ ଦଳକୁ ପ୍ରଥମ ବିଶ୍ୱକପ୍ ଟାଇଟଲ

**ନଭି ମୁମ୍ବାଇ,୨।୧୧(ଏଜେନ୍ସି):** ଶେଫାଳି ବର୍ମା (୮୭ରନ୍, ୨ୱିକେଟ) ଓ ଦୀପ୍ତି ଶର୍ମା (୫୮ରନ୍, ୪ ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ପ୍ରଥମଥର ମହିଳା ବିଶ୍ୱକପ୍ ଦିନକିଆ କ୍ରିକେଟ ଚାମ୍ପିଅନ ହୋଇଛି। ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ରବିବାର ପେସାଦାର ଖେଳ ପ୍ରଦର୍ଶନ କରି ଭାରତ ତାହାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ୫୨ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ଭାରତ ତୃତୀୟ ଫାଇନାଲ ପଦାର୍ପଣରେ ପ୍ରଥମଥର ଟାଇଟଲ ଜିତିଛି। ପୂର୍ବରୁ ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ଫାଇନାଲ ଖେଳି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ମ୍ୟାଚ୍‌ରେ ଯୁବ ଓପନର ଶେଫାଳି ବର୍ମା ୭୮ ବଲ୍‌ରେ ୮୭ ଓ ଦୀପ୍ତି ଶର୍ମା ୫୮ ବଲ୍‌ରେ ୫୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ଖେଳାଳି ତଥା ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ୱଲଭାର୍ଟଙ୍କ ୧୦୧ ରନ୍ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ୱଲଭାର୍ଟଙ୍କୁ ସାଥିଖେଳାଳିଙ୍କ ସମର୍ଥନ ମିଳି ନ ଥିଲା। ଭାରତ ପକ୍ଷରୁ ଶର୍ମା ୫ଟି ଓ ବର୍ମା ୨ଟି ୱିକେଟ ଅକ୍ତିଆର କରିଥିଲେ। ଶେଫାଳିଙ୍କୁ ଫାଇନାଲ୍‌ର ଓ ଦୀପ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଛି।

୨୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପ୍ରଥମ ୱିକେଟରେ ୱଲଭାର୍ଟ ଓ ବ୍ରିଟ୍ସ ୫୧ ରନ୍ ଉଠାଇବା ପରେ ଦଳ ୯୭ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୩୦ତମ ଓଭରରେ ଦଳ ୫ ୱିକେଟ ହରାଇ ୧୫୦ ରନ୍‌ରେ ପହଞ୍ଚିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ୱଲଭାର୍ଟ ଓ ଆନେରୀ ଡେର୍କସେନ ୬୧ ବଲ୍‌ରୁ ୬୧ ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ୩୭ ବଲ୍‌ରେ ୩୫ ରନ୍ କରିଥିବା ଡେର୍କସେନ୍‌ଙ୍କୁ ବୋଲ୍ଡ କରି ଦୀପ୍ତି ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହା ପରେ ଅଧିନାୟକ ୱଲଭାର୍ଟଙ୍କ ସହ ଚୋଲେ ଟ୍ରାୟନ ଇନିଂସ ସଜାଡିବାକୁ ଉଦ୍ୟମ କରୁଥିଲାବେଳେ ୪୨ତମ ଓଭରରେ ଉଭୟଙ୍କୁ ଆଉଟ କରି ଦୀପ୍ତି ଶର୍ମା ଦକ୍ଷିଣ ଆଫ୍ରିକାର ଆଶାକୁ ଧୂଳିସାତ କରିଦେଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବା ୱଲଭାର୍ଟ ୯୮ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ୧୦୧ ରନ୍‌ରେ ଆଉଟ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୫୭୧ ରନ୍ କରି ଟପ୍ ସ୍କୋରର ହୋଇଥିଲେ। ଭାରତ ପକ୍ଷରୁ ବ୍ୟାଟିଂରେ ଅର୍ଦ୍ଧଶତକ ହାସଲ କରିଥିବା ବର୍ମା ଓ ଶର୍ମା ମିଳିତ ଭାବେ ୭ଟି ୱିକେଟ ନେଇଥିଲେ। ଉଭୟ ସ୍ପିନର ହୋଇଥିଲାବେଳେ ଦୀପ୍ତି ଶର୍ମା ୩୯ ରନ୍‌ରେ ୫ଟି ଓ ଶେଫାଳି ବର୍ମା ୩୬ ରନ୍‌ରେ ୨ଟି ୱିକେଟ ନେଇ ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ।


ଦୀପ୍ତି ଶର୍ମା
୫୮ ରନ୍,
୫ ୱିକେଟ୍


ଶେଫାଳି ବର୍ମା
୮୭ ରନ୍,
୨ ୱିକେଟ୍

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତ ଆରମ୍ଭରୁ କୌଣସି ସୁଯୋଗ ନ ଦେଇ ରନ୍ ସଂଗ୍ରହ କରିଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଭଲ ବ୍ୟାଟିଂ କରି ପ୍ରଥମ ୱିକେଟରେ ୧୦୪ ରନ୍ ଉଠାଇଥିଲେ। ଏହି ଦୁଇ ବ୍ୟାଟର ପ୍ରତିପକ୍ଷ ଦଳର ସମସ୍ତ ବୋଲରଙ୍କୁ ଅତି ସହଜରେ ଖେଳୁଥିଲେ। କିନ୍ତୁ ୭ମ ବୋଲର ଭାବେ ବୋଲିଂ କରିବାକୁ ଆସି ବାମହାତୀ ସ୍ପିନର ଚୋଲେ ଟ୍ରାୟନ ୧୮ତମ ଓଭରରେ ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଟ୍ରାୟନଙ୍କ ବଲ୍‌କୁ କଟ୍ କରିବାକୁ ଯାଇ ମନ୍ଧାନା କଟ୍ ବିହାଇଣ୍ଡ ହୋଇଯାଇଥିଲେ। ସେ ୫୮ ବଲ୍‌ରୁ ୮ ଚୌକା ସହ ୪୫ ରନ୍ କରିଥିଲେ। ମନ୍ଧାନାଙ୍କ ଆଉଟ ପରେ ଶେଫାଳି ଓ ସେମିଫାଇନାଲ ହିରୋଇନ୍ ଜେମିମା ରୋଡ୍ରିଗ୍ସେଜ୍ ୬୨ ବଲ୍‌ରୁ ୬୨ ରନ୍ ଉଠାଇ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଶେଫାଳି ୭୮ ବଲରୁ ୭ ଚୌକା ଓ ୨ଛକା ସହ ୮୭ ଓ ଜେମିମା ୩୭ ବଲ୍‌ରୁ ୨୪ ରନ୍ ଉଠାଇ ଆଉଟ ହୋଇଥିଲେ। ହରମନପ୍ରୀତ୍ ଓ ଦିପ୍ତି ଚତୁର୍ଥ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ଆଗକୁ ନେଇଥିଲେ। କିନ୍ତୁ ଏହି ସମୟରେ ଦକ୍ଷିଣ ଆଫ୍ରିକାର ବୋଲରମାନେ ଖେଳକୁ ନିୟନ୍ତ୍ରଣରେ ରଖିବା ପରେ ରନ୍ ସଂଗ୍ରହ ହାର କମିବା ସହ ୱିକେଟ ମଧ୍ୟ ଯାଇଥିଲା। ଗୋଟିଏ ପଟେ ଦୀପ୍ତି ଶର୍ମା ତିଷ୍ଠି ରହିଥିଲେ। ସେ ରିଚା ଘୋଷଙ୍କ ସହ ୭ମ ୱିକେଟରୁ ୪୭ ରନ୍ ଉଠାଇ ଦଳକୁ ୩୦୦ ରନ୍ ନିକଟକୁ ନେଇଯାଇଥିଲେ। କିନ୍ତୁ ଡି କ୍ଲେର୍କ ଶେଷ ଓଭରରେ ମାତ୍ର ୬ ରନ୍ ଦେବା ଫଳରେ ଭାରତ ୨୯୮ ରନ୍‌ରେ ଅଟକିଥିଲା। ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିବା ଦୀପ୍ତି ୫୮ ବଲରୁ ୫୮ ରନ୍ କରିଥିଲେ। ଏହା ମଧ୍ୟରେ ୩ଟି ଚୌକା ଓ ଗୋଟି ଛକା ରହିଥିଲା। ଦକ୍ଷିଣ ଆଫ୍ରିକାର ମିଡିୟମ୍ ପେସ୍ ବୋଲର ଆୟାବୋଙ୍ଗା ଖାକାଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ବୋଲରଭାବେ ଘଣ୍ଟାପ୍ରତି ୧୩୦ କିଲୋମିଟରୁ ଅଧିକ ବେଗରେ ବୋଲିଂ କରୁଥିବା ମାରିଜାନ କାପ୍‌ଙ୍କୁ କୌଣସି ସଫଳତା ମିଳି ନ ଥିଲା।

## ମିତାଲିଙ୍କୁ ଟପିଲେ ମନ୍ଧାନା

**ନଭି ମୁମ୍ବାଇ, ୨।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ବିଶ୍ୱକପ୍ ଫାଇନାଲରେ ଭାରତ ସ୍ମୃତି ମନ୍ଧାନା ୪୫ ରନର ପାଳି ଖେଳି ଭାରତକୁ ଭଲ ପ୍ରାରମ୍ଭ ଦେଇଥିଲେ। ମନ୍ଧାନା ଏଥିସହ ଏହି ବିଶ୍ୱକପ୍‌ରେ ୯ଟି ମ୍ୟାଚ ଖେଳି ୫୪.୨୫ ହାରରେ ୪୩୪ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ର ଏହି ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାରେ ସେ ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଟଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଭାବେ ମହିଳା ଦିନକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ସେ ମିତାଲି ରାଜଙ୍କୁ ପଛରେ ପକାଇଦେଇଛନ୍ତି। ୨୦୧୭ ବିଶ୍ୱକପ୍‌ରେ ମିତାଲି ୪୦୯ ରନ କରିଥିଲେ। କିନ୍ତୁ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାର ବିଶ୍ୱରେକର୍ଡ ଅଷ୍ଟ୍ରେଲିଆର ଆଲିସା ହେଲୀଙ୍କ ନାମରେ ରହିଛି। ୨୦୨୨ ବିଶ୍ୱକପ୍‌ରେ ହେଲୀ ୫୦୯ ରନ କରିଥିଲେ।

## ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ ୨ ପଦକ

**ଭୁବନେଶ୍ୱର, ୨।୧୧ (ସମିସ):** ପାରାଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ପୁରୁଷ ଡବଲ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୬, ୨୧-୧୨ ସିଧାସଳଖ ଗେମରେ ଘରୋଇ ଇଣ୍ଡୋନେସିଆ ଯୋଡ଼ି ଡିୱିୟୋକୋ ଓ ସେତିଆୱାନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଏସଏଲ-୩ ଓ ଏସୟୁ-୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମଧ୍ୟ ମନୀଷାଙ୍କୁ ସାଥୀ କରି ପ୍ରମୋଦ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଦୀପ୍ ରଞ୍ଜନ ବିଶୋୟୀ ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ମିକ୍ସଡ ଡବଲ୍ସରେ କାଂସ୍ୟ ପଦକ ହାସଲ କରିଛନ୍ତି।



### ଅସ୍ମିତା ରଗ୍‌ବୀ ଲିଗ୍

## କିଟ୍, କିସ୍ ଓ ପାହାଡିଆନ ଚାମ୍ପିଅନ

**ଯାଜପୁର,୨।୧୧(ସମିସ):** କିଟ୍, କିସ୍ ଓ ପାହାଡିଆନ ଯାଜପୁର ଟାଉନରେ ଅନୁଷ୍ଠିତ ଅସ୍ମିତା ରଗ୍‌ବୀ ଲିଗ୍‌ରେ ଚାମ୍ପିଅନ ହୋଇଛନ୍ତି। ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ସିନିଅର ବିଭାଗରେ କିଟ୍ ଚାମ୍ପିଅନ ଓ ଫ୍ୟୁଚର ଷ୍ଟାର ରନର୍ସ ଅପ୍ ହୋଇଛି। ଜୁନିଅର ବିଭାଗରେ କିସ୍ ଚାମ୍ପିଅନ ଓ କିଟ୍ ରନର୍ସ ଅପ୍, ସବ୍‌ଜୁନିଅର ବିଭାଗରେ ପହାଡିଆନ୍ ଚାମ୍ପିଅନ ଓ ଯାଜପୁର ରଗ୍‌ବୀ ଆସୋସିଏସନ ରନର୍ସ ଅପ୍ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ଓ କିସ୍ ଭଳି ସାଙ୍ଗଠନିକ ଦଳ ସମେତ ୨୨ଟି ଜିଲ୍ଲାରୁ ଟିମ୍ ଅଂଶଗ୍ରହଣ କରିଥିଲେ। ଭାରତ ସରକାର କ୍ରୀଡ଼ା ମନ୍ତ୍ରଣାଳୟ ଓ ରଗ୍‌ବୀ ଇଣ୍ଡିଆର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ (ଓର୍‌ଫା)ର ଯୁଗ୍ମ ତଥା ଯାଜପୁର ଜିଲ୍ଲା ରଗ୍‌ବୀ ଆସୋସିଏସନ ସମ୍ପାଦକ ଭରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ମୁଖ୍ୟ ଅତିଥି, ଆଡଭୋକେଟ ଫନୀନ୍ଦ୍ର ମିଶ୍ର, ଓର୍‌ଫା କୋଷାଧ୍ୟକ୍ଷ ଶକ୍ତିପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଜିଲ୍ଲାପାଳ ଅମ୍ବରକୁମାର କର ଓ ଯାଜପୁର ବିଧାୟିକା ସୁଜାତା ସାହୁ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲା କ୍ରୀଡ଼ାଅଧିକାରୀ ଫକୀର ମୋହନ ଟୁଡୁ, ଓରଫା ସମ୍ପାଦକ ସୁଶାନ୍ତ ସାହୁ, ଯାଜପୁର ଜିଲ୍ଲା ରଗ୍‌ବୀ ସଂଘ ସଭାପତି ନାରାୟଣ ସାହୁ, ସମାଜସେବୀ ତରୁଣକୁମାର ନନ୍ଦ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ରଣଜୀ ଟ୍ରଫି: ଆନ୍ଧ୍ରପ୍ରଦେଶ ୪୭୫/୭

## ଓଡ଼ିଶାର ଫଲୋଅନ୍ ଡର

**କଟକ,୨।୧୧(ସମିସ):** ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହୋଇ ସାରିଥିଲେ ସୁଦ୍ଧା ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଜାରି ରହିଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଫଲୋଅନ ଦ୍ୱାରରେ ରହିଛି। ପ୍ରଥମେ ବ୍ୟାଟିଂ କରୁଥିବା ଆନ୍ଧ୍ରପ୍ରଦେଶ ୭ ୱିକେଟ ବିନିମୟରେ ୪୭୫ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଓଡ଼ିଶା ୨୯ ଓଭର ଖେଳି ୪ ୱିକେଟ ହରାଇ ୮୦ରନ ସଂଗ୍ରହ କରିଛି। ଓପନର ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମଥର ରଣଜୀ ଟ୍ରଫି ଖେଳୁଥିବା ଗୌରବ ଚୌଧୁରୀ ୪୮ ରନରେ ଆଉଟ ହୋଇଥିଲେ। ପରେ ନାଇଟ ୱାଚମ୍ୟାନ ବାଦଲ ବିଶ୍ୱାଳ ୧ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନରେ କ୍ରିଜ ଛାଡ଼ିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସନ୍ଦୀପ ପଟ୍ଟନାୟକ ୨୪ ଏବଂ ଗୋବିନ୍ଦ ପୋଦ୍ଦାର ୧ ରନରେ ଅପରାଜିତ ଅଛନ୍ତି। ଆନ୍ଧ୍ରପ୍ରଦେଶର କାଭୁରି ସୈତେଜା ଓ ସୌରଭ କୁମାର ୨ଟି ଲେଖାଏ ୱିକେଟ ବାଣ୍ଟି ନେଇଛନ୍ତି। ଫଲୋଅନ ଏଡାଇବାକୁ ହେଲେ ଓଡ଼ିଶାକୁ ମୋଟ୍ ୩୨୫ରନ ସଂଗ୍ରହ କରିବାକୁ ହେବ। ତେବେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଘରୋଇ ପରିବେଶରେ ଦଳକୁ ଫଲୋଅନ ମିଳିପାରେ ବୋଲି ଅନୁମାନ କରାଯାଉଛି।



ପୂର୍ବରୁ ଅସମାପ୍ତ ପ୍ରଥମ ପାଳି ୨୨୨/୩ରୁ ଆନ୍ଧ୍ରପ୍ରଦେଶ ରବିବାର ଖେଳ ଆରମ୍ଭ କରି ୭ ୱିକେଟ୍‌ରେ ୪୭୫ ରନରେ ପାଳି ଘୋଷଣା କରିଥିଲା। ସେଖ୍ ରସିଦ ଏଠାରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ୪ର୍ଥ ଶତକ ହାସଲ କରିଥିଲେ। ୨୧ବର୍ଷୀୟ ରଶିଦ ୨୨୪ ବଲରୁ ୧୮ଟି ଚୌକା ସହାୟତାରେ ଅପରାଜିତ ୧୪୦ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରନ ସିନ୍ଦେ ୩୨, କେଭି ଶଶୀକାନ୍ତ ୪୬ ଏବଂ ସୌରଭ କୁମାର ୩୮ ବଲରୁ ୬୯ ରନର ଦ୍ରୁତ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଏବଂ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ, ରାଜେଶ ମହାନ୍ତି, ତରଣୀ ସ ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ■ ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ୍

## ଆୟାବନ୍ତ ମହାନ୍ତି ଚାମ୍ପିଅନ



**ଭୁବନେଶ୍ୱର,୨।୧୧(ସମିସ):** ନୂଆପଲ୍ଲୀ ନାରାୟଣ ସ୍କୁଲର ଆୟାବନ୍ତ ମହାନ୍ତି ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତା ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ବଡଗଡ଼ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୁଳ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ରନର୍ସ ଅପ୍, ପଟିଆ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଆୟୁଷ ଦାସ ତୃତୀୟ, କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଜ୍ୟୋତିରାଦିତ୍ୟ ରାଉତ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆକାଶ ପ୍ରକାଶ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଏହାକୁ ଉଦ୍‌ଘାଟନ କରିଥିଲାବେଳେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଥିଲେ। କନୋଜ ବେହୁରିଆ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାୟିତ୍ୱରେ ରହିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ● ପ୍ରଥମ ଅନଅଫିସିଆଲ ଟେଷ୍ଟ

## ଦକ୍ଷିଣ ଆଫ୍ରିକା-ଏ'କୁ ହରାଇଲା ଭାରତ-ଏ'

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ଅଧିନାୟକ ଋଷଭ ପନ୍ତଙ୍କ ଦମ୍‌ଦାର ଇନିଂସ ଓ ତନୁସ କୋଟିଆନଙ୍କୁ ଚତୁର ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ ୩ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ'କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭୫ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୯୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଏହା ଫଳରେ ୨୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ-ଏ ୭୩.୧ ଓଭରରେ ୭ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ସର୍ବାଧିକ ୯୦ ରନ୍ କରିବା ସହ ନିଜର ଫିଟନେସ ପ୍ରମାଣ କରିଛନ୍ତି। ଏହା ଫଳରେ ଆସନ୍ତା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ସେ ପ୍ରସ୍ତୁତ ବୋଲି ସୂଚେଇ ଦେଇଛନ୍ତି। ପନ୍ତଙ୍କ ଦୃଢ଼ ବ୍ୟାଟିଂ କରି ଆଉଟ ହେଲା ବେଳକୁ ଦଳ ୧୭୨ ରନ୍‌ରେ ଅଧା ୱିକେଟ ହରାଇଥିଲା। କିନ୍ତୁ ଶେଷ ୩ ବ୍ୟାଟର ତନୁସ କୋଟିଆନଙ୍କ ୨୩, ଦୁଇ ବୋଲର ମାନବ ସୂତାରଙ୍କ ଅପରାଜିତ ୨୦ ଓ ଅଂଶୁଲ କାମ୍ବୋଜଙ୍କ ଅପରାଜିତ ୩୭ ରନ୍ ବଳରେ ୩ ୱିକେଟ ବାକିଥାଇ ଦଳ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଉଭୟ ଇନିଂସରେ ୪ଟି ଲେଖାଏଁ ମୋଟରେ ୮ଟି ୱିକେଟ ନେଇଥିବା ମୁମ୍ବାଇ ଅଲରାଉଣ୍ଡର କୋଟିଆନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ନଭେମ୍ବର ୬ରୁ ଆରମ୍ଭ ହେବ।



### ଅର୍ଶଦୀପ ସିଂହ ଶ୍ରେଷ୍ଠ ଖେଳାଳି; ନଭେମ୍ବର ୬ରେ ଚତୁର୍ଥ ମୁକାବିଲା

## ତୃତୀୟ ଟି-୨୦ ଜିତିଲା ଭାରତ: ସିରିଜ୍ ବରାବର

**ହୋବାର୍ଟ, ୨।୧୧ (ଏଜେନ୍ସି):** ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଭାରତ ଏଠାରେ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି-୨୦କୁ ୫ ୱିକେଟରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିକୁ ଆସିଯାଇଛି। ସିଡନୀରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୪ ୱିକେଟରେ ଜିତିନେଇଥିଲା। ଏବେ ସିରିଜ୍‌ର ଶେଷ ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୋଲ୍ଡ କୋଷ୍ଟରେ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବ। ହୋବାର୍ଟରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୧୮୬ ରନ୍ କରିଥିଲା। ଜବାବରେ ଭାରତ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଷ୍ଟ୍ରେଲିଆ ଇନିଂସରେ ୪ଓଭର ବୋଲିଂ କରି ୩୫ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଅଷ୍ଟ୍ରେଲିଆ ପ୍ରଦତ୍ତ ୧୮୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ପାୱାର ପ୍ଲେ'ରେ ଦୁଇ ଓପନର ଅଭିଷେକ ଶର୍ମା ୧୬ ବଲ୍‌ରେ ୨୫ ଓ ଶୁବମନ ଗିଲ୍ ୧୨ ବଲ୍‌ରେ ୧୫ ରନ୍ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧ ବଲ୍‌ରେ ୨୪ ଓ ତିଳକ ବର୍ମା ୨୬ ବଲ୍‌ରେ ୨୯ ରନ୍ କରିଥିଲେ। ଅକ୍ଷର ପଟେଲ ୧୭ ରନ୍ କରି ସେମାନଙ୍କ ସହ ପାଭିଲିୟନ ଫେରିଥିଲେ। ୧୫ତମ ଓଭରରେ ଭାରତ ୧୪୫ ରନ୍‌ରେ ଅଧା ବା ୫ଟି ୱିକେଟ ହରାଇଥିଲା। ଏହି ସମୟରେ ଆଶ୍ଚର୍ଯ୍ୟଜନକ ଭାବେ ଅଷ୍ଟ୍ରେଲିଆ ଇନିଂସରେ ବୋଲିଂ କରି ନ ଥିବା ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମା ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ ଓ ୯ଟି ବଲ ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ସୁନ୍ଦର ୨୩ ବଲ୍‌ରୁ ୩ ଚୌକା ଓ ୪ଛକା ସହ ୪୯ ଏବଂ ଜିତେଶ ୧୩ ବଲ୍‌ରୁ ୩ ଚୌକା ସହ ୨୨ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟରେ ୨୫ ବଲ୍‌ରୁ ୪୩ ରନ୍ ମିଳିଥିଲା। ଜୋଶ ହାଜ୍‌ଲେଉଡ୍‌ଙ୍କ ବ୍ୟତୀତ ଖେଳିଥିବା ଅଷ୍ଟ୍ରେଲିଆର ପେସର ଏଠାରେ ସୁନ୍ଦର ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ ନାଥାନ ଏଲିସଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।

ଦୀର୍ଘ ଦିନ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଠାରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଅଷ୍ଟ୍ରେଲିଆକୁ ଆମନ୍ତ୍ରଣ କରିଥିଲେ। ଅଷ୍ଟ୍ରେଲିଆର ବ୍ୟାଟରମାନେ ଛୋଟିଆ ପଡ଼ିଆରୁ ମନ ଇଚ୍ଛା ବାଉଣ୍ଡାରୀ ମାରି ଯେପରି ଦ୍ରୁତ ହାରରେ ରନ୍ ସଂଗ୍ରହ କରିଥିଲେ ସେହିପରି ୱିକେଟ ମଧ୍ୟ ହରାଇଥିଲେ। ନଂ-୪ରେ ବ୍ୟାଟିଂ କରିଥିବା ଟିମ୍ ଡେଭିଡ୍‌ଙ୍କ କ୍ଲିନ୍ ଓ ହାର୍ଡ ହିଟ୍ ଭାରତକୁ ଅଡୁଆରେ ପକାଇଥିଲା। ସେ ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ୩୮ ବଲ୍‌ରୁ ୮ ଚୌକା ଓ ୫ଛକା ସହାୟତାରେ ସର୍ବାଧିକ ୭୪ ଓ ମାର୍କସ ଷ୍ଟୋଇନିସ ୩୯ ବଲ୍‌ରୁ ୬୪ ରନ୍ କରିଥିଲେ। ମାଥ୍ୟୁ ସର୍ଟଙ୍କ ୧୫ ବଲରୁ ୨୬ ରନ୍ ମଧ୍ୟ ବେଶ ଉପଯୋଗୀ ହୋଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ୍‌ଙ୍କ ୩ ୱିକେଟକୁ ବାଦ୍ ଦେଲେ ଗୋଟିଏ ଓଭରରେ ବରୁଣ ଚକ୍ରବର୍ତ୍ତୀ ୨ଟି ଓ ଓଭର ପ୍ରତି ୧୪.୩୦ ହାରରେ ରନ୍ ଦେଇଥିବା ଶିବମ ଦୁବେ ଗୋଟିଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ତାଳାବନ୍ଦ ଘରୁ ଅଳଙ୍କାର ଓ ଟଙ୍କା ଚୋରି

ବାରିପଦା, ୨।୧୧(ସମିସ): ତାଲା ବନ୍ଦ ଘରୁ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। କୁଦାହାଁସା ଅଭିସାହି ଗ୍ରାମର ଭୀମ ମୁର୍ମୁଙ୍କ ତାଲା ବନ୍ଦ ଘରୁ ଚୋରି ନେଇ ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ସେ ବିଲ କାମ କରିବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ତାଳାବନ୍ଦ ଘରୁ ଚୋରି କରିଛନ୍ତି। ଆଲମାରୀ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଓ ୧୧,୦୦୦ଟଙ୍କା ଚୋରି କରିଛନ୍ତି। ଏ ବାବଦରେ ସେ ଘରକୁ ଫେରି ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ଝାଡ଼ଖଣ୍ଡକୁ ବାଲି ଚାଲାଣ; ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୨।୧୧(ସମିସ): ବେଆଇନ ଭାବେ ଝାରଖଣ୍ଡକୁ ବାଲି ଚୋରା ଚାଲାଣ ବେଳେ ତିରିଂ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ଖବର ପାଇ ପୁଲିସ ପକ୍ଷରୁ ବଡ଼ଡାଲିମା ଛକ ନିକଟରେ ପାଟ୍ରୋଲିଂ ଜାରି ଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଙ୍କିଡିଘାଇ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ଝାରଖଣ୍ଡକୁ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅନିୟମିତତା

**● ତଦନ୍ତ ପରେ ଶିକ୍ଷକଙ୍କ ବଦଳି**

ହାଟଡ଼ିହୀ,୨।୧୧(ସମିସ): ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ଏବଂ ଛାତ୍ରବୃତ୍ତି ବଣ୍ଟନରେ ଅନିୟମିତତାକୁ ନେଇ ହାଟଡ଼ିହୀ ବ୍ଲକ ବଞ୍ଚୋସ୍ଥିତ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଣକ ବିବାଦରେ ଥିବାବେଳେ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବଦଳି କରାଯାଇଛି। ପିଲାଙ୍କୁ ମାଣ୍ଡିଆ ଲଡୁ ବଣ୍ଟନ ନକରିବା, ଷ୍ଟାଇପେଣ୍ଡ ଟଙ୍କା ବଣ୍ଟନ ନକରିବା, ସ୍କୁଲର କୌଣସି ରେକର୍ଡପତ୍ର ନକରିବା ଭଳି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହାଟଡ଼ିହୀ ଶିକ୍ଷା ବିଭାଗର ଜଣେ ଭାରପ୍ରାପ୍ତ ଏବିଇଓଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇଥିଲା। ଅଭିଯୋଗର ସତ୍ୟତା ଥିବା ନେଇ ଏବିଇଓ ଜଣଙ୍କ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ବେଳେ ସେ ମାସାଧିକ କାଳ ଦିନ ସମୟ ନେଇଥିଲେ। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଭାବେ ଚିଠି ନଂ ୩୮୨୬ ତା ୩୧.୧୦.୨୦୨୫ ଅନୁସାରେ ଉକ୍ତ ଶିକ୍ଷକଙ୍କ ନାମରେ ବଦଳି ନିର୍ଦ୍ଦେଶ ଜାରି କରି ଶିକ୍ଷକ ଜଣଙ୍କୁ ବଞ୍ଚୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆମ୍ରୋ ଗୋପୀନାଥଜୀଉ ହାଇସ୍କୁଲକୁ ବଦଳି କରିଛନ୍ତି।

## ଡାକ୍ତରୀ ଛାତ୍ରୀ ରାଣୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ସହାୟତା



ହାଟଡ଼ିହୀ,୨।୧୧(ସମିସ): ଡାକ୍ତରୀ ଶିକ୍ଷା ପାଇଁ ଯୋଗ୍ୟ ହୋଇଥିବା ହାଟଡ଼ିହୀ ବ୍ଲକର ବୀଣାପାଟିଆ ଗ୍ରାମର ରାଣୀ ହେମ୍ବ୍ରମଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ରବିବାର ସମାଜସେବୀ ତଥା ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଆନନ୍ଦପୁର ବ୍ଲକର ବିଧାୟକ ପ୍ରତିନିଧି ମାନସ ବାରିକ, ବାରିଗାଁର ରମେଶଚନ୍ଦ୍ର ସାହୁ, ବଞ୍ଚୋ ଗ୍ରାମର ପ୍ରିୟବ୍ରତ ନାୟକ ପ୍ରମୁଖ ରାଣୀଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**● ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମାନୁନାହାନ୍ତି ବଦଳି ନିୟମ**

## ଦମ୍ପତି ଟିଜିଟି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ବାରିପଦା, ୨।୧୧(ସମିସ): ଚଳିତବର୍ଷ ମାଧ୍ୟମିକ ଦମ୍ପତି ଶିକ୍ଷକ ବଦଳିରେ ଅହେତୁକ ବିଳମ୍ବ ପରିଲକ୍ଷିତ ହୋଇଛି। ଆଜକୁ ପ୍ରାୟ ଛଅ ମାସ ହେବ ଅନଲାଇନ ବଦଳି ପ୍ରକ୍ରିୟାରେ ଆବେଦନ କରିଥିବା ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ବଦଳି ପ୍ରକ୍ରିୟା ସରକାରୀ ନିୟମାବଳୀରେ ଥାଇ ମଧ୍ୟ ଚଳିତବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କ ବଦଳି ପ୍ରକ୍ରିୟାକୁ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକାରୀ କରୁନାହାନ୍ତି। ବଦଳି ନିୟମ ଅନୁଯାୟୀ, ଦମ୍ପତି ଶିକ୍ଷକ ବଦଳିକୁ ବଦଳି ପ୍ରାଥମିକତାରେ ଆଗୁଆ ରଖାଯାଇଥିବା ବେଳେ ପ୍ରାଥମିକତା ନିମ୍ନ କ୍ରମରେ ଥିବା ବଦଳି କରାଯାଉଛି। ଯାହାକି ବଦଳି ନିୟମର ଉଲଂଘନ କରୁଛି ଓ ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଗତ ବର୍ଷ ମୋହନ ସରକାର ପ୍ରଥମ କରି ଦମ୍ପତି ଶିକ୍ଷକ ବଦଳି କାର୍ଯ୍ୟକାରୀ କରିଥିଲେ; କିନ୍ତୁ ଚଳିତ ବର୍ଷ ବିଭାଗୀୟ ଉଦାସୀନତା ପାଇଁ ଏହି କାର୍ଯ୍ୟ ଆଗେଇ ପାରୁ ନାହିଁ। ଦମ୍ପତି ଶିକ୍ଷକ ପରସ୍ପରଠାରୁ ଦୂରରେ ରହୁଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଉଛି। ଯଦି ଚଳିତ ବର୍ଷର ଟିଜିଟି ଦମ୍ପତି ବଦଳି ପ୍ରକ୍ରିୟା ୧୦ଦିନ ମଧ୍ୟରେ କାର୍ଯ୍ୟକାରୀ ନ କରାଯାଏ, ତେବେ ସମସ୍ତ ଅନଲାଇନ ବଦଳି ଆବେଦନ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀ ପରିବାର ସହିତ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଚଳଚଞ୍ଚଳ

# ମାଣତ୍ରୀରେ ଆରମ୍ଭ ହେଲା ଶିବଲିଙ୍ଗରେ ତୁଳସୀ ଲାଗି'

ବାରିପଦା/ମାଣତ୍ରୀ, ୨।୧୧(ସମିସ)

ରବିବାର କାର୍ତ୍ତିକ ଏକାଦଶୀଠାରୁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ହରି-ହର ପୀଠ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ମାଣତ୍ରୀ କଖାରୁଆ ବୈଦନାଥଙ୍କ ଜ୍ୟୋତିର୍ଲିଙ୍ଗରେ ବେଲପତ୍ର ସହିତ ତୁଳସୀ 'ଲାଗି' ଆରମ୍ଭ ହୋଇଛି।

**କାର୍ତ୍ତିକ ପୂର୍ଣ୍ଣମୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା**

ଏଠାରେ ପ୍ରଚଳିତ ପ୍ରଥା ଅନୁଯାୟୀ, ଏହା ପଞ୍ଚକ ୫ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଚଳିତ ଥର ଏକାଦଶୀଠାରୁ ପୂର୍ଣ୍ଣମୀ ୪ଦିନ ହେଉଥିବାରୁ ତୁଳସୀ 'ଲାଗି' ୪ଦିନ ଅନୁଷ୍ଠିତ ହେବ। ଶିବଲିଙ୍ଗରେ ତୁଳସୀ କଥାଟି ଶୁଣିବାକୁ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି କୌତୁହଳ। ୬ଶହ ବର୍ଷର ଐତିହ୍ୟ ବହନ କରୁଥିବା ଏହି ପୀଠରେ ପଞ୍ଚକ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ପ୍ରତ୍ୟେହ ସାଧାରଣ ପୂଜା ପରେ ମହାଦେବଙ୍କ ଜ୍ୟୋତିର୍ଲିଙ୍ଗରେ ଶ୍ରୀ ଜଗନ୍ନାଥଙ୍କ ଅତିପ୍ରୀୟ ତୁଳସୀର ମଞ୍ଜରୀ (ଜଟା) ସହିତ ବେଲପତ୍ର 'ଲାଗି'(ଚଢ଼ା) ହୋଇଥାଏ। ପ୍ରାୟ୧୫୫୬ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ତତ୍କାଳୀନ ରାଜା ବୈଦନାଥ ଭଞ୍ଜ ସିଂହାସନରେ ଅଧିଷ୍ଠିତ ହେବାପରେ ବାରିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣ ସାଙ୍ଗକୁ ମାଣତ୍ରୀ ଶୈବପୀଠରେ ଦଧିବାମନ ରୂପଧାରୀ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଥିଲେ। ଏହାପରେ ଏହିପୀଠ ହରି-ହର ପୀଠ ଭାବେ ଖ୍ୟାତିଲାଭ କରିବା ସହିତ ପ୍ରତି ପଞ୍ଚକରେ



ଏଠାରେ ଏପରି ସ୍ୱତନ୍ତ୍ର ପୂଜା ହୋଇ ଆସୁଛି ବୋଲି ପରିଚ୍ଛା ପ୍ରଦୀପ କୁମାର ପଣ୍ଡା କହିବା ସହ ପୁରାଣ କଥାନୁଯାୟୀ, ପଞ୍ଚକରେ ହରି-ହରଙ୍କର ମିଳନ ହେଉଥିବାରୁ ଏପରି ପୂଜା କରାଯାଇଥାଏ ବୋଲି ସେ କହନ୍ତି। ମାଣତ୍ରୀ ପରି ଲିଙ୍ଗରାଜ ଓ କପିଳାସ ଯେଉଁଠାରେ ସ୍ୱୟଂଭୂ (ପ୍ରତିଷ୍ଠା ବା ସ୍ଥାପିତ ହୋଇନଥିବା) ଶୈବପୀଠରେ ହରି-ହର ପୂଜା ପାଉଛନ୍ତି ସେଠାରେ ଏପରି ସ୍ୱତନ୍ତ୍ର ପୂଜା କରାଯାଇଥାଏ ବୋଲି ମନ୍ଦିର ସେ କହନ୍ତି। ଏହି ପୀଠର ଶିବପୂଜାରେ ଏପରି ସ୍ୱାତନ୍ତ୍ର ପାଇଁ ରବିବାରଠାରୁ ମାଣତ୍ରୀ ଚଳଚଞ୍ଚଳ ହୋଇଛି। ପଞ୍ଚକ ସମୟରେ ପୀଠରେ ଭକ୍ତଙ୍କ ଭିଡ ସହିତ ଏହି ତୁଳସୀ 'ଲାଗି' ଦେଖିବା ପାଇଁ ବୁଧବାର କାର୍ତ୍ତିକ ପୂର୍ଣ୍ଣମୀ ଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା ଥିବାରୁ ମନ୍ଦିର ତଥା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ସ୍ଥାନୀୟ ବୈଦନାଥ ଯୁବକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଦୁଇଦିନିଆ ବୋଇତ ବନ୍ଦାଣ ମହୋତ୍ସବ ମଧ୍ୟ ବୁଧବାରଠାରୁ ଆରମ୍ଭ ହେଉଛି। ଏନେଇ ମାଣତ୍ରୀ ପୀଠକୁ ସଂଯୋଗ କରୁଥିବା ରାସ୍ତା ମରାମତି ମଧ୍ୟ ପାଇଁ ଦାବି ହେଉଛି।

### ମୌଳିକ ସୁବିଧାରୁ ବଞ୍ଚିତ ନନ୍ଦାବସା ଗ୍ରାମବାସୀ

## ଗାଁକୁ ନାହିଁ ପକ୍କା ରାସ୍ତା; ବିକାଶ ଅପହଞ୍ଚ



ସ୍ଥାନୀୟ ଜନ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଗ୍ରାମକୁ ସଂଯୋଗ କରୁଥିବା ୪ କିଲୋମିଟର ରାସ୍ତାଟି ନିର୍ମାଣ ହେଉନାହିଁ। ପକ୍କା ରାସ୍ତାଟି ନଥିବାରୁ କାଦୁଅ ରାସ୍ତାରେ ସତେ ଯେମିତି ଯମ ଯନ୍ତ୍ରଣା ଭୋଗି ଲୋକେ ଚଳପ୍ରଚଳ କରୁଛନ୍ତି।

ରାଇରଙ୍ଗପୁର, ୨।୧୧(ସମିସ): ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ସବୁ ଗାଁକୁ ବିକଶିତ ଗ୍ରାମରେ ପରିଣତ କରିବା ନେଇ ମିଛ ଡିଣ୍ଡିମ ବଜାଉଥିବା ବେଳେ ପ୍ରକୃତ ଚିତ୍ର କିନ୍ତୁ ଅଲଗା ରହୁଛି। ସ୍ୱାଧୀନତାର ୭୯ ବର୍ଷ ପରେ ବି ଗାଁକୁ ଭଲ ରାସ୍ତାଟିଏ ନାହିଁ। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀମାନେ ମାଟି କାଦୁଅ ରାସ୍ତାରେ ଚଳପ୍ରଚଳ କରୁଛନ୍ତି। ଏହିପରି ଚିତ୍ର ହେଉଛି ରାଇରଙ୍ଗପୁର ଉପଖଣ୍ଡର ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ଗ୍ରାମପଞ୍ଚାୟତ ନନ୍ଦାବସା ଗ୍ରାମର। ଯାହାକୁ ନେଇ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ଗ୍ରାମବାସୀ ଯମଯନ୍ତ୍ରଣା ଭୋଗୁଛନ୍ତି। ଗାଁକୁ ପିଚ କିମ୍ବା କଂକ୍ରିଟ ରାସ୍ତା ନଥିବାରୁ ମାଟି ରାସ୍ତା ଦେଇ ଯା ଆସ କରୁଛନ୍ତି। ରାସ୍ତା ଅବସ୍ଥା ଅତି ଖରାପ ଥିବା ବେଳେ ବର୍ଷା ଋତୁରେ ଆହୁରି ଶୋଚନୀୟ ହୋଇଥାଏ। ଯାହା ଫଳରେ ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ। ନନ୍ଦାବସା ଗ୍ରାମରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଘର ଥିବା ବେଳେ ୪୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଗ୍ରାମର ଆହାର ଟୋଲା, ରୁହିନ ଟୋଲା ଓ ଚଟାଣୀ ସାହି ବାସିନ୍ଦା ମାନେ ନିୟମିତ ଚଳପ୍ରଚଳ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ଅଟନ୍ତି। ଏହାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଏ ବାବଦରେ ସ୍ଥାନୀୟ ଜନପ୍ରତିନିଧିମାନେ ଜାଣି ମଧ୍ୟ କଚ୍ଚା ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ତିଳେ ହେଲେ ମନ ନିବେଶ କରୁନାହାଁନ୍ତି। କେହି ବି ଗୁହାରି ନଶୁଣିବାରୁ ନିଜ ଭାଗ୍ୟକୁ ନିଜେ ଆପଣାଇ ରହିଛନ୍ତି। ରାସ୍ତା ଖରାପ ଯୋଗୁଁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନଥିବାରୁ ରୋଗୀ ଓ ପ୍ରସୁତିଙ୍କୁ ଖଟିଆରେ ବୋହି ଗାଁ ମୁଣ୍ଡକୁ ଅଣାଯାଉଛି। ଏହାସହିତ କାଦୁଅ ରାସ୍ତାରେ ଶିକ୍ଷାନୁଷ୍ଠାନକୁ ଯିବା କଷ୍ଟସାଧ୍ୟ ହେଉଛି। ଯାହାଫଳରେ ଖରାପ ରାସ୍ତା ପାଇଁ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ମଧ୍ୟ ବେଡି ଲାଗୁଛି। ବିଜେପି ସରକାର ଗ୍ରାମାଞ୍ଚଳ ବିକାଶ ମୁଖ୍ୟ ମାଧ୍ୟମ ଗମନାଗମନକୁ ପ୍ରାଥମିକ ଦେଉଥିବାର ନାରାବାଜି କରୁଥିବା ବେଳେ ବିକାଶ କିନ୍ତୁ ନନ୍ଦାବସା ଗ୍ରାମକୁ ଅପହଞ୍ଚ ରହିଛି। ସମସ୍ୟାର ସମାଧାନ କରି ଗ୍ରାମକୁ ପକ୍କା ରାସ୍ତା କରିବା ପାଇଁ ଗ୍ରାମବାସୀ ମାନେ ଗୁହାରି କରିଛନ୍ତି। ତେବେ ଆଗକୁ ଏହାର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ରିଜଛକ ଗୋଲେଇରେ ପୂଜା ପାଉଛନ୍ତି ଶ୍ରୀରାଧାକୃଷ୍ଣ





ଆନନ୍ଦପୁର, ୨।୧୧ (ସମିସ): ଆନନ୍ଦପୁର ବ୍ରିଜଛକ ଗୋଲେଇରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ରାଧାକୃଷ୍ଣ ପୂଜା ଭାବ ଓ ଭକ୍ତିରେ ଆରମ୍ଭ ହୋଇଛି। ରାଧାକୃଷ କ୍ଲବ୍‌ର ସଭାପତି ଆଦିକନ୍ଦ ମହାକୁଡ଼ ଓ ସମ୍ପାଦକ ଜ୍ୟୋତିରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ଆଜି ବୈତରଣୀ ନଦୀରୁ ବ୍ରତଧାରୀ ରାମହରୀ ରଣା ସରୋଜକାନ୍ତ ପରିଡା କାର୍ତ୍ତିକେଶ୍ୱର ମହାନ୍ତି ପ୍ରତୀକ ସିଂହ ଦିବ୍ୟସାଗର ସିଂହ କଳସ ଆଣିବା ପରେ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ପୂଜକ ଯୋଗେନ୍ଦ୍ର ପଣ୍ଡା ଓ ସନ୍ଦୀପ କୁମାର ପାଢ଼ୀ ଯଥା ରୀତିନୀତିରେ ପୂଜା ଆରମ୍ଭ କରିଥବା ଜଣାଯାଇଛି। କାର୍ଯ୍ୟକ୍ରମକୁ ବିନୋଦବିହାରୀ ମିଶ୍ର ଶରତ ଜେନା ନିକୁଞ୍ଜବିହାରୀ ମିଶ୍ର ଲୋକନାଥ ସିଂହ ଅନନ୍ତ ଚରଣ ସିଂହ ମଧୁସୂଦନ ରାମ ପ୍ରସନ କୁମାର ମିଶ୍ର ପରିଚାଳନା କରୁଛନ୍ତି।

## ବିରାଟ ଲୀଳାକ୍ଷେତ୍ରରେ ଅଁଳାନବମୀ ଉତ୍ସବ

ପିଙ୍ଗୁ, ୨।୧୧(ସମିସ): ନୁଦଡ଼ିହା ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରରେ ଅଁଳାନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ହଜାର ହଜାର ଶ୍ରଦ୍ଧାଳୁ ଅଁଳା ବୃକ୍ଷ ବେଢ଼ା ମଧ୍ୟରେ ରୁଣ୍ଡ ହୋଇଥିଲେ। ଏକଦା ବ୍ରହ୍ମା ବିଷ୍ଣୁଙ୍କୁ ଆରାଧନା କରୁଥିବା ଅବସରରେ ଦୁଇ ଆଖିରୁ ନିର୍ଗତ ଆନନ୍ଦାଶ୍ରୁରୁ ଅଁଳା ବୃକ୍ଷ ସୃଷ୍ଟି ହୋଇଛି। ଏହି ଅଁଳାବୃକ୍ଷ ବ୍ରହ୍ମାଙ୍କ ଅତିପ୍ରିୟ। କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅଁଳା ବୃକ୍ଷ ପୂଜା କଲେ ଲକ୍ଷ୍ମୀଙ୍କ ସାନିଧ ମିଳିଥାଏ। ବୃକ୍ଷକୁ ପରିକ୍ରମା କଲେ କିମ୍ବା ବୃକ୍ଷ ମୂଳରେ ବସି ମହାପ୍ରସାଦ ସେବନ କଲେ ମଣିଷ କଷ୍ଟ ଯନ୍ତ୍ରଣାରୁ ଲାଘବ ପାଇଥାଏ। ଅଁଳା ନବମୀ ତିଥିରେ ଅପୁତ୍ରିକ ଦମ୍ପତି ଅଁଳାବୃକ୍ଷକୁ ପୂଜାପାଠ କଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାନ୍ତି। ମହିଳାମାନେ ଅହିସୁଲକ୍ଷଣୀ ହୋଇଥାନ୍ତି। ତେଣୁ ଅଁଳା ବୃକ୍ଷ ପୂଜନ ନିମନ୍ତେ ଅଁଳାବେଢ଼ା ଭକ୍ତମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହେବା ସହିତ ବହୁ ଭକ୍ତ ଅଁଳା ବୃକ୍ଷ ମୂଳରେ ମହାପ୍ରସାଦ ସେବନ କରୁଥିବାର ଦେଖା ଯାଇଥିଲା। ଏହି ଦିବସରେ ୩୬୪ ଦିନ ଉତରଭାରତୀୟ ବେଶରେ ସଜ୍ଜିତ। ହେଉଥିବା ଶ୍ରୀରାଧା ଅଁଳା ନବମୀ ତିଥିରେ ପାଟଶାଢ଼ି ପରିଧାନ ପୂର୍ବକ ପାଣିଆ କଚ୍ଛା ମାରି ନିଜର ପାଦ ଦର୍ଶନ ଦେଇଥାନ୍ତି। କାର୍ତ୍ତିକ ମାସରେ ରାଧାଦାମୋଦର ବେଶ ଏକାନ୍ତ ଭାବରେ ମନୋମୁଗ୍ଧକର। ସାକ୍ଷୀଗୋପାଳ ମନ୍ଦିରର ପୂଜକ ବେଲେଶ୍ୱରଙ୍କ କନ୍ୟା ଲକ୍ଷ୍ମୀଙ୍କ ସ୍ମୃତିଚାରଣ ନିମନ୍ତେ ଅଁଳା ନବମୀ ଗୁରୁତ୍ୱପୂର୍ଣ୍ଣ ପ୍ରତିଟି ଜଗନ୍ନାଥ ମନ୍ଦିରରେ ରାଧାପାଦ ଦର୍ଶନ ପୂର୍ବକ ଶ୍ରଦ୍ଧାଳୁମାନେ ମୋକ୍ଷ ଲାଭ କରିଥାନ୍ତି। ବିରାଟ ଲୀଳାକ୍ଷେତ୍ରରେ ଶ୍ରଦ୍ଧାଳୁମାନେ ପୁଣ୍ୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ତୃପ୍ତିଲାଭ କରିଥିଲେ। ଏଥିପାଇଁ ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାସ, ସର୍ବେଶ୍ୱର ରାଉତ, ନକୁଳ ଜେନା, ଭୋଳାନାଥ ସାହୁ, ବୃନ୍ଦାବନ ବେହେରା, ଭଗବାନ ବେହେରା, ରବିନାରାୟଣ ନାୟକ, ମାନଗୋବିନ୍ଦ, ପ୍ରାର୍ଥନା, ଉର୍ମିଳା, ଅନ୍ତର୍ଯ୍ୟାମୀ, ବାସନ୍ତୀ, ବିଦ୍ୟାଧର ଓ ଅନ୍ୟମାନେ ଉତ୍ସବକୁ ସାକାର କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।



### କେବେ ସୁଧୁରିବ ଡାକ୍ତରଖାନାରେ ଦୂରାବସ୍ଥା

# ବର୍ଜ୍ୟବସ୍ତୁରେ ଉବୁଟୁବୁ ଡାକ୍ତରଖାନା

କରଞ୍ଜିଆ, ୨।୧୧(ସମିସ)

କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଡାକ୍ତରଖାନାର ସଫା କରାଯାଉଥିବା ବର୍ଜ୍ୟବସ୍ତୁ ଡାକ୍ତରଖାନା ପରିସରରୁ ଉଠା ନଯିବା ଫଳରେ କୁଢ଼ କୁଢ଼ ମଇଳା, ଆବର୍ଜନା ଡାକ୍ତରଖାନା ପରିସରରେ ପଡ଼ିରହିଛି। ପରିବେଶ ଦୂଷିତ ହେଉଥିବାର ଦେଖାଦେଇଛି। ବର୍ଜ୍ୟବସ୍ତୁଗୁଡିକ ପଚିଯାଇ ଉତ୍କଟ ଗନ୍ଧ ହେଉଥିବାରୁ ଡାକ୍ତରମାନେ ମଧ୍ୟ ଆସିବାକୁ ଭୟ କରୁଛନ୍ତି। ରୋଗୀମାନେ ଭଲ ହେବା ବଦଳରେ ଆହୁରି ରୋଗଗ୍ରସ୍ତ ହେବେ ବୋଲି ଡାକ୍ତରଖାନାକୁ ଆସିବାକୁ ରାଜି ହେଉନାହାନ୍ତି। ଡାକ୍ତରଖାନା ପରିଚାଳନା ପକ୍ଷରୁ ଜଣାପଡିଛି ଯେ, ଡାକ୍ତରଖାନାର ବର୍ଜ୍ୟବସ୍ତୁ ସଫାସୁତୁରା କରିବା ପାଇଁ ସ୍ୱତନ୍ତ୍ର ସଫେଇ କର୍ମଚାରୀ ଅଛନ୍ତି। ବର୍ଜ୍ୟବସ୍ତୁକୁ ଉଠାଇବା ପାଇଁ ଏନଏସି (ମୁନସିପାଲିଟି) ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏନଏସିର ଟ୍ରାକ୍ଟର ଯୋଗେ ବର୍ଜ୍ୟବସ୍ତୁ ଡାକ୍ତରଖାନା ପରିସରରୁ ଉଠାଯାଇ ନିକଟ ଗ୍ରୀଡ ପାଖରେ ଥିବା ଡମ୍ପିଂୟାର୍ଡ଼ରେ ପକାଯାଇଥାଏ। ବର୍ତ୍ତମାନ ଏନଏସି ଆଉ ଡାକ୍ତରଖାନା ପରିସରରୁ ମଇଳା ଉଠାଉ ନାହାନ୍ତି। ଏଣୁ ଏଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି ଏ ବାବଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କୁସ୍କୁ କହନ୍ତି, ଏନଏସିର ଡମ୍ପିଂ ୟାର୍ଡ଼ରେ ଆଉ ସ୍ଥାନ ନାହିଁ। ସେଠାରେ ବାର୍ଜ୍ୟବସ୍ତୁ ପକାଯାଉ ନାହିଁ। ଜିଲ୍ଲା ପ୍ରଶାସନଙ୍କୁ ଜମି ଯୋଗାଇବା ପାଇଁ ଅନୁରୋଧ କରାଯାଇଛି ଜାଗା ଦେଲେ ନୂଆ ୟାର୍ଡ଼ ନିର୍ମାଣ କରାଯିବ ଓ ତୁରନ୍ତ ମଇଳା ଉଠିବ। ଅପରପକ୍ଷରେ କରଞ୍ଜିଆ ଡାକ୍ତରଖାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ଲୋକଙ୍କ ସ୍ୱାସ୍ଥ୍ୟ ସହିତ ପ୍ରଶାସନ ଖେଳ ଖେଳୁଥିବାରୁ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଉଛି। ତୁରନ୍ତ ମଇଳା ଉଠାଇବାକୁ ଦାବି କରିଛନ୍ତି।





## ସୁବର୍ଣ୍ଣ ଜୟନ୍ତୀ ପାଇଁ ପୂର୍ବତନ କର୍ମଚାରୀଙ୍କ ବୈଠକ

କାଳିପଦା, ୨।୧୧(ସମିସ): ଜାମଶୂଳୀ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଇଁ ଶନିବାର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ପୂର୍ବତନ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣ ଜୟନ୍ତୀର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପାଣ୍ଠି ସଂଗ୍ରହ, ସ୍ମରଣିକା ପ୍ରକାଶନ, ଅତିଥି ଚୟନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ କର୍ମଚାରୀମାନେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରାକ୍ତନ ଅଧ୍ୟକ୍ଷ ସୁରେଶଚନ୍ଦ୍ର ପାତ୍ର, ଶଙ୍କର ଚରଣ ଜେନା, ଭାଗବତ ଦାସ, ଉମାକାନ୍ତ ପାତ୍ର, ମୃତ୍ୟୁଞ୍ଜୟ ଅଧିକାରୀ, ଶ୍ରୀନିବାସ ପଣ୍ଡା, ଉମେଶ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟପକ ହେମନ୍ତ କୁମାର ଦାସ, ପର୍ଶୁରାମ ଜେନା ,ଶଙ୍କର ଚରଣ ରାଉତ, ପ୍ରଶାନ୍ତ କୁମାର ଦାସ, ପ୍ରଶାନ୍ତ କୁମାର ବରାଳ, ଗୋବର୍ଦ୍ଧନ ଦଳାଇ, ଶ୍ରୀକାନ୍ତ କମିଲା, ବିମ୍ବାଧର ସି, ଚାରୁଚନ୍ଦ୍ର ସିଂ, ନିତ୍ୟାନନ୍ଦ ସେନାପତି, କମଳାକାନ୍ତ ସାହୁ, ଅନାଦି ଚରଣ ପାତ୍ର, ହରେକୃଷ୍ଣ ନାୟକ, ଭାଗବତ ଗିରି, ପଦ୍ମାବତୀ ଦାସ, ପ୍ରାଧ୍ୟାପକ ଶକ୍ତିପ୍ରସନ୍ନ ଚାନ୍ଦ, ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଡ ଶିବନାରାୟଣ ମହାପାତ୍ର, ଡ ସୁକାନ୍ତ କୁମାର ଗିରି, ପରମାନନ୍ଦ ମହାନ୍ତି, ବଂଶୀଧର ନାୟକ, ମୁଖ୍ୟ କିରାଣି ଗୋପୀନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ବଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

